নিରপେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ଗୁରୁବାର ୧୫ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 15 MAY 2025
Vol.No. 36 ■ No.128 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ରାଜ୍ୟ କ୍ୟାବିନେଟର ନୂଆ ନିଷ୍ପତ୍ତି: ଶିକ୍ଷାନୁଷ୍ଠାନରେ ଲାଗୁ ହେବ ନୂଆ ସଂରକ୍ଷଣ

ଭୁବନେଶ୍ୱରଭୁବନେଶ୍ୱର, ୧୪/୫ (ନି.ପ୍ର): ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାର ନୂଆ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ଲାଗୁ ନେଇ ନିଷ୍ପତ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସାମାଜିକ ଓ ଆର୍ଥିକ ଭାବେ ପଛୁଆ ପିଲାଙ୍କ ପାଇଁ ଶିକ୍ଷା ଗ୍ରହଣ ଓ ଚାକିରି କ୍ଷେତ୍ରରେ ନୂଆ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ। ଅନୁସୂଚିତ ଜାତି ଓ ଜନଜାତି ପାଇଁ ଯାହା ସଂରକ୍ଷଣ ବ୍ୟବସ୍ଥା ଥିଲା ରହିବ। ଉଚ୍ଚ ଶିକ୍ଷା ବିଭାଗ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସାମାଜିକ ଓ ପଛୁଆ



ବର୍ଗ ପାଇଁ ନାମ ଲେଖାରେ ୧୧.୨୫ ପ୍ରତିଶତ ସଂରକ୍ଷଣ ରହିବ। ଚଳିତ ଶିକ୍ଷା ବର୍ଷରୁ ଏହା ଲାଗୁହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ଛାତ୍ରଛାତ୍ରୀଙ୍କ ନାମଲେଖାରେ ୧୧.୨୫% ଆସନ ସଂରକ୍ଷଣ ଲାଗୁ ହେବ। ଚଳିତ ଶିକ୍ଷା ବର୍ଷରୁ ଏହା ଲାଗୁ ହେବ। ଉଚ୍ଚ ସ୍ନାତକ, ସ୍ନାତକତୋର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ବିପି ଏଡ୍/ଏମ ପି ଏ ଡ୍ ପାଠ୍ୟକ୍ରମରେ ଲାଗୁ କରାଯିବ। ଅନୁଷ୍ଠାନରେ ଜନଜାତି ଛାତ୍ର ଛାତ୍ରୀ ପାଇଁ ୨୨.୦୫% , ଅନୁସୂଚିତ ଜାତି ୧୬.୨୫%, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ପାଇଁ ୫%ଓ ପୂର୍ବତନ ସେନାନଙ୍କ ପାଇଁ ପରିବାର ସଦସ୍ୟ ପାଇଁ ୧%ଆସନ ସଂରକ୍ଷଣ ପ୍ରଚଳନ ହେବ। ବିଗତ ଦିନରେ ନେତୃତ୍ୱ ନେଉଥିବା ସରକାର ବିଫଳ ହୋଇଥିଲେ।ରାଜନୈତିକ ଅଭିସନ୍ଧି ଭାବେ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ବାସ୍ତବତା ଦୂରରେ ଥିଲା। ନୂଆ ସରକାର ସାମ୍ବିଧାନିକ ଅଧିକାର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଦକ୍ଷତା ଓ ବୈଷୟିକ ବିଭାଗରେ ନିୟମାବଳୀ ସଂଶୋଧନ କରିଛନ୍ତି। ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମିଳିତ ଭାବେ କାର୍ଯ୍ୟ କରିବ। ଯୋଜନା ଅଧୀନରେ ସହାୟତା ବୃଦ୍ଧି କରାଯାଇଛି। ଆଗାମୀ ୫ ବର୍ଷ ପାଇଁ ୧୬୨୩ କୋଟି ୧୦ ଲକ୍ଷ ଅନୁମୋଦନ କରାଯାଇଛି। ଗତ ଏପ୍ରିଲ ୧ ତାରିଖ ଠାରୁ ଏହା ଲାଗୁ କରାଯାଇଛି।

▶▶ପୃଷ୍ଠା ୭

# ପାରାଦୀପରେ ୨୧ ପାକିସ୍ତାନୀ ନାଗରିକ: ସମୁଦ୍ର ଭିତରେ ଲଙ୍ଗର ପକାଇଛି ତୈଳବାହୀ ଭେସେଲ୍

ପାରାଦୀପ, ୧୪/୫ (ନି.ପ୍ର): ବନ୍ଦର ନଗରୀ ପାରାଦୀପରେ ହଇଚଇ। କାରଣ ଭାରତ-ପାକିସ୍ତାନ ତିକ୍ତତା ଭିତରେ ପାରାଦୀପ ସମୁଦ୍ରରେ ପହଞ୍ଚିଥିବା ଏକ ପଣ୍ୟବାହୀ ଜାହାଜରେ ପହଞ୍ଚିଛନ୍ତି ୨୧ ପାକିସ୍ତାନୀ ନାଗରିକ। ସଂପୃକ୍ତ ପାକିସ୍ତାନୀଙ୍କ ପରିଚୟ କ'ଣ ? ଜାହାଜରେ ସେମାନଙ୍କ ଦାୟିତ୍ୱ କ'ଣ? ସେନେଇ ବଢ଼ିଛି ସସପେନ୍ସ। ହଂକଂ ଫ୍ଲାଗସିପର ଏହି ଜାହାଜଟି ସାଉଥ କୋରିଆରୁ ସିଂଗାପୁର ଦେଇ ପହଞ୍ଚିଛି ପାରାଦୀପରେ। ଯେଉଁଥିରେ ଥିବା ୨୧ ପାକିସ୍ତାନୀ ନାଗରିକଙ୍କୁ ଓହ୍ଲାଇବାକୁ ମନା



କରାଯାଇଛି। ତା ସହିତ ଜାହାଜ ଉପରେ ରହିଛି ପୋଲିସ୍ ଓ କୋଷ୍ଟଗାର୍ଡ ର କଡ଼ା ନଜର। ପାରାଦୀପ ସମୁଦ୍ର ଭିତରେ ଆତଙ୍କୀସ୍ତାନର ନାଗରିକଙ୍କୁ ନେଇ ହଲଚଲ୍। ଜାହାଜରେ ଆସିଥିବା ୨୧ ପାକିସ୍ତାନୀଙ୍କୁ ନେଇ ଆତଙ୍କ। ସମୁଦ୍ର କୂଳରେ ପୋଲିସର କଡ଼ା ପହରା। ସମୁଦ୍ର ଭିତରେ ବି ଘନ ଘନ ପଇଁତରା।

▶▶ପୃଷ୍ଠା ୭

# ଓଡ଼ିଶାରେ ବିକଶିତ ହେଲା କାଉଣ୍ଟର-ଡ୍ରୋନ୍ ସିଷ୍ଟମ୍: 'ଭାର୍ଗବାସ୍ତ୍ର', ଶକ୍ତିଶାଳୀ ହେବ ଏୟାର ଡିଫେନ୍ସ

ଭୁବନେଶ୍ୱର, ୧୪/୫ (ନି.ପ୍ର): ଆହୁରି ଶକ୍ତିଶାଳୀ ହେବ ଭାରତର ଏୟାର ଡିଫେନ୍ସ ସିଷ୍ଟମ। ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନାର ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମର ଉଦାହରଣ ସମଗ୍ର ବିଶ୍ୱ ଦେଖିଥିଲା। ଭାରତର ଉତ୍ତର ଓ ପଶ୍ଚିମ ପ୍ରାନ୍ତରେ ସୁରକ୍ଷା ପ୍ରାଚୀର ଭଳି ଠିଆ ହୋଇଥିଲେ ଏସ ୪୦୦ ସୁଦର୍ଶନ ଚକ୍ର ସହ ଆକାଶ, ପେଚୋରା ଗ୍ରୀଡ୍ ଏୟାର ଡିଫେନ୍ସ ସିଷ୍ଟମ। ଏହା ସହିତ ଏବେ ଯୋଡି ହୋଇଯିବ ଆଉ ଏକ ଅସ୍ତ୍ର। ଏହାର ନାମ ହେଉଛି ଭାର୍ଗବାସ୍ତ୍ର। ଏହା ଏକ କାଉଣ୍ଟର-ଡ୍ରୋନ୍ ସିଷ୍ଟମ୍। ମେକ ଇନ




ଇଣ୍ଡିଆ ଯୋଜନାରେ ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ଏହି ଅସ୍ତ୍ର ଯେ କୌଣସି ଡ୍ରୋନକୁ ନଷ୍ଟ କରିବାର କ୍ଷମତା ରଖିଥାଏ। ବୁଧବାର 'ଭାର୍ଗବାସ୍ତ୍ର'ର ସଫଳ ପରୀକ୍ଷଣ ହୋଇଛି। କମ ମୂଲ୍ୟର କାଉଣ୍ଟର-ଡ୍ରୋନ୍ ସିଷ୍ଟମ୍, 'ଭାର୍ଗବସ୍ତ୍ର'କୁ ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଲିମିଟେଡ୍ ଦ୍ୱାରା ଡେଭଲପ କରାଯାଇଛି। ଯାହାକୁ ହାର୍ଡ କିଲ୍ ମୋଡରେ ଡିଜାଇନ୍ କରାଯାଇଛି।

▶▶ପୃଷ୍ଠା ୭

## ଏବେ ଓଡ଼ିଶାକୁ ନାହିଁ ବାତ୍ୟା ଭୟ: ସୂଚନା ଦେଲା ଭାରତୀୟ ପାଣିପାଗ ବିଭାଗ

ଭୁବନେଶ୍ୱର, ୧୪/୫ (ନି.ପ୍ର): ଏବେ ଓଡ଼ିଶାକୁ ନାହିଁ ବାତ୍ୟା ଭୟ। ଆଇଏମଡି ପକ୍ଷରୁ ମିଳିଛି ଏହି ସୂଚନା। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶାକୁ ଏବେ ବାତ୍ୟା ଭୟ ନାହିଁ। ମେ ମାସରେ ପୁଣି ଏକ ବାତ୍ୟା ଆସୁଥିବା ନେଇ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଲୋକଙ୍କ ମନରେ ଛନକା ପଶିଛି। ଆସନ୍ତା ୨୩ ରୁ ୨୮ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବା ନେଇ କେତେକ ଗଣମାଧ୍ୟମ ଦର୍ଶାଇଛନ୍ତି। ଏମିତିକି ଆସୁଥିବା ବାତ୍ୟାର ନାଁ ଶକ୍ତି ବୋଲି ରଖାଯିବାକୁ ମଧ୍ୟ ସ୍ଥିର ହୋଇସାରିଥିବା କହିଛନ୍ତି। ହେଲେ ଏବେ ଓଡ଼ିଶାରେ ଆଦୌ ବାତ୍ୟା ସୂଚନା ନାହିଁ ବୋଲି ସ୍ପଷ୍ଟ କରିଛି ଭାରତୀୟ ପାଣିପାଗ ବିଭାଗ। ଏପଟେ ରାଜ୍ୟରେ କଳବଲ କରୁଛି ତାତି, ଆଜି ତାଣ୍ଡବ ରଚିବ କାଳବୈଶାଖୀ। ଆଜି ଅଧାରୁ ଅଧିକ ଓଡ଼ିଶାରେ କାଳବୈଶାଖୀର ସମ୍ଭାବନା ରହିଛି। ଏନେଇ ଖୋର୍ଦ୍ଧା, ପୁରୀ , କଟକ , ଜଗତସିଂହପୁର, ଭଦ୍ରକ , ବାଲେଶ୍ୱର , ମୟୂରଭଞ୍ଜ , କେନ୍ଦୁଝର , କେନ୍ଦ୍ରାପଡ଼ା , ଯାଜପୁର , ନୟାଗଡ଼ , ଗଞ୍ଜାମ , ଗଜପତି , ରାୟଗଡ଼ା , କୋରାପୁଟ , ମାଲକାନଗିରି , ନବରଙ୍ଗପୁର , ନୂଆପଡ଼ା , କଳାହାଣ୍ଡି ଓ ବଲାଙ୍ଗୀର ୨୦ ଜିଲ୍ଲାକୁ କାଳବୈଶାଖୀ ସତର୍କତା ନେଇ ୟେଲୋ

▶▶ପୃଷ୍ଠା ୭

## ଭାରତକୁ ବିଏସଏଫ ଯବାନ ହସ୍ତାନ୍ତର କଲା ପାକିସ୍ତାନ

ଚଣ୍ଡିଗଡ, ୧୪/୫ (ନି.ପ୍ର): ପାକିସ୍ତାନ ପ୍ରାୟ ୨୧ ଦିନ ପରେ ବିଏସଏଫ ଯବାନଙ୍କୁ ଆଜି ଭାରତୀୟ ସେନାକୁ ହସ୍ତାନ୍ତର କରିଛି । ଅନେକ ଥର ଫ୍ଲାଗ ମିଟିଂ ପରେ ଆଜି ପାକିସ୍ତାନ ବିଏସଏଫ ଯବାନଙ୍କୁ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲା । ପଶ୍ଚିମବଙ୍ଗର ଯବାନ ପୂରନମ କୁମାର ସା ଏପ୍ରିଲ ୨୩ରେ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ନିକଟରେ ଗସ୍ତ କରୁଥିବାବେଳେ ଅଜାଣତରେ ସୀମା ଅତିକ୍ରମ କରିଥିଲେ। ଏହି ଘଟଣା ପଞ୍ଜାବର ଫିରୋଜପୁର ସେକ୍ଟର ନିକଟରେ ଘଟିଥିଲା। ସେ ବିଏସଏଫର ୭୩ତମ ବଟାଲିଅନରେ ନିଯୁକ୍ତ ଥିଲେ। ସୀମା ପାର କରିବା ମାତ୍ରେ ପାକିସ୍ତାନ ରେଞ୍ଜରମାନେ ତାଙ୍କୁ ଗିରଫ କରିଥିଲେ ଏବଂ ପଚରାଉଚରା ପାଇଁ ନିଜ ହେପାଜତକୁ ନେଇଥିଲେ। ଯବାନ ନିଖୋଜ ହେବା ପରେ ବିଏସଏଫ ପାକିସ୍ତାନ ରେଞ୍ଜରମାନଙ୍କ ସହ ସମ୍ପର୍କ କରିଥିଲା। ଏବଂ ଯବାନ ପାକିସ୍ତାନ ହେପାଜତରେ ଥିବା ସ୍ପଷ୍ଟ ହୋଇଥିଲା । ପୁରନମ କୁମାର ସାଙ୍କ ମୁକ୍ତି ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ଅନେକଥର ଫ୍ଲାଗ୍ ମିଟିଂ ହୋଇଛି। ଏକ ବୈଠକରେ ପାକିସ୍ତାନ ପକ୍ଷରୁ କୌଣସି ପ୍ରତିନିଧି ଉପସ୍ଥିତ ହୋଇନଥିଲେ।

▶▶ପୃଷ୍ଠା ୭

## ଜମ୍ମୁ-କାଶ୍ମୀରରେ ପୁଳାପୁଳା ଅସ୍ତ୍ରଶସ୍ତ୍ର: ଏକେ -୪୭ ସହ ବିପୁଳ ବିସ୍ଫୋରକ ଜବତ



ନୂଆଦିଲ୍ଲୀ, ୧୪/୫ : ଆତଙ୍କୀଙ୍କ ନିକଟରୁ ମିଳିଥିବା ପୁଳା ପୁଳା ଅସ୍ତ୍ରଶସ୍ତ୍ର । ଏହାର ଚିତ୍ର ଏବେ ସାମ୍ନାକୁ ଆସିଛି । ଯେଉଁଥିରେ ରହିଛି ଘାତକ ହତିଆର, ଗୁଳିଗୋଳା ବାରୁଦ, ଏକେ-୪୭ ରାଇଫଲ ସହ ପାକିସ୍ତାନୀ ନୋଟ । ଗତକାଲି ଅପରେସନ କେଲରରେ ୩ଜଣ ଲସ୍କର ଆତଙ୍କୀଙ୍କୁ ନିପାତ କରିଥିଲା ସେନା । ଏହି ସମସ୍ତ ହତିଆରକୁ ଏମାନେ ବ୍ୟବହାର କରୁଥିଲେ । ଗୁଇନ୍ଦା ବିଭାଗ ପକ୍ଷରୁ ମିଳିଥିବା ସୂଚନା

▶▶ପୃଷ୍ଠା ୭

# ଭାରତ ସହ ବେଇମାନୀ କରିବାରୁ 'ବୟକଟ୍ ତୁର୍କୀ' ଅଭିଯାନ ଜୋର: ଆମଦାନୀ ବନ୍ଦ କଲେ ବ୍ୟବସାୟୀ

## ଚୀନ୍ ଓ ତୁର୍କୀ ଉପରେ ଭାରତର ଡିଜିଟାଲ ପ୍ରହାର

ନୂଆଦିଲ୍ଲୀ, ୧୪/୫ : ପାକିସ୍ତାନ ସହ ଲଢ଼େଇ ବେଳେ ଶତ୍ରୁ ଦେଶକୁ ସାହାଯ୍ୟ କରି ଦେଶବାସୀଙ୍କ ଆକ୍ରୋଶରେ ଶିକାର ହୋଇଛି ତୁର୍କୀ । ଭାରତ-ପାକିସ୍ତାନ ଉତ୍ତେଜନା ବେଳେ ଶତ୍ରୁକୁ ଅସ୍ତ୍ରଶସ୍ତ୍ର ଏବଂ ସାଜ ସରଞ୍ଜାମ ଯୋଗାଇ ଦେଇ, ଅନ୍ତର୍ଘାତୀ କାର୍ଯ୍ୟ କରିଥିବା ରାଷ୍ଟ୍ର ବିରୋଧରେ ଆରମ୍ଭ ହୋଇଛି ବୟକଟ୍ ଅଭିଯାନ । ଏ ଅଭିଯାନ କେବେଳ କୁଟନୈତିକ କି ରାଜନୈତିକ ସ୍ତରରେ ନୁହେଁ, ବରଂ ବାଣିଜ୍ୟଠୁ ଆରମ୍ଭ କରି ପ୍ରତ୍ୟେକ ଭାରତୀୟଙ୍କ ପର୍ଯ୍ୟନ୍ତ ସାଧାରଣ ସ୍ତରରେ ପହଞ୍ଚିଛି । ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ




ଭାରତ ସହ ବେଇମାନୀ କରି ଭାରତୀୟଙ୍କ ଆକ୍ରୋଶରେ ତୁର୍କୀ । ଶତ୍ରୁଦେଶକୁ ସହାୟତା, ଆଉ ଅସମୟରେ ସାହାଯ୍ୟ ପାଇ ଭୁଲି ଯାଇଥିବା ତୁର୍କୀକୁ ଭାରତର କଡ଼ା ଜବାବ । କୁଟନୀତିରୁ ରାଜନୀତି, ବାଣିଜ୍ୟରୁ ପର୍ଯ୍ୟଟନ, ଏବେ ତୁର୍କୀ ସହ ସବୁ ସମ୍ପର୍କ ଛିନ୍ନ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି ଦେଶବାସୀ । ମେ' ୭ରେ ଭାରତ ଯେତେବେଳେ, ପାକିସ୍ତାନଠୁ ପହଲଗାମ୍ ଆକ୍ରମଣର ବଦଲା ନେଉଥିଲା,

▶▶ପୃଷ୍ଠା ୭

## ଭାରତୀୟ ଅଧିକାରୀଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ ଦେଲା ପାକିସ୍ତାନ

ନୂଆଦିଲ୍ଲୀ, ୧୪/୫ : ଭାରତର ଅପରେସନ ସିନ୍ଦୂରରେ ଭୟଭୀତ ଓ ଆତଙ୍କବାଦୀଙ୍କ ପୋଷକ ପାକିସ୍ତାନ ଏବେ ଇସଲମାବାଦ ସ୍ଥିତ ଭାରତୀୟ ଉଚ୍ଚାୟୋଗର ଜଣେ ଅଧିକାରୀଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାକିସ୍ତାନ ତାଙ୍କ ଉପରେ ଗୁପ୍ତଚର କାମ କରୁଥିବାର ଅଭିଯୋଗ ଆଣିଛି । ପାକିସ୍ତାନର ବିଦେଶ ମନ୍ତ୍ରଣାଳୟ ୧୩ ମେର ଏହି ନିର୍ଦ୍ଦେଶକୁ ତାଙ୍କର ଆଧିକାରିକ ଏକ୍ସ ଆକାଉଣ୍ଟରେ ସେୟାର କରିଛି। ପାକିସ୍ତାନର ବିଦେଶ ମନ୍ତ୍ରଣାଳୟ ଲେଖିଛି, 'ଭାରତୀୟ ଉଚ୍ଚାୟୋଗ, ଇସଲମାବାଦରେ ଥିବା ଜଣେ କର୍ମଚାରୀଙ୍କୁ ତାଙ୍କର ବିଶେଷ ଅଧିକାର ଥିବା ପଦବୀ ସହ ସମ୍ମତି ନହୋଇଥିବା କାର୍ଯ୍ୟକଳାପରେ ଲିପ୍ତ ଥିବା ପାଇଁ ଅବାଞ୍ଛିତ ବ୍ୟକ୍ତି ଘୋଷଣା କରାଯାଇଛି।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା ଶେଷ: ୨୮ରେ ପ୍ରକାଶ ପାଇବ ରାୟ

ପାଟଣାଗଡ, ୧୪/୫ (ନି.ପ୍ର): ବହୁଚର୍ଚ୍ଚିତ ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବୁଧବାର ଉଭୟ ପକ୍ଷର ଓକିଲଙ୍କ ମଧ୍ୟରେ ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିତର୍କ ପ୍ରକିୟା ଶେଷ ହୋଇଯାଇଛି। ଆସନ୍ତା ୨୮ରେ ଏହି ମାମଲାର ରାୟ ପ୍ରକାଶ ପାଇବ। ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ କ'ଣ ଦଣ୍ଡ ମିଳିବ, ଯଦି ମିଳିବ ତା'ହେଲେ କି ପ୍ରକାର ଦଣ୍ଡ ମିଳିବ ଏବେ ତା'ଉପରେ ସମସ୍ତଙ୍କର ନଜର ରହିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗୀର ଜେଲରୁ ଆଜି ମଧ୍ୟ କଡ଼ାସୁରକ୍ଷା ବଳୟ ଭିତରେ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। କୋର୍ଟରେ ଉଭୟ ପକ୍ଷର ଓକିଲ ଶେଷ ପ୍ରକ୍ରିୟାର ବିତର୍କ କରିଥିଲେ। ଏହି ବିତର୍କକୁ ଶୁଣିବା ପାଇଁ ପୁଞ୍ଜିଲାଲ ପରିବାର ବର୍ଗ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ପୀଡ଼ିତା ପରିବାରଙ୍କ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋଙ୍କ କହିବା ଅନୁସାରେ, ଅଭିଯୁକ୍ତଙ୍କ ବିରୋଧରେ ଯାହାସବୁ ତଥ୍ୟ ମିଳିଥିଲା ତାକୁ ଆମେ ସମ୍ପୂର୍ଣ୍ଣ ଭାବରେ ତଥ୍ୟ ଆଧାରରେ କୋର୍ଟରେ ପ୍ରମାଣ କରିଛୁ। ଠିକ୍ ଭାବରେ ତଦନ୍ତ ପ୍ରକିୟା ହୋଇଛି। ଏପରିକି ଯାହା ଆମେ ଉପସ୍ଥାପନ କରିଛୁ ନ୍ୟାୟ ପାଇବା ନିଶ୍ଚିତ ବୋଲି କାନୁନ୍ ?ଗୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ରଙ୍କ କହିବା ଅନୁସାରେ ବିତର୍କ ପ୍ରକିୟା ସରିଯାଇଛି। ଖୁବ୍‌ଶୀଘ୍ର କୋର୍ଟ ନିଜର ଫଇସଲା ଶୁଣାଇବେ। ପୁଞ୍ଜିଲାଲଙ୍କୁ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଚାପଗ୍ରସ୍ତ ହୋଇ ଫସାଇଦେଇଛି। କ୍ରାଇମବ୍ରାଞ୍ଚ ଅନ୍ୟଦିଗ ଉପରେ ତଦନ୍ତ ନ କରି ଆକ୍ରେଶମୂଳକ ଭାବରେ ପୁଞ୍ଜିଲାଲଙ୍କୁ କାଠଗଡ଼ାକୁ ଟାଣିବା ସହ ନିଜ କାମ ସାରିଦେଇଛି। ପୁଞ୍ଜିଲାଲଙ୍କ ବିରୋଧରେ ଯେତିକି ଅଭିଯୋଗ ଆସିଥିଲା ତା'ଠାରୁ ଅନ୍ୟମାନଙ୍କ ଉପରେ ଅଧିକ ଅଭିଯୋଗ ଥିଲା। କିନ୍ତୁ ପୋଲିସ ମଧ୍ୟ ଚାପଗ୍ରସ୍ତ ହୋଇ ସେମାନଙ୍କୁ ତଦନ୍ତ ପରିସରକୁ ଆଣି ମଧ୍ୟ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିଲା। ତେଣୁ ତଦନ୍ତ ଠିକ୍ ବାଟରେ ହୋଇ ନ ଥିବା ପୁଞ୍ଜିଲାଲଙ୍କ

▶▶ପୃଷ୍ଠା ୭

## 'ଅପରେସନ ସିନ୍ଦୂର' ପରେ ଭାରତର ଅଜେୟ ଯୁଦ୍ଧାସ୍ତ୍ର ଉପରେ ବିଶ୍ୱର ଆଖି, ସବୁଠୁ ବେଶି ରହିଛି ବ୍ରହ୍ମୋସର ଡିମାଣ୍ଡ

ନୂଆଦିଲ୍ଲୀ, ୧୪/୫ : ଅପରେସନ୍ ସିନ୍ଦୂରରେ ପ୍ରଚଣ୍ଡ ପରାକ୍ରମକୁ ଦେଖି ଭାରତର ଅଜେୟ ଯୁଦ୍ଧାସ୍ତ୍ର ଉପରେ ଏବେ ସାରା ବିଶ୍ୱର ଆଖି । ବିଶ୍ୱ ଅସ୍ତ୍ର ବଜାରରେ ସବୁଠୁ ଅଧିକ ଡିମାଣ୍ଡ ବ୍ରହ୍ମୋସ୍ତର । ଭାରତଠୁ ବ୍ରହ୍ମୋସ କିଣିବାକୁ ୧୭ଟି ଦେଶ ଏବେ ଲାଇନରେ ଅଛନ୍ତି । କେବଳ ସେତିକି ନୁହେଁ ମେଡ୍ ଇନ୍ ଇଣ୍ଡିଆ ପ୍ରତିରକ୍ଷା ସାମଗ୍ରୀର ଏତେ ଡିମାଣ୍ଡ




ଯେ ୨୦୨୪-୨୫ ବର୍ଷରେ ଭାରତର ଯୁଦ୍ଧାସ୍ତ୍ର ରପ୍ତାନି ରେକର୍ଡ ୨୩ ହଜାର ୬୨୨ କୋଟି ଟଙ୍କାରେ ପହଞ୍ଚିଛି । ବଢ଼ୁଥିବା ଚାହିଦାକୁ ୨୦୨୯ ସୁଦ୍ଧା ଯୁଦ୍ଧାସ୍ତ୍ର ରପ୍ତାନୀକୁ ୫୦ ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି ଭାରତ। ଅପରେସନ୍ ସିନ୍ଦୂରର ଭୟଙ୍କର ପ୍ରହାରରେ ପାକିସ୍ତାନ ଚିତ୍ । ଆମ ସ୍ୱଦେଶୀ ଯୁଦ୍ଧାସ୍ତ୍ରର ଅଚୁକ୍ ଲକ୍ଷ୍ୟଭେଦ ଓ ଭୀଷଣ ତାଣ୍ଡବକୁ ଦେଖି ବିଶ୍ୱ ବି ତାଜୁବ୍ । ସେ ଆମେରିକା ନିର୍ମିତ ଏଫ୍ ୧୬ ଯୁଦ୍ଧବିମାନଠୁ ନେଇ ଚୀନ୍ ନିର୍ମିତ

▶▶ପୃଷ୍ଠା ୭

# 'ମଧୁଲିତା'ର ବୋଉ ବ୍ରହ୍ମାଣ୍ଡ ଉତ୍ସବ ପାଳିତ

## ମା' ମନ୍ଦିରଠୁ ମହାନ୍ ଓ ସର୍ବ ଦେବାଦେବୀଠୁ ଗରିୟାନ୍




ଭୁବନେଶ୍ୱର ,୧୪/୫(ନି. ପ୍ର): "ବୋଉର ବିକଳ୍ପ ନାହିଁ । ବୋଉ ବସୁଧା ଠୁ ବଡ଼ । ମା' ମନ୍ଦିର ଠୁ ମହାନ୍ ସର୍ବ ଦେବାଦେବୀଠାରୁ ଗରିୟାନ୍ ।" ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ "ମଧୁଲିତା" ପାରିବାରିକ ପତ୍ରିକା ପକ୍ଷରୁ ଆୟୋଜିତ "ବୋଉ ବ୍ରହ୍ମାଣ୍ଡ ଉତ୍ସବ-୨୦୨୫"ରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି ।

ଏହି ଉତ୍ସବକୁ ଉଦ୍‌ଘାଟନ କରି ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଓଡ଼ିଶାରେ ମା'କୁ "ବୋଉ" ଡାକର ମଧୁରତା ଓ ବୋଉର ମହନୀୟତା ଓ ଶ୍ରେଷ୍ଠତା ଉପରେ ଆଲୋକପାତ କରି କହିଲେ, "ପରିବର୍ତ୍ତିତ ପରିସ୍ଥିତିରେ ବୃଦ୍ଧାବସ୍ଥାରେ ମା'ର ସମ୍ମାନ ଓ ଯତ୍ନନେବା ଏକ ଆହ୍ୱାନ ଭାବେ ଆମ ସାମ୍ନାରେ ଉପନୀତ । ମା'ର ଯତ୍ନ ନେବା ଜଣେ ଉତ୍ତମ ପୁତ୍ରର କର୍ତ୍ତବ୍ୟ । ଏଥିପାଇଁ ଜନ ସଚେତନତା ଆବଶ୍ୟକ ।" ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଖଲିକୋଟ ବିଶ୍ୱବିଦ୍ୟାଳୟରେ ପ୍ରାକ୍ତନ କୁଳପତି ପ୍ରଫେସର ଡ଼. ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟବକ୍ତା, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ଼. ଝୁମ୍‌କି ରଥ, ବିଶିଷ୍ଟ ଅତିଥି, ଦୂରଦର୍ଶନ ଖବର ପାଠିକା କଳ୍ପନା ମିଶ୍ର ଓ କିମ୍‌ସ୍ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ମୌସୁମୀ ଆଚାର୍ଯ୍ୟ, ସମ୍ମାନୀତା ଅତିଥି ଭାବେ ଯୋଗଦାନ କରି ପ୍ରତ୍ୟେକଟି ସନ୍ତାନ ବୃଦ୍ଧାବସ୍ଥାରେ ମା' ପ୍ରତି ସମ୍ବେଦନଶୀଳ ଓ ଶ୍ରଦ୍ଧାଶୀଳ ଆଚରଣ ସହ ଉପଯୁକ୍ତ ସମ୍ମାନ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ସମାଜସେବୀ ଓ ସାହିତ୍ୟିକା ମଧୁଲିତା ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କବୀ କ୍ଷଣପ୍ରଭା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜଲକ୍ଷ୍ମୀ ଚୌଧୁରୀ ଓ ଜ୍ୟୋସ୍ନା ପାତ୍ରଙ୍କୁ "ଶ୍ରେଷ୍ଠ ମା' ସମ୍ମାନ"ରେ ସମ୍ମାନିତ କରାଯାଇଥିଲା । ପ୍ରଥମ ଅଧିବେଶନରେ "ବୋଉ" ଉପରେ ଆଧାରିତ କବିତା ପାଠୋତ୍ସବକୁ କବୀ ବିମଳା ସିଂହ ଓ କବୀ ମିନତୀ ମିଶ୍ର ସଂଯୋଜନା କରିଥିଲେ । "ମା' ପରି କିଏ ହେବ" ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ସାଗରିକା ପଟ୍ଟନାୟକ ଓ ଶେଷରେ ଅଧ୍ୟାପକ ହରେକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସେବା

କେନ୍ଦ୍ରାପଡା,୧୪/୫(ନି. ପ୍ର): କେନ୍ଦ୍ରାପଡାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଆରମ୍ଭ କରିଛି 'ଶୀତଳ ବାମ୍ଫ' କାର୍ଯ୍ୟକ୍ରମ । ପ୍ରଥମେ ଓଦା କପଡାରେ କର୍ପୁର, ଅଗରୁ ଓ ଚନ୍ଦନ ମିଶାଇ ବାଟୋଇ ମାନଙ୍କୁ ଶୀତଳ ବାମ୍ଫ ଦେବା ପରେ ଥଣ୍ଡା ପାନୀୟ ପିଇବାକୁ ଦିଆଯାଏ । ତାପରେ ଥଣ୍ଡା ପାଉଡର ଛାଞ୍ଚନ କରାଯାଇଥାଏ । ଯାହାଦ୍ୱାରା ବାଟୋଇ ମାନେ ଖରାରୁ ଆଶ୍ୱସ୍ତି ଲାଭ କରିଥାନ୍ତି । ଏହି କାର୍ଯ୍ୟକ୍ରମଟି ଆସନ୍ତା ରଜ ପର୍ଯ୍ୟନ୍ତ ଚାଲିବ ବୋଲି ଟ୍ରଷ୍ଟ ପକ୍ଷରୁ ଧାର୍ଯ୍ୟ କରାଯାଇଛି । ପ୍ରଥମ ଦିନରେ ଶତାଧିକ ବାଟୋଇ ଏହି ନିଃଶୁଳ୍କ ସେବାର ଆନନ୍ଦ ଉଠାଇ ଟ୍ରଷ୍ଟର କାର୍ଯ୍ୟକର୍ତା ମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଏହି ସେବା ତୁଳସୀ କ୍ଷେତ୍ରରେ ଆରମ୍ଭ କରାଯାଇଥିବାରୁ ସାଧାରଣ ବ୍ୟକ୍ତି ଏହାର ଲାଭ ଉଠାଉ ଥିବାରୁ ଟ୍ରଷ୍ଟକୁ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତିଙ୍କ ସମେତ ଉପସଭାପତି ରଶ୍ମୀ ରଞ୍ଜନ ବାରିକ, ମନୋଜ କୁମାର ରାଉତ, ନିଶିକାନ୍ତ ବେହେରା, ଅହୀତ୍ରାସୁ ବେହେରା, ଗୋବିନ୍ଦ କର, ଜଗୁ ଜେନା, ଜଗା ଦାସ ଓ ଗୁଡୂ ବାରିକ୍ ସହଯୋଗ କରୁଛନ୍ତି ।

# ଶୀତଳଷଷ୍ଠୀ ପାଇଁ ମୁଖ୍ୟମନ୍ତ୍ରୀ ୧ କୋଟି ୮ ଲକ୍ଷ ଟଙ୍କାର ସହାୟତା କଲେ ଘୋଷଣା

ସମ୍ବଲପୁର,୧୪/୫(ନି. ପ୍ର): ଦେବାଧିଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀ ଙ୍କର ଅଲୌକିତ ବିବାହୋତ୍ସବ "ଶୀତଳ ଷଷ୍ଠୀ" ଯାତ୍ରା ଓଡ଼ିଆ ସଂସ୍କୃତି, ପରମ୍ପରାର ଅନନ୍ୟ ବିଭବ । ଏହାର ପ୍ରଚାର, ପ୍ରସାର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୧ କୋଟି ୮ ଲକ୍ଷ ଟଙ୍କାର ପାଣ୍ଠି ଘୋଷଣା କରିଛନ୍ତି । ଏହି ଆର୍ଥିକ ଅନୁଦାନ ସମ୍ବଲପୁରର ବିଭିନ୍ନ ଶୀତଳ ଷଷ୍ଠୀ ଯାତ୍ରା କମିଟି ଏବଂ ଅନୁଷ୍ଠାନମାନଙ୍କୁ ପ୍ରଦାନ କରିବାକୁ ନିଷ୍ପତି ହୋଇଛି । ବିଜେପି କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ଙ୍କ ସୂଚନା ମୁତାବକ ସମ୍ବଲପୁର ସହର ଓ ଏହାର ଉପକଣ୍ଠ ରେ ହେଉଥିବା ୨୧ ଗୋଟି ଶିବ ପାର୍ବତୀ ବିବାହୋତ୍ସବ ଶୀତଳ ଷଷ୍ଠୀ କମିଟି ଓ ଆୟୋଜକ ଙ୍କୁ ମିଳିବ ଏହି ୧ କୋଟି ୮ ଲକ୍ଷ ଟଙ୍କା ର ଆର୍ଥିକ ଅନୁଦାନ । ତେବେ ସମ୍ବଲପୁର ପ୍ରସିଦ୍ଧ ଶୀତଳ ଷଷ୍ଠି ଯାତ୍ରାର ସର୍ବ ପୁରାତନ ମୋଦିପଡା, ଝାଡୁଆପଡା ଓ ନନ୍ଦପଡା କମିଟିକୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଥିବା ବେଳେ ଅନ୍ୟ ସବୁ କମିଟିକୁ ଗୁରୁତ୍ୱ ଦେଖି ୧୦ ରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ରାଶି ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଏନେଇ ଧନ୍ୟବାଦ ଅର୍ପଣ କରି ଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ ପ୍ରମୁଖ । ଅନ୍ୟ ପଟରେ ଶୀତଳ ଷଷ୍ଠି ଅନୁଦାନ ରାଶି ପାଇଁ ରାଜ୍ୟ ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଙ୍କ ଅବଦାନକୁ ମଧ ବିଭିନ୍ନ ମହଲରେ ସ୍ୱାଗତ କରିଛନ୍ତି ।

# କଲମପୁର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା,୧୪/୫ (ନି. ପ୍ର): କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୭୮ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧରୁ ବ୍ୟକ୍ତିଗତ ୬୦ ଗୋଟି ଓ ସାମୂହିକ ୧୮ ଗୋଟି ରହିଥିବା ବେଳେ ୨୨ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା । ଏହି ଶିବିରରେ ଘରଡିହ, ଭତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜୀବୁନ ନିଶା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଡି ଆର୍ ସି ଏସ୍ ପ୍ରମୋଦ କୁମାର ସାହୁ ଡେପୁଟି କଲେକ୍ଟର ଚିତ ରଞ୍ଜନ ପିଲା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଙ୍କ ସମେତ ସ୍ଥାନୀୟ ପଂଚାୟତ ସମିତି ଅଧ୍ୟକ୍ଷ, ବି. ଡି.ଓ. , ତହସିଲଦାର,ପି ଆର ଆଇ ସଭ୍ୟ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ୭୦୦ ଏକର ଜମି ଉପରେ ହୋଇଥିବା ବେଆଇନ ଚୁଙ୍ଗୁଡି ଘେରି ଭଙ୍ଗା ହେବ

କେନ୍ଦ୍ରାପଡା,୧୪/୫(ନି. ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ର ସମୁଦ୍ର କୂଳ ଅଂଚଳରେ ହୋଇଥିବା ବେଆଇନ ଚୁଙ୍ଗୁଡି ଘେରି ଗୁଡିକ ପରିବେଶକୁ ପ୍ରଦୂଷଣ କରିବା ସହ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବାରୁ ଭଙ୍ଗାଯିବ ବୋଲି ଜଣାପଡିଛି । ଆଜି ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ସ୍ଥାୟୀନ ତହସିଲଦାର ଅମୀୟ କେତନ ସ୍ୱାଇଁ ଓ ଅନ୍ୟ କର୍ମକର୍ତାଙ୍କ ସହ ଘଟଣା ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ । ୭୦୦ ରୁ ଉର୍ଦ୍ଧ୍ୱ ଏକର ଜମି ଉପରେ ଚୁଙ୍ଗୁଡି ମାଫିଆ ମାନେ ବେଆଇନ ଭାବେ ଚୁଙ୍ଗୁଡି ଘେରି କରି କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କିବା ସହ ବେଆଇନ କାର୍ଯ୍ୟରେ ଲିପ୍ତ ଥିବାରୁ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଉଛି । ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବାପରେ ଉପ ଜିଲ୍ଲାପାଳ ଶ୍ରୀ ନାୟକ ରଙ୍ଗଣୀ, ତାଳଚୁଆ, ଡାଙ୍ଗମାଳ, ଜଗତ ଯୋରୀ ପ୍ରଭୃତି ଅଂଚଳ ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ବହୁ ବର୍ଷ ପୂର୍ବେ ବିଶ୍ୱ ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ସହାୟତା ରେ କରାଯାଇଥିବା ଚୁଙ୍ଗୁଡି ଘେରି ପ୍ରକଳ୍ପ ବନ୍ଦ ହୋଇଯିବା ପରେ ଏହି ଘେରି ଅଂଚଳକୁ ମାଫିଆ ମାନେ ପୁନର୍ବାର ଖୋଲି ବେଆଇନ ଭାବେ ବିନା ଅନୁମତି ରେ ଘେରି କରି ପ୍ରଚୁର ମୁନାଫା ଅର୍ଜନ କରୁଛନ୍ତି । ଏହି ଘେରି ହେବା ଫଳରେ ପରିବେଶ ପ୍ରଦୂଷଣ ହେବା ସହ ଜଳବାୟୁର ପରିବର୍ତନ ଘଟି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଛି ।

# ସଖୀ ଦେଖଗୋ ରାଧାମାଧବ ବେଶ

ପୁରୀ,୧୪/୫(ନି. ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟଲୀଳା ଜଗନ୍ନାଥ ଧାମରେ ଦେଖିବାକୁ ମିଳେ । ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଗରମ ଯୋଗୁ ଚନ୍ଦନ କୁଣ୍ଡରେ ବୁଡି ରହିବା ଓ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବା ପରେ ଶ୍ରୀମନ୍ଦିରକୁ ଫେରିଥାନ୍ତି । ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ୨୧ ଦିନ ଓ ଭିତର ଚନ୍ଦନଯାତ୍ରା ୨୧ ଦିନ ଏପରି ୪୨ ଦିନ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହାକୁ ଚନ୍ଦନଜାତ ବା ଗନ୍ଧଲେପନ ଯାତ୍ରା କୁହାଯାଏ । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ, ବଳରାମ, ସୁବର୍ଣ୍ଣ ଲକ୍ଷ୍ମୀ ପ୍ରତିମା ଓ ରୌପ୍ୟ ସରସ୍ୱତୀ ପ୍ରତିମା ବାହାର ଚନ୍ଦନ ପାଇଁ ଶ୍ରୀମନ୍ଦିରରୁ ବିମାନରେ ନରେନ୍ଦ୍ର ପୁଷ୍କରିଣୀ ଚନ୍ଦନ ଚକଡାକୁ ବିଜେ କରିଥାନ୍ତି । ମଣିବିମାନରେ ମଦନମୋହନ,ଶ୍ରୀଦେବୀ ଓ ଭୂଦେବୀ ବିଜେ କରି ହଲି ହଲି ଓ ଝୁଲି ଝୁଲି ବଡଦାଣ୍ଡରେ ଯିବା ସମୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ବିମାନ ଆଗରେ ଭକ୍ତ ଓ ସେବାୟତ ମାନେ ଦେଖଗୋ ସଖୀ ରାଧାମାଧବ ବେଶ ଗୀତ ବୋଲିଥାନ୍ତି । ବିମାନ ପଛ ପାଲିଙ୍କିରେ କୃଷ୍ଣ ଓ ବଳରାମ ବିଜେ କରନ୍ତି । ପ୍ରଭୁଙ୍କ ସୁରକ୍ଷା ଦାୟିତ୍ୱରେ ପଂଚୁପାଣ୍ଡବ ରୂପେ ପରିଚିତ ପଂଚ ମହାଦେବ ଶ୍ରୀଲୋକନାଥ, ଶ୍ରୀଜମ୍ବେଶ୍ୱର, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀ ନୀଳକଣ୍ଠେଶ୍ୱର ବିଜେ କରିଥାନ୍ତି । ଏପରି ୧୦ ଗୋଟି ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡା କରନ୍ତି । ପୁଷ୍କରିଣୀ କୂଳରେ ହୋଇଥିବା ଛାମୁଣ୍ଡିଆ ତଳେ ରୂପା ପିଙ୍ଗଣରେ ଥିବା ସୁବାସିତ ଜଳରେ ପଦ ଧୌତ କରିଥାନ୍ତି । ନନ୍ଦା ଓ ଭଦ୍ରା ଦୁଇଟି ଚାପ ନୌକା ପୁଷ୍ପ ସୁସଜ୍ଜିତ ହୋଇ ରହିଥାନ୍ତି । ନୌକାରେ ଥିବା ରୂପା ସିଂହାସନରେ ମଦନମୋହନ, ଭୂଦେବୀ,ଶ୍ରୀଦେବୀଙ୍କ ସମେତ କୃଷ୍ଣ ଓ ବଳରାମ ଉପବେଶନ କରି ନରେନ୍ଦ୍ର ଦୀପଦାଣ୍ଡି ଚାରିପଟ ନୌକାବିହାର କରିଥାନ୍ତି । ଅନ୍ୟ ଏକ ଚାପ ନୌକାରେ ପଂଚ ମହାଦେବ ଉପବେଶନ କରି ଚାପ ଖେଳିଥାନ୍ତି । ସ୍ନାନ ନୀତି ପାଇଁ ତିନୋଟି କୁଣ୍ଡରେ ଚନ୍ଦନ, କର୍ପୂର, କସ୍ତୁରୀ,ଜାଇଫଳ, ମଲ୍ଲୀ, ଚମ୍ପା, ଜୁଇ, ସୁଗନ୍ଧରାଜ, ଗୋଲାପ ବ୍ୟବହୃତ ହୋଇ ସୁବାସିତ ଜଳ ପ୍ରସ୍ତୁତ କରାଯାଇଥାଏ । ସେହି କୁଣ୍ଡରେ ଚଳନ୍ତି ପ୍ରତିମା ବୁଡ ପକାନ୍ତି । ବିଭିନ୍ନ ଦିନରେ ଶ୍ରୀମଦନ ମୋହନଙ୍କୁ ବେଶ କରାଯାଇଥାଏ । ଦିନ ଚାପ ପରେ ରାତି ଚାପ ଅନୁଷ୍ଠିତ ହୋଇଥାଏ । ରାତି ଚାପରେ ବଜନ୍ତ୍ରୀ ନୌକାରେ ଘଂଟୁଆ, କାହାଳିଆ ଓ ତେଲିଙ୍ଗି ବାଜା ବାଦକ ମହାପ୍ରଭୁଙ୍କ ଚାପ ନୌକା ଆଗରେ ବଜାଇ ବଜାଇ ଯାଇଥାନ୍ତି । ଏହି ସମୟରେ ଶୀତଳ ଭୋଗ, ମାଣ୍ଡୁଆ ଭୋଗ, ବିଡିଆ ମଣୋହି ଭୋଗ ଲାଗି କରାଯାଇଥାଏ । ଭଉଁରୀ ଦିନ ଦିନ ଚାପରେ ୧୦ ଠାକୁର ୨୧ ଘେରା ଚାପ ଖେଳିଥାନ୍ତି । ମହାପ୍ରଭୁଙ୍କ ମାନବୀୟଲୀଳା ଦର୍ଶନ କରିବା ପାଇଁ ଭକ୍ତଙ୍କ ଗହଳି ଲାଗି ରହିଛି । ଚନ୍ଦନଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀ ସଜେଇ ହେବା ସହ ରାତିରେ ରଙ୍ଗୀନ ଆଲୋକ ମାଳାରେ ଝଲସୁଥାଏ । ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଚନ୍ଦନ ଚକଡାରେ ପ୍ରତିଦିନ ଭକ୍ତି ସଙ୍ଗୀତ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷଣ କରାଯାଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

## କୃତି ମ୍ୟାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୧୪/୫(ନି. ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତ ଅନ୍ତର୍ଗତ ଇଣ୍ଡିଆନ ପବ୍ଲିକ୍ ସ୍କୁଲ ପରିସରରେ ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ସ୍କୁଲର ଅଧକ୍ଷ ସେକ୍ ଅସମତ ଅଲ୍ଲୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିଶୁ ସୁରକ୍ଷା କର୍ମୀ ମଂଟୁ ଦାସ, ଷ୍ଟେଟ ବ୍ୟାଙ୍କ ଲାଇଫର ଚନ୍ଦ୍ରମଣି ବିଶ୍ୱାଳ, ବାଲୁଙ୍କେଶ୍ୱର ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ମାନସ କୁମାର ଦାସ ଓ ଗାୟକ କଳାକାର ଭିକାରୀ ଚରଣ ଦାଶ ଯୋଗ ଦେଇ ବ୍ରହ୍ମବରଦା ଓ ମହେଶ୍ୱରପୁର ପଂଚାୟତରେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ସଫଳତା ପାଇଥିବା ୫ ଜଣ ପରୀକ୍ଷାଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ହାଜିରହିମିଆଁ ସରକାରୀ ଉଚ୍ଚ ବିଧାଳୟର ଛାତ୍ର ଅମରଜିତ ନାୟକ, ନାସିରୁଦ୍ଦିନ୍ ଖାଁନ, ସିଏମ୍ ହାଇସ୍କୁଲର ଛାତ୍ର ଫୈସଲ ରେହେମାନ, ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲାଇବା ସେକ୍ ଓ ଆଫ୍ରିନ ସେକ୍‌ଙ୍କୁ ଅତିଥିମାନେ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲ ସମସ୍ତ ଶିକ୍ଷାକର୍ମଚାରୀ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ୫୫ଟି ଅଭିଯୋଗ

ଭୁବନ,୧୪/୫(ନି. ପ୍ର): ଭୁବନ ପଂଚାୟତ ସମିତି ସଭାଗୃହରେ ଢ଼େଙ୍କାନାଳ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣୀ ଶିବିରରେ ସମୁଦାୟ ୫୫ ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧରୁ ୪୦ଟି ବ୍ୟକ୍ତିଗତ,୬ ଟି ଗ୍ରାମ୍ୟ ସମସ୍ୟା ଥିଲା । ଏହି ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଜଣ ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ସମୁଦାୟ ୬୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଭୁବନ ବିଡିଓ ଆୟୁଶୀ ମହାପାତ୍ର, ତହସିଲଦାର ସୁର୍ଯ୍ୟଶଙ୍କର ଦାଶ,ଏନ୍ ଏ ସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ୍ ଙ୍କ ସମେତ ପଂଚାୟତ ସମିତି କର୍ମଚାରୀ ମାନେ ଉପସ୍ଥିତ ଥିଲେ । ତେବେ ଆବଶ୍ୟକୀୟ ସୂଚନା ଅଭାବ ରୁ ୧୮ ଟି ପଂଚାୟତ ଓ ଭୁବନ ଏନ୍ ଏ ସି ରୁ ମାତ୍ର ୫୫ ଟି ଅଭିଯୋଗ ଦାଖଲ ହୋଇଥିଲା ।

## ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରୁ ୧୨ ନାବାଳକ ପିଲା ଉଦ୍ଧାର

ଖୋର୍ଦ୍ଧା,୧୪/୫(ନି. ପ୍ର): ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରୁ ୧୨ ନାବାଳକ ପିଲା ଉଦ୍ଧାର ହୋଇଛନ୍ତି । ତେବେ ବେଙ୍ଗାଲୁରୁକୁ ପିଲା ଚାଲାଣ ବେଳେ ଉଦ୍ଧାର କଲା ଶିଶୁ ସୁରକ୍ଷା ଓ ରେଲୱେ ପୋଲିସ ମିଳିତ ଟିମ୍ । ଏନେଇ ରଚିକା ସମାଜ ମଙ୍ଗଳ ସଂଗଠନର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି । ଉଦ୍ଧାର ନାବାଳକ ପିଲାଙ୍କୁ ସିଡବ୍ଲୁସିରେ ହାଜର କରାଯାଇଛି । ପରେ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଛି ।ସୂଚନା ମୁତାବିକ, ମଙ୍ଗଳବାର ବିହାରରୁ ୧୨ ଜଣ ପିଲାଙ୍କୁ ହାଓଡା ଯଶୋବନ୍ତପୁର ଏକ୍ସପ୍ରେସରେ ବେଙ୍ଗାଲୁରୁକୁ କାମ କରିବା ପାଇଁ ଚାଲାଣ କରାଯାଉଥିଲା ବେଳେ ସୂଚନା ପାଇ ରଚିକା ସାମଜ ମଙ୍ଗଳର ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ କର୍ମକର୍ତା ଏକ ଟିମ୍ ଚାଇଲ୍ଡ ହେଲ୍ପ ଲାଇନ ଓ ରେଲୱେ ପୋଲିସ ମିଳିତ ଭାବେ ଖୋର୍ଦ୍ଧା ରୋଡ଼ ରେଲୱେ ଷ୍ଟେସନରେ ଚଢ଼ାଉ କରିଥିଲେ । ସେଠାର ସମସ୍ତ ୧୨ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଛି । ହେଲେ ଦଲାଲ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।

# ସମ୍ବଲପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି : ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ

ସମ୍ବଲପୁର,୧୪/୫(ନି. ପ୍ର): ସମ୍ବଲପୁର ଜିଲ୍ଲାରେ ଏପ୍ରିଲ ମାସ ପରେ ଦ୍ୱିତୀୟ ପର୍ଯ୍ୟାୟ ଗ୍ରୀଷ୍ମ ଲହରୀ ଜାରି ରହିଛି । ଗତ କିଛି ଦିନ ହେଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ସକାଳ ପରେ ଅସହ୍ୟ ଖରା ଓ ତାତି ଯୋଗୁଁ ଲୋକେ ଜରୁରୀ କାମ ନ ଥିଲେ ବାହାରକୁ ବାହାରିବା ପାଇଁ ସାହସ ଜୁଟାଇ ପାରୁ ନାହାଁନ୍ତି । ଆଜି ସର୍ବୋଚ୍ଚ ତାପମାତ୍ରା ୪୨.୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଗତକାଲି ଏହା ୪୩.୨ ଡିଗ୍ରୀ ସେଲସିୟସ୍ ରହିଥିଲା । ଶୁକ୍ରବାର ଦିନ ୪୨.୨ ଡିଗ୍ରୀ ତାତି ରହିଥିଲା । ଦିନ ସହିତ ରାତି ସମୟରେ ମଧ ଝାଞ୍ଜି ପବନ ଯୋଗୁଁ ଲୋକଙ୍କ ସମସ୍ୟା ବହୁ ଗୁଣିତ ହୋଇଛି । ସମ୍ବଲପୁର ଜିଲ୍ଲାରେ ବିଶେଷ କରି ଆଖିମୁଜା ଶିଳ୍ପାୟନ, ତାପଜ ବିଦ୍ୟୁତ୍ କେନ୍ଦ୍ରର ବହୁଳତା, କଂକ୍ରିଟ୍ ଘର ଓ ବିକାଶ କାମ ପାଇଁ ହେଉଥିବା ଜଙ୍ଗଲ କ୍ଷୟକୁ ଲୋକେ କ୍ରମବର୍ଦ୍ଧିଷ୍ଣୁ ଉତାପ ବୃଦ୍ଧିର କାରଣ ବୋଲି କହୁଛନ୍ତି । ସହର ମଧରେ ରାସ୍ତା ପ୍ରଶସ୍ତିକରଣ ଯୋଗୁଁ ଅନେକେ ଗଛ କଟାଯାଇଛି । ଗତ ମାର୍ଚ୍ଚ ୧୫ ଓ ୨୯ ତାରିଖରେ ଏଠାରେ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା । ଏପ୍ରିଲ ୨୧ ତାରିଖରେ ୪୩ ଡିଗ୍ରୀ ଓ ୨୨ ତାରିଖରେ ୪୪.୬ ଡିଗ୍ରୀ ସେଲସିୟସ୍ ସର୍ବୋଚ୍ଚ ତାପମାତ୍ରା ରେକର୍ଡ କରାଯାଇଥିଲା । ଏହି ଗ୍ରୀଷ୍ମପ୍ରବାହ ଆଗାମୀ କିଛି ଦିନ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ହେଲେ ମଇ ୧ ତାରିଖରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସାଧାରଣତଃ ଗ୍ରୀଷ୍ମ ପ୍ରବାହ ପରିଲକ୍ଷିତ ହୋଇଥାଏ । ପୂର୍ବରୁ ସହରରେ ମାଟି ଓ ପରେ ପିଚୁ ରାସ୍ତା ଥିଲା । ସେଗୁଡ଼ିକ କଂକ୍ରିଟ୍‌କରଣ ହୋଇଥିବାରୁ ସନ୍ଧ୍ୟା ସମୟରେ ଗରମ ବାଷ୍ପ ପ୍ରବାହିତ ହେଉଛି । ସମ୍ବଲପୁର ସହରରେ ଥିବା ପ୍ରାୟ ୯୭ଟି ପୋଖରୀ ଭଳି ଜଳାଶୟରୁ ଅନେକ ସ୍ମୃତି ହରେଇଥିବାରୁ ଆର୍ଦ୍ର ଭୂମିର ଶୀତଳତା ଓ ସନ୍ଧ୍ୟା ସମୟର ରାତ୍ରୀକାଳୀନ ଥଣ୍ଡା ପବନ ଦୂର ସ୍ୱପ୍ନରେ ପରିଣତ ହୋଇଛି । ବର୍ତ୍ତମାନ ବ୍ୟାପକ ବୃକ୍ଷରୋପଣ, ରହିଥିବା ଗଛର ସୁରକ୍ଷା, ଜଳାଶୟମାନଙ୍କର ସଂରକ୍ଷଣ ଓ ଆର୍ଦ୍ରଭୂମି ସୃଷ୍ଟି ଦ୍ୱାରା କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାରେ ଯାହା କିଛି ରୋକ୍ ଲଗାଯାଇ ପାରିବ ବୋଲି କୁହାଯାଉଛି । ସମ୍ବଲପୁର ସହର ଏକଦା ଶୈଳନିବାସର ପରିଚୟ ହାସଲ କରିଥିଲା । ଏଥିପାଇଁ ଚୌହାନ, ମରହଟ୍ଟା ଓ ପରେ ଇଂରେଜମାନେ ସମ୍ବଲପୁର ସହରକୁ କେନ୍ଦ୍ର କରି ପ୍ରଶାସନିକ ସଦର ମହକୁମାରେ ପରିଣତ କରିଥିଲେ ।

## ବୀରଭାନୁପୁର ଅଂଚଳରେ ଚନ୍ଦନ ଯାତ୍ରା ମହାସମାରୋହରେ ପାଳିତ

ଧର୍ମଶାଳା,୧୪/୫(ନି. ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବୀରଭାନୁପୁର ବ୍ରାହ୍ମଣ ଶାସନ ଗ୍ରାମରେ ପବିତ୍ର ଚନ୍ଦ୍ର ଯାତ୍ରା ମହାସମାରୋହରେ ପାଳିତ ହୋଇଛି । ଏହି ଯାତ୍ରା ୭ ଦିନ ଧରି ଚାଲୁ ରହିବ । ପ୍ରତିବର୍ଷ ନବମୀ ତିଥୀରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା । ପ୍ରତିଦିନ ସନ୍ଧ୍ୟାରେ ଭାଗବତ ଅଧ୍ୟୟନ,ଭାଗବତ ଚର୍ଚ୍ଚା ହେବା ସହ ପ୍ରଭୂ ବ୍ୟସଦେବ ଜୀଉଙ୍କ ପୂଜା ପାରମ୍ପରିକ ରୀତିନୀତିରେ ପାଳନ କରାଯାଇଥିଲା । ଶେଷ ଦିବସରେ ଆଖପାଖ ୧୦ ଗୋଟି ପଂଚାୟତର ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ରାଜନୈତିକ ଦଳର ଲୋକପ୍ରତିନିଧି ପୂଜା ମଣ୍ଡପରେ ଯୋଗ ଦେଇ ପ୍ରଭୂ ଜଗନ୍ନାଥଙ୍କ ଦର୍ଶନ କରିଥିଲେ । ଶାନ୍ତଶୃଙ୍ଖଳା ବଜାୟ ନିମନ୍ତେ ବ୍ରହ୍ମବରଦା ଥାନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୧୪/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ନୂଆଗାଁସ୍ଥିତ ମା ପଳାଶବୁଢ଼ୀ ପୀଠରେ ୧୯ତମ ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି । ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଉତ୍ସବ ୩ ଦିନ ବ୍ୟାପି ଚାଲିଥିବା ବେଳେ ଯଜ୍ଞରେ କର୍ତା ଭାବେ ସୁନୀଲ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ସୁଜାତା ସ୍ୱାଇଁ ସଂକଳ୍ପରେ ବସିଥିଲେ । ଶନିବାର ପୂର୍ବାହ୍ନରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା ଓ ଯଜ୍ଞକୁଣ୍ଡରେ ଅଗ୍ନିସଂଯୋଗ କରାଯାଇ ଯଜ୍ଞଉତ୍ସବ ଆରମ୍ଭ ହୋଇଥିଲା । ଗତକାଲି ସୂର୍ଯ୍ୟନାରାୟଣ ପୂଜା, ଗୁରୁପୂଜା, ଗୋପୂଜା, ବିଗ୍ରହ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଆଜି ରାତି ୮ଘଟିକାରେ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଛି । ଏହି ଯଜ୍ଞରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ମା ପଳାଶବୁଡିଙ୍କୁ ଦର୍ଶନ କରି କୃପା ଲାଭ କରିଛନ୍ତି । ଏହି ଯଜ୍ଞ ଉତ୍ସବରେ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁମାନେ ଯୋଗଦେଉଥିବା ବେଳେ ସେମାନଙ୍କ ପାଇଁ କମିଟି ପକ୍ଷରୁ ପାନୀୟ ଜଳ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ତିନିଦିନ ବ୍ୟାପି ଅନୁଷ୍ଠିତ ଏହି ଯଜ୍ଞର ପ୍ରତ୍ୟେକ ସନ୍ଧ୍ୟାରେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଯଜ୍ଞ ଉତ୍ସବକୁ ମା ପଳାଶବୁଢ଼ୀ ଯଜ୍ଞକମିଟିର କର୍ମକର୍ତାମାନେ ପରିଚାଳନା କରିଥିଲେ ।

# ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀଙ୍କୁ ବାଧ୍ୟତାମୂଳକ କମ୍ପ୍ୟୁଟର ତାଲିମ ଆରମ୍ଭ

କେନ୍ଦ୍ରାପଡା ,୧୪/୫(ନି. ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ କର୍ମଚାରୀଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ ହୋଇଥିବାରୁ କେନ୍ଦ୍ରାପଡା ଜିଲ୍ଲାର କର୍ମଚାରୀ ମାନଙ୍କୁ ଆଜିଠାରୁ ଓକାକ୍ ମାଧ୍ୟମରେ କମ୍ପ୍ୟୁଟର ତାଲିମ ପ୍ରଦାନ କରାଯାଇଛି । ୩ଦିନ ଧରି ଏହି ତାଲିମ ଦିଆଯିବ । ଏନେଇ ଏକ ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଓକାକ୍ ମାଧ୍ୟମରେ ପ୍ରତ୍ୟେକ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯିବ । ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ନଥିପତ୍ର ସହ ଅଭିଯୋଗ, ଦରଖାସ୍ତ ଆଦି ଜନ ସାଧାରଣଙ୍କ ଆପତି ଅଭିଯୋଗ ଗୁଡିକୁ ଅନଲାଇନରେ ପଞ୍ଜିକରଣ କରାଯାଇ ନଥି ପ୍ରସ୍ତୁତ କରଯିବ ଏବଂ ତାହାର ବର୍ଗୀକରଣ କରାଯାଇ କାର୍ଯ୍ୟଟି କେଉଁ ବିଭାଗରେ ଓ କାହାଦ୍ୱାରା ସଂପାଦିତ ହେଉଛି ତାହାର ମଧ ତାଲିକା ପ୍ରସ୍ତୁତ କରାଯିବ । ଏହାର ସମୟସୀମା ଅବଧି ଓ ନିଷ୍ପାଦନ ର ମଧ ଅନଲାଇନ ରେ ଉପଲବ୍ଧ ହୋଇପାରିବ । କିମ୍ବା ଫାଇଲଟି କେଉଁଠି, କେଉଁଥିପାଇଁ ଅଟକି ରହିଛି ଏହା ମଧ ଜିଲ୍ଲାପାଳ ଜାଣିପାରିବେ । ଉଦ୍ଦେଶ୍ୟ ମୂଳକ ଭାବେ ଫାଇଲକୁ ଅଟକ ରଖିଥିବା କିରାଣୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନଲାଇନ ହେବା ଦ୍ୱାରା ଜନ ସାଧାରଣ ଶିଘ୍ର ପ୍ରଶାସନ ପାଖରୁ ନ୍ୟାୟ ପାଇବା ସହ ରାଜ୍ୟ ସରକାରଙ୍କ ତ୍ୱରିତ ସେବା ପ୍ରଦାନ ନୀତି କାର୍ଯ୍ୟକାରୀ ହୋଇପାରିବ ବୋଲି ଜଣାପଡିଛି । ମଙ୍ଗଳବାର କେନ୍ଦ୍ରାପଡା ଜିଲ୍ଲାର ତହସିଲ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି ।

# ସତ୍ୟବାଦୀ ଚେତନା ଓ ଓଡ଼ିଆ ଭାଷା ସାହିତ୍ୟର କର୍ଣ୍ଣଧାର

## ଅମୂଲ୍ୟ କୁମାର ପଣ୍ଡା

ସତ୍ୟବାଦୀ-ଚେତନା ଓଡ଼ିଆ ସାହିତ୍ୟରେ ଜାତୀୟତାବାଦୀ ଭାବଧାରା ସୃଷ୍ଟି କରିବାରେ ଥିଲା ପ୍ରମୁଖ ପ୍ରେରଣା । ମାନବବନ୍ଦନା ଥିଲା ଏହାର ଅନ୍ୟତମ ଆଦର୍ଶ । ୧୯୨୧ ମସିହାରୁ ଭାରତବର୍ଷରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହେଲା ମୁକ୍ତି ସଂଗ୍ରାମ । ଓଡ଼ିଶାରେ ମଧ୍ୟ ତାହା ପ୍ରଭାବ ବିସ୍ତାର କଲା । ଉତ୍କଳମଣି ଗୋପବନ୍ଧୁ ଦାସ ନେଲେ ତାହାର ନେତୃତ୍ୱ । ଏହି ସମୟରେ ଜାତୀୟ କବି ବୀରକିଶୋର ଦାସ ଓ ବାଞ୍ଛାନିଧି ମହାନ୍ତି ରଚନା କଲେ ଜାତୀୟ ଉଦବୋଧନମୂଳକ ଗୀତିକା । ସତ୍ୟବାଦୀ ପର୍ବର ଅବସାନ ନ ଘଟୁଣୁ ଓଡ଼ିଆ ସାହିତ୍ୟରେ ଆରମ୍ଭ ହେଲା ସବୁଜ ଚେତନାର ନୂତନ ପର୍ବ । ଏହି ପର୍ବର ପାଞ୍ଚ ଜଣ ତରୁଣ ଲେଖକ ହେଲେ ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର । ଏମାନଙ୍କ ଲେଖାରେ ପ୍ରକାଶ ପାଇଲା ସ୍ୱପ୍ନ, କଳ୍ପନା, ସେ ପ୍ରମ, ଯୌବନ, ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧର ନାନା ଭାବ ଓ ଭାବନା । ଏମାନେ ସମକାଳୀନ ସ୍ୱାଧୀନତା ସଂଗ୍ରାମ ତଥା ସତ୍ୟବାଦୀ ଚେତନା ପ୍ରତି ଅନାସକ୍ତ ରହିଲେ । କାଳିନ୍ଦୀଚରଣ ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା ଆଦି ରଚନା କଲେ । ୧୯୩୦ ମସିହା ପରବର୍ତ୍ତୀ ସମୟରୁ ତାଙ୍କର ସ୍ରଷ୍ଟା ମାନସ କ୍ରମଶଃ ପ୍ରଗତିବାଦୀ ଭାବଧାରା ପ୍ରତି ଆକୃଷ୍ଟ ହୋଇଛି । 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ମୁକ୍ତାଗଡ଼ର କ୍ଷୁଧା' ଏବଂ 'ଅମର ଚିତା' ତାଙ୍କର ପ୍ରସିଦ୍ଧ ଉପନ୍ୟାସ । ସେ ମଧ୍ୟ ବହୁ ଗଳ୍ପର ସ୍ରଷ୍ଟା । ମାନବବାଦୀ ଭାବଧାରା ଓ ଗାନ୍ଧିବାଦ ତାଙ୍କ ଗଳ୍ପ ଓ ଉପନ୍ୟାସର ପ୍ରାଣସତ୍ତା । ତାଙ୍କର କବିତା କ୍ରମଶଃ ସ୍ୱପ୍ନ ଓ କଳ୍ପନାରୁ ପ୍ରଗତିବାଦୀ ଭାବଧାରାକୁ ଗତି କରିଯାଇଛି। ବୈକୁଣ୍ଠନାଥ ଆଜୀବନ କବିତା ଲେଖିଥିଲେ । 'କାବ୍ୟ ସଞ୍ଚୟନ', 'ଉତ୍ତରାୟଣ'' ଆଦି ତାଙ୍କର କବିତା ଗ୍ରନ୍ଥ । ଶରତ ଚନ୍ଦ୍ର ଓ ହରିହର ମଧ୍ୟ କେତେକ କବିତା ରଚନା କରିଥିଲେ । ସତ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ରତ୍ନାକର ପତି ଥିଲେ ଜଣେ ବିଶିଷ୍ଟ ପ୍ରାବନ୍ଧିକ । ତାଙ୍କ ବ୍ୟତୀତ ମୋହିନୀ ମୋହନ ସେନାପତି, ବିପିନ ବିହାରୀ ରାୟ, ବ୍ରଜ ବିହାରୀ ମହାନ୍ତି, କପିଳେଶ୍ୱର ଦାଶ ପ୍ରମୁଖ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଜଗନ୍ନାଥ ପାଣି ଗୀତାଭିନୟ ଜଗତରେ ଯେଉଁ ଧାରା ସୃଷ୍ଟି କଲେ ସେଥିରେ ପରିବର୍ତ୍ତନ ଆଣି ବୈଷ୍ଣବ ପାଣି, ଗୋପାଳ ଦାଶ, ବାଳକୃଷ୍ଣ ମହାନ୍ତି, କୃଷ୍ଣପ୍ରସାଦ ବସୁ, କୃଷ୍ଣ ପ୍ରସାଦ ବେହେରା ନୂତନ ଚମକ ସୃଷ୍ଟି କଲେ । ଭିକାରୀଚରଣ ପଟ୍ଟନାୟକ, କାମପାଳ ମିଶ୍ର ପ୍ରମୁଖ ନାଟକ ରଚନା କରିଥିଲେ ମଧ୍ୟ ନାଟ୍ୟଭାରତୀ ଅଶ୍ୱିନୀ କୁମାର ଘୋଷ ସ୍ୱାଧୀନତା ଲାଭର ପୂର୍ବ ତିରିଶ ବର୍ଷ କାଳ ନାଟକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥଲେ । ତାଙ୍କ ରଚିତ ' କୋଣାର୍କ', 'କଳାପାହାଡ', 'ଗୋବିନ୍ଦ ବିଦ୍ୟାଧର', 'କେଶରୀଗଙ୍ଗ', 'ଭୀଷ୍ମ', 'ସାବିତ୍ରୀ', 'ସାଲବେଗ', 'ବନ୍ଧୁ ମହାନ୍ତି ', 'ଶ୍ରୀଲୋକନାଥ', 'ତାଜମହଲ', 'ପାଇକ ପୁଅ', 'ଓଡ଼ିଆ ଝିଅ', ' କପିଳେନ୍ଦ୍ର ଦେବ', 'ରଘୁ ଅରକ୍ଷିତ', 'ଦାସିଆ ବାଉରୀ', 'ଶ୍ରୀମନ୍ଦିର', 'ଚଷାଝିଅ' ଆଦି ନାଟକାବଳୀ ଓଡ଼ିଆ ନାଟ୍ୟ ସାହିତ୍ୟର ମଧ୍ୟପର୍ବରେ ଉଲ୍ଲେଖଯୋଗ୍ୟ ସୃଷ୍ଟି ।

ଭାରତୀୟ ମୁକ୍ତି-ସଂଗ୍ରାମକୁ ଅବଲମ୍ବନ କରି ଜାତୀୟତାର ଭାବ ତରଙ୍ଗ ସମଗ୍ର ଭାରତର ଲେଖକମାନଙ୍କ ହୃଦୟରେ ତରଙ୍ଗାୟିତ ହୋଇ ଉଠିଥିଲା । ଗାନ୍ଧିବାଦ ଥିଲା ସେକାଳର ପ୍ରଧାନ ଆଦର୍ଶ । ୧୯୩୦ ମସିହା ପରେ ମାର୍କସବାଦ ଭାରତବର୍ଷରେ କ୍ରମେ ପ୍ରଭାବ ବିସ୍ତାର କଲା । ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ୧୯୩୫ ମସିହା ଡିସେମ୍ବର ମାସରେ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ ଓ ଏହି ସଂସଦ ଆନୁକୂଲ୍ୟରେ ପ୍ରକାଶ କଲେ 'ଆଧୁନିକ' ପତ୍ରିକା । ପ୍ରଗତିବାଦୀ ଆଭିମୁଖ୍ୟ ନେଇ ପତ୍ରିକାର ହେଲା ଗତି । ଭଗବତୀ ଚରଣ, ଅନନ୍ତ ପଟ୍ଟନାୟକ, ସୁନନ୍ଦ କର ପ୍ରମୁଖ ଏହି ନବଯୁଗ ସଂସଦର ସଭ୍ୟ ହେଲେ । ମାର୍କସବାଦ ଓ ପ୍ରଗତିବାଦ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଲେଖକ ସାହିତ୍ୟ ସୃଷ୍ଟି କଲେ । ଭଗବତୀ ଚରଣଙ୍କର 'ଶିକାର', 'ହାତୁଡି ଓ ଦା', 'ଜୀବନର ସମାଧୁ', "ଜଙ୍ଗଲୀ' ଆଦି ଗନ୍ଧ୍ର ଓ ବିବିଧ ପ୍ରବନ୍ଧ, କାଳିନ୍ଦୀ ଚରଣଙ୍କର 'ଆଗାମୀ', 'ଯାଦୁଘର', 'ମୋ କବିତା' ଆଦି କବିତା ସହିତ ଅନନ୍ତ ପଟ୍ଟନାୟକଙ୍କର ' ରକ୍ତ ଶିଖା', 'ଶାନ୍ତି ଶିଖା', 'କିଞ୍ଚିତ, ' ତର୍ପଣ' କରେ ଆଜି' ସଚ୍ଚିଦାନନ୍ଦ ରାଉତରାୟଙ୍କର 'ଅଭିଯାନ', 'ଭାନୁମତୀର ଦେଶ', 'ବାଜି ରାଉତ' ଆଦି କବିତା ପୁସ୍ତକ, ରଘୁନାଥ ଦାସ, ସୁନନ୍ଦ କର ଓ ମନମୋହନ ମିଶ୍ରଙ୍କର କବିତା ଓ ଗଳ୍ପ ପ୍ରଗତିବାଦୀ ପର୍ବର ସମକାଳରେ ମାୟାଧର ମାନସିଂହ, ରାଧାମୋହନ ଗଡନାୟକ ଓ ପରେ ପରେ ବିନୋଦ ଚନ୍ଦ୍ର ନାୟକ, କୁଞ୍ଜବିହାରୀ ଦାଶ ପ୍ରମୁଖ କବିତା ରଚନା କଲେ । ମାନସିଂହଙ୍କ କବିତା ପ୍ରେମ, ପ୍ରଣୟ, ସୌନ୍ଦର୍ଯ୍ୟବୋଧ, ଜାତୀୟତାବୋଧ ଓ ମାନବ-ବନ୍ଦନାର ମାର୍ମିକ ଆଲେଖ୍ୟ । ରାଧାମୋହନ ଗଡ଼ନାୟକ ଜଣେ ବିଶିଷ୍ଟ ଗାଥା କବି । ତାଙ୍କ କବିତାରେ ମଧ୍ୟ ଜାତୀୟତାବୋଧ ଓ ମାନବ-ବନ୍ଦନା ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି । ସଚ୍ଚିଦାନନ୍ଦ ରାଉତରାୟ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ମଧ୍ୟ ସ୍ୱାଧୀନତାର ବହୁ ପୂର୍ବରୁ କବିତା ଲେଖା ଆସୁଥିଲେ । ସ୍ୱାଧୀନତା ପରେ ମଧ୍ୟ ସେମାନେ କବିତା ଲେଖିଅଛନ୍ତି । ସଚ୍ଚିଦାନନ୍ଦ ପ୍ରଗତିବାଦୀ କବିତା ରଚନାରୁ ଗତି କଲେ ପ୍ରୟୋଗବାଦୀ କବିତା ରଚନା କ୍ଷେତ୍ରକୁ । 'ପଲ୍ଲୀଶ୍ରୀ', 'ଅଭିଯାନ', 'ଭାନୁମତୀର ଦେଶ', 'ବାଜିରାଉତ', 'ପାଣ୍ଡୁଲିପି' ଆଦି ସ୍ୱାଧୀନତା ପୂର୍ବବର୍ତ୍ତୀ କବିତା ପୁସ୍ତକ ।

ସ୍ୱାଧୀନତା ପୂର୍ବରୁ କାହ୍ନଚରଣ ମହାନ୍ତି ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ଆବିର୍ଭୂତ ରଚନା କଲେ - ବାଲି ରାଜା', 'ହା'ଅନ୍ନ', 'ପଳାତକ', 'ଶାସ୍ତି' ଆଦି ଉପନ୍ୟାସ । ସ୍ୱାଧୀନତା ପରେ ମଧ୍ୟ ସେ ପ୍ରକାଶ କଲେ। 'ଝଞ୍ଜା', 'ବକ୍ରବାହୁ', 'ତମସା ତୀରେ', 'ଛୁଟିଲେ ଘଟ', 'ମେଲାଣି ମାଗୁଣି' ଆଦି ଉପନ୍ୟାସ । ସ୍ୱାଧୀନତା ପୂର୍ବରୁ ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ପ୍ରାଣବନ୍ଧୁକର ମଧ୍ୟ ଗଳ୍ପ ରଚନା କରିଥଲେ । ସ୍ୱାଧୀନତା ପରେ ମଧ୍ୟ ସେମାନେ ଗଳ୍ପ ରଚନା କରିଛନ୍ତି । ରାଜକିଶୋର ପଟ୍ଟନାୟକ ଜଣେ ଗାଳ୍ପିକ ଓ ଔପନ୍ୟାସିକ ଭାବରେ ପରିଚିତ । ଅନନ୍ତ ପ୍ରସାଦ ପଣ୍ଡା, ରାମ ପ୍ରସାଦ ସିଂହ, ଚକ୍ରଧର ମହାପାତ୍ର, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଆହୁରି କେତେ ଜଣ ଗଳ୍ପ ଓ ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ସ୍ୱାଧୀନତା ଲାଭ ପରେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସଂକ୍ରମଣ ଫଳରେ ଅତ୍ୟାଧୁନିକ ଯୁଗର ହେଲା। ଉନ୍ମେଷ । ଏହି ସମୟରେ ସମାଜ ଅପେକ୍ଷା ବ୍ୟକ୍ତି- ମଣିଷଟି ପ୍ରାଧାନ୍ୟ ଲାଭ କଲା । ସଚ୍ଚିଦାନନ୍ଦ ରାଉତରାୟ 'ପାଣ୍ଡୁଲିପି'ରେ ଆଧୁନିକ ଚେତନାର ଯେଉଁ ରୂପ ଅଙ୍କନ କରିଥିଲେ ତାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ନୂତନ ରୂପରେ ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ଚିନ୍ତାମଣି ବେହେରା, କୃଷ୍ଣଚରଣ ବେହେରା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଦୀପକ ମିଶ୍ର, ହରିହର ମିଶ୍ର, କମଳାକାନ୍ତ ଲେଙ୍କା, ପ୍ରତିଭା



ଶତପଥୀ ପ୍ରମୁଖଙ୍କ କବିତାରେ ପ୍ରକାଶ ପାଇଲା । ଅପରପକ୍ଷରେ ପ୍ରଗତିବାଦୀ ଆଭିମୁଖ୍ୟକୁ ନେଇ ଅନନ୍ତ ପଟ୍ଟନାୟକ, ରବି ସିଂହ, ବ୍ରଜନାଥ ରଥ, ରଘୁନାଥ ଦାସ ପ୍ରମୁଖ ରଚନା କଲେ କବିତା ।

ସ୍ୱାଧୀନତା ପୂର୍ବରୁ ଗୋପୀନାଥ ମହାନ୍ତି, ରମ୍ୟା ରଚନା ଓ ଉପନ୍ୟାସ ଲେଖି ଆସୁଥିଲେ । ଆଦିବାସୀ ଜୀବନଧାରାକୁ ନେଇ ଓଡ଼ିଆ ସାହିତ୍ୟରେ ପ୍ରଥମେ ଗୋପାଳବଲ୍ଲଭ ଦାସ ରଚନା କରିଥିଲେ 'ଭୀମା, ଭୂୟାଁ'' ଉପନ୍ୟାସ । ଗୋପୀନାଥ ମହାନ୍ତି ସେହି ଧାରାରେ ଆପଣାର ଦକ୍ଷତା ପ୍ରଦର୍ଶନ କଲେ । ତାଙ୍କର 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ', 'ଶିବଭାଇ', 'ଅପହଞ୍ଚ', 'ଅନାମ' ଆଦି ଆଦିବାସୀ ଜୀବନଧାରାକୁ ନେଇ ରଚିତ ଉପନ୍ୟାସ । ଏହା ବ୍ୟତୀତ 'ହରିଜନ' ' ରାହୁର ଛାୟା', 'ଦାନାପାଣି', 'ମାଟିମଟାଳ', 'ଆକାଶ ସୁନ୍ଦେରୀ', ବୃନ୍ଦାଏ। ପାଣି, ଆଦି ତାଙ୍କର ଉପନ୍ୟାସ ଓ 'ଘାସ ଫୁଲ', 'ଉଡ଼ନ୍ତା ଖଇ', 'ଗୁପ୍ତଗଙ୍ଗା' ଆଦି ତାଙ୍କର ଗଳ୍ପ ପୁସ୍ତକ । ସୁରେନ୍ଦ୍ର ମହାନ୍ତି ମଧ୍ୟ ସ୍ୱାଧୀନତା ପୂର୍ବରୁ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ଓ ସ୍ୱାଧୀନତା ପରେ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଲେଖା ଚାଲିଥିଲେ । 'ବଧୂ ଓ ପ୍ରିୟା' 'ଅନ୍ଧ ଦିଗନ୍ତ', ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସଂଧ୍ୟା', 'ହ୍ୟସଗତି', 'କାଳାନ୍ତର', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ମରାଳର ମୃତ୍ୟୁ', 'ମହାନିର୍ବାଣ', 'ମହାନଗରୀରେ ରାତ୍ରି', 'ଓଃ କାଲକାଟା', 'ଦୁଇ ସୀମାନ୍ତ', 'କବି ଓ ନର୍ତ୍ତକୀ', 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ', 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ' ଆଦି ତାଙ୍କର ଗଳ୍ପ ପୁସ୍ତକ । ସେ ମଧ୍ୟ ଜଣେ ସମାଲୋଚକ, ପ୍ରାବନ୍ଧିକ, ଆତ୍ମ କାହାଣୀ ଓ ଭ୍ରମଣକାହାଣୀ ଲେଖକ ଭାବରେ ସୁପରିଚିତ । ସ୍ୱାଧୀନତା ପରେ ଅନ୍ୟାନ୍ୟ କଥାକାରମାନଙ୍କ ମଧ୍ୟରେ ବାମାଚରଣ ମିତ୍ର, କିଶୋରୀ ଚରଣ ଦାସ, ମନୋଜ ଦାସ, କୃଷ୍ଣ ପ୍ରସାଦ ମିଶ୍ର, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ବସନ୍ତ କୁମାରୀ ପଟ୍ଟନାୟକ, ବସନ୍ତ କୁମାର ଶତପଥୀ, ଗୋବିନ୍ଦ ଦାସ, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି, ରାମଚନ୍ଦ୍ର ବେହେରା, ବିଭୂତି ପଟ୍ଟନାୟକ ଓ ପ୍ରତିଭା ରାୟ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ସ୍ୱାଧୀନତା ପରବର୍ତ୍ତୀ କାଳରେ ଭୁବନେଶ୍ୱର ବେହେରା ଜଣେ ଉଚ୍ଚକୋଟୀର ରମ୍ୟରଚକ, ଗାଳ୍ପିକ ଓ ଭ୍ରମଣ କାହାଣୀ ଲେଖକ ଭାବରେ ଆପଣାର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି । ସ୍ୱାଧୀନତା ପୂର୍ବରୁ ଉପନ୍ୟାସ ଓ କବିତା ରଚନା କରି ଯଶସ୍ୱୀ ହୋଇଥିବା ହରେକୃଷ୍ଣ ମହତାବ ସ୍ୱାଧୀନତା ପରେ ନିରବଚ୍ଛିନ୍ନ ଭାବରେ କବିତା, ଗଳ୍ପ, ଉପନ୍ୟାସ ଓ ରମ୍ୟରଚନା ଲେଖିଛନ୍ତି । 'ଝଙ୍କାର' ପତ୍ରିକା ମାଧମରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ନବ ନିର୍ମାଣ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

# ସତ୍ୟ ସବୁବେଳେ ଏକା ଚାଲେ




ଅନେକ ଚଳଚିତ୍ରରେ ଆପଣମାନେ ଦେଖିଥିବେ ଜଣେ ନାୟକ ବା ନାୟିକା ଦୁଃଖ ଓ ସଂଘର୍ଷ ଦେଇ ଗତି କରୁଥିବେ, ସେ ସମସ୍ତଙ୍କ ପାଇଁ ଖୁବ୍ କାମ କରୁଥିବେ, ଶ୍ରଦ୍ଧା ରଖୁଥିବେ, ସେବା କରୁଥିବେ, ସମାଜ ପାଇଁ ସେବା କରୁଥିବେ, କିନ୍ତୁ କିଛି ଖଳ ପ୍ରକୃତିର ଲୋକ ତାଙ୍କୁ କେବେ ବି ଭଲରେ ବଞ୍ଚିବାକୁ ଦେବେନି, ସବୁବେଳେ ତାଙ୍କୁ ସମାଲୋଚନା କରୁଥିବେ, ନିନ୍ଦା କରୁଥିବେ, କ୍ଷତି ପହଞ୍ଚାଉଥିବେ, ପ୍ରତି କ୍ଷେତ୍ରରେ ହଇରାଣ କରୁଥିବେ, କେହି କହି ଈର୍ଷା ପରାୟଣ ହୋଇ ଜୀବନରୁ ବି ମାରିଦେବାକୁ ପଛାଉ ନଥିବେ। ଚଳଚିତ୍ର ସରିବାଯାଏ ନାୟକ ବା ନାୟୀକାଙ୍କୁ ଆପଣ ଦୁଃଖ କଷ୍ଟ ଦେଇ ଗତି କରୁଥିବାର ଦେଖିବେ। ଖଳନାୟକଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିବାର ଦେଖିବେ ଓ କାହାଣୀ ସରିବା ବେଳକୁ ନାୟକ ବା ନାୟୀକାଙ୍କୁ ସମସ୍ତେ ବୁଝି ପାରିବେ, କ୍ଷମା ମାଗିବେ, ସେତେବେଳକୁ ସମୟ ନଥିବ। କାହାଣୀ ସରିବା ପରେ ନାୟକ ନାୟୀକାଙ୍କ ପାଇଁ ଦର୍ଶକଙ୍କ ଆଖିରେ ଲୁହ ଆସିଯାଉଥିବ। ଅଭିନୟକୁ ଜୀବନ୍ତ ଅନୁଭବ କରି କିଛି ଦର୍ଶକ ଦୁଃଖି ହୋଇ ଯାଉଥିବେ।

ଜୀବନ ଠିକ୍ ସେମିତି ଗୋଟେ କାହାଣୀ। ଏଠି ଆପଣ ଯେତେ ସତ୍ୟ ପଥରେ ରୁହନ୍ତୁ, ଯାହାପାଇଁ ଭଲ କରନ୍ତୁ, ଯେତେ ସମାଜ ହିତ, ପରିବାରର ହିତ କରନ୍ତୁ, କେହି ଭଲପାଇବେ ନାହିଁ ବରଂ କୂଟ ଚକ୍ରାନ୍ତ କରୁଥିବା ମଣିଷକୁ ବିଶ୍ୱାସ କରି ଆପଣଙ୍କ ସହ ତିକ୍ତ ଭାବ ରଖି ସେମାନଙ୍କୁ ଭଲପାଇବା ଦେବେ। ସେମାନଙ୍କ କଥାରେ ପଡ଼ି ଆପଣଙ୍କୁ ତିରଷ୍କାର କରିବେ। ସେମାନଙ୍କ ମିଛ ପାଖରେ ଆପଣଙ୍କ ସତ୍ୟ ହାରିଯିବ। ଆପଣ ଚିନ୍ତା, ଅନୁଶୋଚନା, ଦୁଃଖ ଓ ହତାଶ ଦେଇ ଦିନ କାଟିବେ। ନିଜର କହୁଥିବା ସମସ୍ତ ନିଜ ଲୋକ ଆପଣଙ୍କୁ ଏତେ ଏକୁଟିଆ କରିଦେବେ ଯେ, ଜୀବନ ବି ଦୁର୍ବିସହ ମନେହେବ। କାହାକୁ ବି ନିଜ ସଫେଇ ଦେଇ ଠିକ୍ ବୋଲି ପ୍ରମାଣ କରିପାରିବେ ନାହିଁ। ସାରା ସଂସାର ଗୋଟେ ପଟେ ଓ ଆପଣ ଏକା ଗୋଟେ ପଟେ ଠିଆ ହୋଇଥିବେ। ସତ୍ୟ ସହ ଚାଲୁଥିବା ପ୍ରତ୍ୟେକ ମଣିଷ ଜୀବନରେ ଏହା ହିଁ ହୋଇଥାଏ।

ତେବେ କଣ ଏ ଜୀବନ କାହାଣୀର ନାୟକମାନେ ମିଥ୍ୟାର ଅତ୍ୟାଚାରକୁ ଡରି ସତ୍ୟ ପଥ ଛାଡ଼ିଦେବେ ? କେବେ ନୁହେଁ। ସମସ୍ତେ ମନେ ରଖିବା ଉଚିତ୍ ଯେ ମିଛର ଆୟୁଷ ଖୁବ୍ କମ୍, ମିଛ ଗୋଟିଏ ମ୍ଲେଚ୍ଛ ଯିଏ ଖୁବ୍ ଡରୁଆ ଓ ଏକା ଚାଲିପାରେନାହିଁ। ଦେଖିବେ ମିଛୁଆ, ଚୋର, ଲମ୍ପଟ, ଡକାୟତ, ମଦୁଆ ସମସ୍ତେ ଗୋଟେ ଗୋଷ୍ଠିରେ ରହି ସମାଜ ବା ବ୍ୟକ୍ତିର କ୍ଷତି କରନ୍ତି କିନ୍ତୁ ସତ୍ୟ ପଥରେ ଚାଲୁଥିବା ବ୍ୟକ୍ତି କାହାର କ୍ଷତି କରେନାହିଁ, ଏକା ଚାଲେ, ଏକା ସଂଘର୍ଷ କରେ, ପ୍ରଚୁର ସାହସ, ସାମର୍ଥ୍ୟ, ଶକ୍ତି, ଈଶ୍ୱରଙ୍କ ଠାରୁ ବିଶ୍ୱାସ ଦ୍ୱାରା ପ୍ରାପ୍ତ କରିଥାଏ। ହସ କେବେ କେବେ ଛଳନା ହୋଇପାରେ, କିନ୍ତୁ ଲୁହର ଛଳନା ନଥାଏ, ସେ ଯେବେ ବହେ ତା ପଛରେ କିଛି ସତ୍ୟ ଲୁଚିଯାଏ, ଲୁହ ଦୁଃଖରୁ ଆସେ ଆଉ ଦୁଃଖ ଖୁବ୍ ସରଳ, ସେ ଯେବେ ଆସେ ଆମକୁ ଈଶ୍ୱରଙ୍କ ସହ ଯୋଡ଼ିଦିଏ, ଜୀବନ ସାରା କେବେ ବି ଈଶ୍ୱରଙ୍କୁ ମନେ ପକାଇନଥିବା ଲୋକଟି ଦୁଃଖ ସମୟରେ ପାଟିରୁ ବାହାରିଥାଏ'ହେ ଭଗବାନ ମୋତେ ଏ ଦୁଃଖରୁ ରକ୍ଷା କର'। ମୋହଗ୍ରସ୍ତ ମଣିଷକୁ ସତ୍ୟ କଣ ମନେପକାଇବାକୁ କେବେ କେବେ ଈଶ୍ୱର ଦୁଃଖ ଦେଇଥାନ୍ତି। ଦୁଃଖ ଆମର ସାହସ, ନମ୍ରତା, ଧର୍ଯ୍ୟ ବଢାଇଥାଏ।ଦୁଃଖରେ ପଡିଥିବା ବ୍ୟକ୍ତି ନିଜ ପରିସ୍ଥିତିରୁ ମୁକୁଳିବାକୁ ଯେକୌଣସି ଉପାୟ ଖୋଜେ, ନୂଆ ବାଟ, ନୂଆ, ଯୋଜନା ଉତ୍ପନ୍ନ କରେ। ଆପଣ ଦୁଃଖରେ ରହି ଯାହା କରିପାରିବେ, ସୁଖରେ ଥିଲେ କରିପାରିବେ ନାହିଁ। ସୁଖ ସବୁବେଳେ ଦଳ ଖୋଜେ ବାଣ୍ଟିବା ପାଇଁ କିନ୍ତୁ ଦୁଃଖ ଏକା ରହି ନିଜ ଭିତରେ ଥିବା ଆତ୍ମା ସହିତ ମିଶି ଈଶ୍ୱରଙ୍କ ସତ୍ୟତାକୁ ଚିହ୍ନେ, ଜାଣେ ଓ ସୁଧାର ହୋଇ ରହେ। ତେଣୁ ଆମକୁ ଏକା କରି ଦଳ ବାନ୍ଧିଥିବା ସବୁ ଶତ୍ରୁଙ୍କ ଅଶେଷ ଧନ୍ୟବାଦ ଦେବା ଯେ ସେମାନଙ୍କ ଅତ୍ୟାଚାର, ଅବହେଳା, ଉପହାସ ଆମ ଭିତରେ ଈଶ୍ୱରଙ୍କ ପ୍ରତି ଆସ୍ଥା ବଢାଏ ଓ ସତ୍ ମାର୍ଗ ପ୍ରତି ପ୍ରେରିତ କରେ। ଅଯଥା ଗ୍ଲାନି, ଅନୁଶୋଚନାରେ ସମୟ ନଷ୍ଟ ନକରି ଆମେ ନୀରବ ରହି ଈଶ୍ୱରଙ୍କୁ ସମର୍ପି ଦେବା ଜରୁରୀ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଚୁଟକିରେ ହଟାନ୍ତୁ ସ୍କିନ୍ ଟ୍ୟାନ୍

ଖରାଦିନରେ ସ୍କିନ୍‌ଟ୍ୟାନ୍‌ରୁ ରକ୍ଷାପାଇବାକୁ ହେଲେ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ, ଢିଲା ପୋଷାକ ପିନ୍ଧନ୍ତୁ। ଅଧିକ ପରିମାଣରେ ପାଣି ପିଅନ୍ତୁ। କିଛି ଘରୋଇ ଉପାୟ ଆପଣାନ୍ତୁ । ଟମାଟୋ ଜୁସ୍, ବେସନ, ଦହି, କାକୁଡ଼ି ନଡ଼ିଆ ପାଣି ଆଦିକୁ ବ୍ୟବହାର କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ... ସନ୍ ଟ୍ୟାନ୍, ସନ୍‌ବର୍ଣ୍ଣ ଆଦି ସମସ୍ୟା ଦେଖାଯାଇଥାଏ। ଏମିତିରେ ଘରୁ ବାହାରିବା ପୂର୍ବରୁ ଭଲ କ୍ୱାଲିଟିର ସନ୍‌ସ୍କ୍ରିନ୍ ଆପ୍ଲାଏ କରନ୍ତୁ। ସନ୍‌ସ୍କ୍ରିନ୍ ୩୦ପ୍ରତିଶତ ଏସିପିଏଫ୍ ଯୁକ୍ତ ନିଅନ୍ତୁ କିମ୍ବା ତା 'ଠାରୁ ଅଧିକ। ଦିନ ମଧ୍ୟରେ ଦୁଇଥର ସକାଳ ଏବଂ ସନ୍ଧ୍ୟାରେ ସନ୍‌ସ୍କ୍ରିନ୍ ଲଗାନ୍ତୁ। ବାହାରକୁ ଯିବା ପୂର୍ବରୁ ଶରୀରକୁ ସମ୍ପୂର୍ଣ୍ଣ ଢାଙ୍କି ରଖନ୍ତୁ। ଭୀଷଣ ଖରାରେ ସ୍କିନ୍ ଡଲ୍ ହୋଇଯାଏ। ବେକ, ହାତ,ପାଦରେ ସନ୍ ଟ୍ୟାନ୍ ଆଦି ହେବାର ଦେଖାଯାଏ। ଏମିତିରେ କଟନ୍‌ର ଢିଲା କପଡ଼ା ପିନ୍ଧନ୍ତୁ, ହାଲ୍‌କା ରଙ୍ଗ କପଡ଼ା ପିନ୍ଧନ୍ତୁ ଫଳରେ ଖରା ଅଧିକ ଆପଣଙ୍କୁ କାଟିବ ନାହିଁ। ଟ୍ୟାନ୍‌ରୁ ରକ୍ଷା ପାଇବାକୁ ହେଲେ ପାଣି ଏବଂ ତରଳ ପଦାର୍ଥ ପିଅନ୍ତୁ। ଟ୍ୟାନିଂ ଦୂର କରିବାକୁ ହେଲେ ଥଣ୍ଡାପାଣିରେ ହିଁ ଗାଧାନ୍ତୁ। ଯେଉଁ ଭାଗ ଖରା ସଂସ୍ପର୍ଶରେ ଆସୁଛି ସେ ସ୍ଥାନରେ



ଆଲୋଭେରା ଜେଲ ଲଗାନ୍ତୁ। ଏହା ଲଗାଇବା ଦ୍ୱାରା ସନ୍ ଟ୍ୟାନ୍ ସମସ୍ୟା କମ୍ ହେବ। ଚାହିଁଲେ ନିଜ ସାଙ୍ଗରେ ସନ୍ ଟ୍ୟାନ୍ ରିମୁଭାଲ କ୍ରିମ୍ ରଖନ୍ତୁ। ଯଦି ନାହିଁ ତେବେ କିଣିନିଅନ୍ତୁ। ଏହା ସହ ଘରୋଇ ଉପଚାର ଆପଣାଇପାରିବେ। ଆପଣ ପ୍ରଭାବିତ ଭାଗରେ ଲାଇକୋପୀନ୍‌ରେ ଭରପୂର ଟମାଟୋ ଜୁସ୍ ଲଗାନ୍ତୁ। ଏହାକୁ ଲଗାଇବା ଦ୍ୱାରା ଅଲ୍‌ଟ୍ରାଭାଓଲେଟ୍ କିରଣ ଯୋଗୁ ପ୍ରଭାବିତ ହେଉଥିବା କ୍ଷତିରୁ ରକ୍ଷା ପାଇପାରିବେ। ବେସନ ଦହି, କାକଡ଼ି ରସ,ନଡ଼ିଆପାଣି ଟ୍ୟାନିଂ ସମସ୍ୟାକୁ ଦୂର କରିଥାଏ।

# ପାଣି ପିଅନ୍ତୁ, ସୁସ୍ଥ ରହନ୍ତୁ

## ଡାକ୍ତର ଗୁରୁପଦ ମିଶ୍ର

ବୈଜ୍ଞାନିକଙ୍କ ମତରେ ଜଳ ହିଁ ଜୀବନର ମୂଳତତ୍ତ୍ୱ । ଜଳ ଆମ ଶରୀରୁ ବାହାରୁ ଥିବା ଅନାବଶ୍ୟକ ପଦାର୍ଥକୁ ବାହାର କରି ସତେଜତା ବଢ଼ାଇଥାଏ । ଖାଇବା ପୂର୍ବରୁ ଗୋଟିଏ କିମ୍ବା ଦୁଇ ଗ୍ଲାସ ପାଣି ପିଇଲେ ସାଧାରଣତଃ ଶରୀରକୁ ଆରାମ ଲାଗିଥାଏ । ଏହା କମ୍ ଖାଇବା ଓ ଡିହାଇଡ୍ରେସନ୍‌ରେ ମଧ୍ୟ ସାହାଯ୍ୟ କରିଥାଏ । ଦୈନନ୍ଦିନ ସ୍ୱାସ୍ଥ୍ୟ ସମସ୍ୟାରେ ଏଚଟୁଓର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ବିଭିନ୍ନ ରୋଗବ୍ୟାଧିର ଉପଶମରେ ସହାୟ ହୋଇଥାଏ । ସେଗୁଡ଼ିକ ହେଲା -

ମେଟାବୋଲିଜିମ୍‌କୁ ବଢ଼ାଇଥାଏ : ଓଜନ ହ୍ରାସପାଇଁ ଇଚ୍ଛୁକ ? ଜଳପାନ ଦ୍ୱାରା ଶରୀରର ଅଧିକ କ୍ଷମତା ଆସିଥାଏ । ଏକ ସର୍ଭେ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁସାରେ ଏଣ୍ଡୋକ୍ରିନୋଲୋଜି ଏବଂ ମେଟାବୋଲିଜିମ୍ ପାନୀୟ ଜଳରେ ଥିବା ଜର୍ନାଲ ଅଫ୍ କ୍ଲିନିକାଲ ପତ୍ରିକାରେ ପ୍ରକାଶିତ ହୋଇଛି । ତେଣୁ ଅଧିକ ପାଣି ପିଉଥିବା ୩୦ ଭାଗ ସୁସ୍ଥ ମହିଳା ଏବଂ ପୁରୁଷଙ୍କର ମେଟାବୋଲିକ୍ ବଢ଼ିଥାଏ । ପାଣି ପିଇବାର ୩୦-୪୦ ମିନିଟ୍ ପରେ ମେଟାବୋଲିକ୍‌ର ମାତ୍ରା ବୃଦ୍ଧି ପାଇଥାଏ ।



ହୃତ୍‌ପିଣ୍ଡକୁ ସୁରକ୍ଷା ଦିଏ : ଅଧିକ ପାଣି ପିଇବା ଦ୍ୱାରା ହୃଦ୍‌ଘାତ ହେବାର ଆଶଙ୍କା କମ୍ ଥାଏ । ୬୦ ବର୍ଷର ପରୀକ୍ଷା ପରେ ଆମେରିକାର ଇପିଡ୍ରେମିଓଲୋଜି ପତ୍ରିକାରେ ପ୍ରକାଶିତ ହୋଇଥିଲା ଦିନକୁ ଦୁଇଗ୍ଲାସରୁ କମ୍ ପାଣି ପିଉଥିବା ବ୍ୟକ୍ତିଙ୍କ ଠାରୁ ପାଞ୍ଚ ଗ୍ଲାସରୁ ଅଧିକ ପାଣି ପିଉଥିବା ବ୍ୟକ୍ତିଙ୍କର ହୃଦ୍‌ଘାତ ହେବାର ସମ୍ଭାବନା କମ୍‌ଥାଏ । ଅଧିକମାତ୍ରାରେ ପାଣି ପିଇବା ଦ୍ୱାରା କର୍କଟରୋଗକୁ କମ୍ କରାଯାଇପାରିବ । ରିସର୍ଚ୍ଚରୁ ଜଣାପଡ଼ିଛି ଯେ ହାଇଡ୍ରେଡ୍ ଦ୍ୱାରା ବୃହଦାନ୍ତ କର୍କଟକୁ ୪୫ ଭାଗ ରୋକାଯାଇପାରିବ, ମୂତ୍ରାଶୟ କର୍କଟ ୫୦ ଭାଗ ଏବଂ ସ୍ତନ କର୍କଟକୁ ମଧ୍ୟ ରୋକା ଯାଇପାରିବ।

ମୁଣ୍ଡବିନ୍ଧା ଦୂରକରେ : ବୈଜ୍ଞାନିକମାନେ ମାଇଗ୍ରୋନ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରିଛନ୍ତି । ଗୋଟିଏ ପ୍ଲେସବୋ ନେବା ଅନ୍ୟଟି ଦୈନିକ ୧.୫ ଲିଟର ପାଣି ପିଇବା। ଦୁଇ ସପ୍ତାହ ପରେ ଦେଖିବାକୁ ମିଳିଥିଲା ଯେ ପ୍ଲେସ୍‌ବୋ ନେଉଥିବା ଲୋକଙ୍କ ଅପେକ୍ଷା ପାଣି ପିଉଥିବା ଲୋକଙ୍କ ମୁଣ୍ଡ ବିନ୍ଧା ଦୂର ହୋଇଥିଲା ।

ବୁଦ୍ଧି ବଢ଼ାଇବାରେ ପାଣିର ଭୂମିକା : ଆମ ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ଅମ୍ଳଜାନ ଦରକାର କରିଥାଏ । ତେଣୁ ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା ଆମ ଶରୀରକୁ ଦରକାର କରୁଥିବା ଉପାଦାନ ମିଳିଯାଇଥାଏ । ଦିନକୁ ୮ରୁ ୧୦ କପ୍ ପାଣି ପିଇଲେ ଆମର ସଂଜ୍ଞାନାତ୍ମକ ନିଷ୍ପାଦନର ୩୦ ଭାଗ ବଢ଼ିଥାଏ ।

ଧନୀ କରିବାରେ ସହାୟ : ୬୦ ପ୍ରତିଶତ ଯୁକ୍ତରାଷ୍ଟ୍ରର ଲୋକେ ପାଣି ବୋତଲ କିଣି ପିଇଥାନ୍ତି । ଏହା ଜୁସ୍, ସୋଡ଼ା ଏବଂ ଷ୍ଟାରବକ ଠାରୁ ଶସ୍ତା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ପଇସା ବଞ୍ଚିଯାଏ । ପ୍ରତିଦିନ ସୋଡ଼ାଠାରୁ ଗୋଟେ ଗ୍ଲାସ ପାଣି ଶ୍ରେୟସ୍କର ହୋଇଥାଏ ।

ସତେଜ ରଖେ : କର୍ମକ୍ଷେତ୍ରରେ ସତେଜ ରଖିବା ସହ ଡିହାଇଡ୍ରେସନ୍‌ର ପରିମାଣକୁ କମ୍ କରି ମେମୋରୀକୁ ବଢ଼ାଏ ।

ବର୍ତ୍ତମାନ ଖରାଦିନ ହୋଇଥିବାରୁ ଶରୀରକୁ ଯଥେଷ୍ଟ ପରିମାଣର ଜଳ ଆବଶ୍ୟକ ହୋଇଥାଏ ଏହା କେବଳ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିନଥାଏ ବରଂ ସମ୍ଭାବ୍ୟ ଶରୀରୁ ଜଳୀୟ ହ୍ରାସ ଜନିତ କ୍ଷତିରୁ ବଞ୍ଚାଇଥାଏ। ଫୁଟା ହୋଇ ମାଟି ପାତ୍ରରେ ରହିଥିବା ପାଣି ସବୁଠାରୁ ସ୍ୱାସ୍ଥ୍ୟ ପାଇଁ ଭଲ। ଫ୍ରିଜରେ ରହିଥିବା ଥଣ୍ଡା ପାଣି ଶରୀର ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କଥାରେ ଅଛି 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ' ଠିକ ସେହିପରି ଶରୀର ପାଇଁ ଅତ୍ୟଧିକ ପରିମାଣରେ ଜଳ ମଧ୍ୟ ଅହିତକାର ହୋଇଥାଏ। ତେଣୁ ଆପଣଙ୍କ ଖାଦ୍ୟ ଓ ଶରୀରର ଓଜନକୁ ଦୃଷ୍ଟିରେ ରଖି ସର୍ବନିମ୍ନ ଦିନକୁ ବିଶୁଦ୍ଧ ଆଠଗ୍ଲାସ ପାଣି ପିଅନ୍ତୁ। ଏହା ଆପଣଙ୍କ ଶରୀରର ଉର୍ଜ୍ଜା ବଢ଼ାଇବା ସହିତ ଫୁର୍ତ୍ତି ସୃଷ୍ଟି କରିଥାଏ।

+ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ,
କଟକ,

# କଲରା ସହ ଭୁଲ୍‌ରେ ବି ଖାଆନ୍ତୁନି ଏସବୁ ଜିନିଷ

କଲରା ଯାହାକୁ ଗ୍ରୀଷ୍ମକାଳୀନ ସୁପରଫୁଡ୍ ମଧ୍ୟ କୁହାଯାଏ। ଏହା ସ୍ୱାଦରେ ତିକ୍ତ କିନ୍ତୁ ପୁଷ୍ଟିସାରର ଏକ ଭଣ୍ଡାର। ଏଥିରେ ଭିଟାମିନ ସି, ଜିଙ୍କ୍, ପୋଟାସିୟମ, ଆଇରନ ଏବଂ ମାଙ୍ଗାନିଜ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଡାଇବେଟିସ୍ ରୋଗୀଙ୍କ ପାଇଁ କଲରା କୌଣସି ଔଷଧଠାରୁ କମ୍ ନୁହେଁ। ଏହାକୁ ଖାଇବାର ଅନ୍ୟାନ୍ୟ ଲାଭ ମଧ୍ୟ ଅଛି ଯେପରିକି ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ଏଥିରେ ଥିବା ଭିଟାମିନ ସି' ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ। କଲରା ରସ ପିଇବା ଦ୍ୱାରା ଚର୍ମ ଚମକଦାର ଏବଂ ଯୁବାବସ୍ଥା ଦେଖାଯାଏ। ତେବେ ଜାଣନ୍ତୁ କେଉଁ ଜିନିଷ ସହିତ ଆମେ କଲରା ଖାଇବାରୁ ଦୂରେଇ ରହିବା ଉଚିତ୍...

କଲରା ଖାଇବା ଦ୍ୱାରା ଶରୀର ବିଷମୁକ୍ତ ମଧ୍ୟ ରହିଥାଏ। ଆପଣ ଏହାକୁ ଅନେକ ଉପାୟରେ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ। ଖାଦ୍ୟରେ କଲରା ମିଶାଇବାର ଅନେକ ଲାଭ ଅଛି, କିନ୍ତୁ ଯଦି କଲରାକୁ ସଠିକ୍ ଉପାୟରେ ଖିଆଯାଏ, ତେବେ ଏହାର ଅନେକ ଲାଭ ଅଛି ଏବଂ ଯଦି ଏହାକୁ ଖାଇବା ସମୟରେ ଭୁଲ୍ ହୁଏ, ତେବେ ଏହା ଶରୀରକୁ ମଧ୍ୟ କ୍ଷତି ପହଞ୍ଚାଇପାରେ। ଯଦିଓ କ୍ଷୀରରେ କ୍ୟାଲସିୟମ ଏବଂ ଅନେକ ଭିଟାମିନ୍ ଥାଏ ତଥାପି ଏହାକୁ କଲରା ସହିତ ଖାଇବା କ୍ଷତିକାରକ ହୋଇପାରେ। କଲରା ଖାଇବା ପରେ କ୍ଷୀର ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ଏବଂ ବଦହଜମୀ ଭଳି ପେଟ ସମସ୍ୟା ହୋଇପାରେ। ଏହା ପାଚନ କ୍ରିୟା ଉପରେ ଖରାପ ପ୍ରଭାବ ପକାଏ। ଆମ୍ବ ହେଉଛି ଫଳର ରାଜା ଏବଂ ଲୋକମାନେ କେବଳ ଆମ୍ବ ଖାଇବା ପାଇଁ ଗ୍ରୀଷ୍ମ



ଋତୁକୁ ଅପେକ୍ଷା କରନ୍ତି, କିନ୍ତୁ ଯଦି ଆପଣ କଲରା ସହିତ ଆମ୍ବ ଖାଆନ୍ତି ତେବେ ଏହା ଏସିଡିଟି ଏବଂ ପୋଡ଼ାଜଳା ସୃଷ୍ଟି କରିପାରେ। ଆମ୍ବ ସହିତ କଲରା ଖାଇବା ଦ୍ୱାରା ଆପଣଙ୍କ ପାଚନ ତନ୍ତ୍ରର ସ୍ୱାସ୍ଥ୍ୟ ନଷ୍ଟ ହୋଇପାରେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୫ ମଇ ୨୦୨୫, ଗୁରୁବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମର ଓ ଶାଳୀନତାର ସରହଦ...

କଥାରେ ଅଛି- ଭଗାରୀ ମା' ପେଟରେ। ଅର୍ଥାତ୍ ନିଜର ଭାଇ ଭଉଣୀ ଯଦି ଉତ୍ତମ ସଂସ୍କାର ନ ପାଆନ୍ତି, ତା'ହେଲେ ବାହାର ଲୋକ ବା ପଡ଼ିଶାଙ୍କ କଥା ତ ଛାଡ଼, ସେଇମାନେ ହିଁ ସବୁଠୁ ବଡ଼ ଶତ୍ରୁ ଭାବରେ ଉଭା ହୁଅନ୍ତି ମଣିଷର। ଠିକ୍ ସେମିତି ପାକିସ୍ତାନ। ଧର୍ମ ଭିତ୍ତିରେ ଭାରତଠୁ ଅଲଗା ହେବା ପରେ କେବଳ ହିଂସାର ମାର୍ଗକୁ ଆପଣାଇ ଏବେ ସଭ୍ୟତାର ଶିଖର ଛୁଇଁଥିବା ବିଶ୍ୱରେ କେଉଁଠି, ତାହା ସମସ୍ତେ ଜାଣନ୍ତି। ଯେ କୌଣସି ଦେଶର ସବୁକିଛି ଏହାର ଅର୍ଥନୀତି ଉପରେ ନିର୍ଭର କରେ। ଆଉ ପାକିସ୍ତାନର ଆର୍ଥିକ ଅବସ୍ଥା ତ ଏବେ ଗୋଟିଏ ଭିକାରୀ ସଦୃଶ। ପୁଣି ଗୋଟିଏ ମାଡ଼କୁ ମାଡ଼ ମାରିବା ଯାହା, ପାକିସ୍ତାନ ଉପରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇ ନିଜର ଅସଲ ଲକ୍ଷ୍ୟକୁ ପାସୋରି ଯିବା ତାହା କହିଲେ ଅତ୍ୟୁକ୍ତି ହେବନାହିଁ। ତଥାପି ଇଟାର ଜବାବ ପଥରରେ ଦେବାକୁ ଯାଇ ଅପରେସନ୍ ସିନ୍ଦୂର ଜରିଆରେ ଭାରତ ଏହାର ଯେତିକି କ୍ଷତି ଘଟାଇଛି, ସେତିକି ଭରଣା କରିବାକୁ ଏଇ ଦେଶକୁ ଯେ କେତେ ବର୍ଷ ଲାଗିଯିବ, ତାହା କହିବା ସହଜ ନୁହେଁ। ତେଣୁ ଏହା ପାଇଁ ସାମ୍ପ୍ରତିକ ସମୟରେ ବଡ଼ କର୍ତ୍ତବ୍ୟ ହେଉଛି ନିଜର ଅର୍ଥନୀତିକ ଅଭିବୃଦ୍ଧିରେ ସ୍ଥିରତା ଆଣିବା ସହିତ ବିପଦପ୍ରବଣ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ବାସ କରୁଥିବା ଲୋକମାନଙ୍କ ସମେତ ସମଗ୍ର ଦେଶର ଲୋକମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ କରି ସେମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଘଟାଇବା। ପାକିସ୍ତାନର ବେଇମାନ ସ୍ୱଭାବ ପରିପ୍ରେକ୍ଷୀରେ ବିବେଚନା କଲେ ଏଭଳି ସ୍ଥିରତାକୁ ଆଦୌ ହାଲ୍କା ଭାବରେ ନିଆଯାଇ ପାରିବ ନାହିଁ। ଭାରତ ଏହାର ବର୍ବରତାରେ ଅତିଷ୍ଠ ହୋଇ ଯେତେବେଳେ ପାକିସ୍ତାନ ଉପରେ ନିର୍ଣ୍ଣାୟକ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ଏହାର ବାୟୁ ସେନାର ଏକ ପ୍ରମୁଖ ଅଂଶକୁ ଧ୍ୱସ୍ତ ବିଧ୍ୱସ୍ତ କରି ଦେଇଛି, ସେତେବେଳେ ଏହାର ସେନା ସୀମାନ୍ତରେ ସବୁକିଛି ନିୟମ କାନୁନ୍ ଉଲ୍ଲଙ୍ଘନ କରି ଭାରତର କ୍ଷୟକ୍ଷତି ଘଟାଇବାକୁ ଆପ୍ରାଣ ଉଦ୍ୟମ କରିବା ସ୍ୱାଭାବିକ। ମେ' ୧୦ ତାରିଖରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମସ୍ତ ପ୍ରକାରର ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଏକ ବୁଝାମଣା ହୋଇଥିବା ସମ୍ପର୍କରେ ଶ୍ରୀଯୁକ୍ତ ମିଶ୍ରି ଘୋଷଣା କରିବା ପରେ ପରେ ବେଶ୍ କିଛି ସଂଖ୍ୟକ ଭାରତୀୟ ତାଙ୍କ ପ୍ରତି ଅଶାଳୀନ ଭାଷାମାନ ପ୍ରୟୋଗ କରି ତାଙ୍କର ଉପରୋକ୍ତ ଆକାଉଣ୍ଟରେ ସେମାନଙ୍କର କ୍ରୋଧକୁ ପୋଷ୍ଟ କରିଛନ୍ତି। ଏପରିକି, କେତେକ ଭାରତୀୟ ତାଙ୍କ କନ୍ୟା ସମ୍ପର୍କରେ ମଧ୍ୟ ଖରାପ ମନ୍ତବ୍ୟ ଦେବାକୁ ପଶ୍ଚାତ୍‌ପଦ ହୋଇ ନାହାନ୍ତି। ଶ୍ରୀଯୁକ୍ତ ମିଶ୍ରି ତାଙ୍କ ଆକାଉଣ୍ଟକୁ ଲକ୍ କରି ଦେଇଛନ୍ତି ଏବଂ ଏଥିରେ ବ୍ୟଥିତ ହୋଇ ଅନେକ ସଂଖ୍ୟକ କୂଟନୀତିଜ୍ଞ ଏବଂ ରାଜନେତା ଏଭଳି ବିଷାକ୍ତ ସଂସ୍କୃତିର ଦୃଢ଼ ନିନ୍ଦା କରି ଦର୍ଶାଇଛନ୍ତି ଯେ ଶାଳୀନତାର ଅନେକ ସଂଖ୍ୟକ ଲକ୍ଷ୍ମଣ ରେଖାର ଉଲ୍ଲଙ୍ଘନ ହୋଇଛି। ଯେଉଁମାନେ ଏପରି କରିଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ ଶ୍ରୀଯୁକ୍ତ ମିଶ୍ରି କେବଳ ଯାହା ତାଙ୍କର କର୍ତ୍ତବ୍ୟ ନିର୍ବାହ କରିଛନ୍ତି ଏବଂ କରୁଛନ୍ତି ଏବଂ ତାଙ୍କର ଏହି କର୍ତ୍ତବ୍ୟର ଏକ ଅଂଶ ହେଉଛି ରାଜନେତାମାନଙ୍କ ନିଷ୍ପତ୍ତିକୁ ସର୍ବସାଧାରଣଙ୍କୁ ଅବଗତ କରାଇବା। ତେବେ ଏହାଠୁ ବଳି ଅଧିକ ପରିତାପର ବିଷୟ ହେଉଛି, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ (ଆଇଆଣ୍ଡ୍‌ବି), ଯାହା ସୋସିଆଲ ମିଡିଆରେ ଅପରେସନ୍ ସିନ୍ଦୂର ବାବଦରେ ବାସ୍ତବତାର ବୟାନ ନ କରି 'ସମ୍ପୂର୍ଣ୍ଣ ଭ୍ରମାତ୍ମକ ତଥ୍ୟ ପରିବେଷଣଜନିତ ଅପରାଧ' କରୁଥିବା କହି ପାକିସ୍ତାନର ଘୋର ନିନ୍ଦା କରୁଥିଲା, ତାହା ଶ୍ରୀଯୁକ୍ତ ମିଶ୍ରି ଏବଂ ତାଙ୍କ କନ୍ୟାଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟମାନ ପ୍ରଦାନ କରାଯିବା ଏବଂ ସେମାନଙ୍କୁ ଗାଳିମନ୍ଦ କରାଯିବାକୁ ନେଇ ନିରବ ରହିଥିଲା। ପୂର୍ବାପେକ୍ଷା ସର୍ବସାଧାରଣ ପରିସର ହୁଏତ ଅଧିକ ଭାଗିଦାରୀମୂଳକ ହୋଇଛି, କିନ୍ତୁ ତାହା ଶୋଭନୀୟ ବ୍ୟବହାରକୁ ସୁନିଶ୍ଚିତ କରିପାରି ନାହିଁ। ଏହି ମଞ୍ଚରେ ସର୍ବାଧିକ ଅଶାଳୀନ ମନ୍ତବ୍ୟଗୁଡ଼ିକ ମଧ୍ୟରେ ବଳାତ୍କାର କରାଯିବା ଏବଂ ହତ୍ୟା କରାଯିବାର ଧମକ ସର୍ବାଗ୍ରେ ସ୍ଥାନ ପାଉଛି। ବର୍ତ୍ତମାନ ସମୟରେ ଏହି ମାଧ୍ୟମ ଉପରେ କଡ଼ା ନଜର ରଖାଯିବା ସବୁ କମ୍ପାନୀମାନଙ୍କର ଏକ ଘୋଷା ଶବ୍ଦ ପାଲଟି ଯାଇଥିବା ବେଳେ, ଏଥିରେ ସନ୍ଦେହ ନାହିଁ ଯେ ଖୁବ୍ ଶୀଘ୍ର ଅନ୍‌ଲାଇନ୍‌ରେ ଅଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନଙ୍କୁ ନିରୂପଣ କରାଯାଇ ଏହାର ଉଚିତ ପରିସମାପ୍ତି କରାଯାଇ ପାରିବ। ତେବେ ଏ ବାବଦରେ ଏକ କଠୋର ଆଇନ ପ୍ରଣୟନ କରାଯିବାର ଆବଶ୍ୟକତା ମଧ୍ୟ ରହିଛି। ଚଳିତ ବର୍ଷ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ୍ (ଡିପିଡିପି) ରୁଲସ୍, ୨୦୨୫ ଲାଗୁ କରାଯିବାର ସମ୍ଭାବନା ରହିଛି, ଯେଉଁଥିରେ ବ୍ୟକ୍ତିଗତ ସୂଚନାର ଅପବ୍ୟବହାର ପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ମଧ୍ୟ ରହିଛି। 'ଭାରତୀୟ ନ୍ୟାୟ ସଂହିତା'ରେ ଏ ବାବଦରେ ସୀମିତ ସଂଖ୍ୟକ ପ୍ରାବଧାନ ରହିଛି। ତେଣୁ ସରକାର ଯଥା ଶୀଘ୍ର ସାମାଜିକ ଗଣମାଧ୍ୟମ ମଞ୍ଚର ଅପବ୍ୟବହାରକୁ ରୋକିବାକୁ କଠୋରରୁ କଠୋର ଦଣ୍ଡ ବିଧାନ କରିବା ନିମନ୍ତେ ଏକ ଆଇନ ଆଣିବା ଉଚିତ। ପରିଶେଷରେ, ପାକିସ୍ତାନ ଉପରେ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଇତି ମଧ୍ୟରେ ପ୍ରଧାନମନ୍ତ୍ରୀ ନିଜର ତୁଣ୍ଡ ଖୋଲି ସାରିଛନ୍ତି। ଆତଙ୍କବାଦ ପାଇଁ ଭାରତର ଆଭିମୁଖ୍ୟ କ'ଣ ଏବଂ ପାକିସ୍ତାନ ପୁଣି ଥରେ ଧୃଷ୍ଟତା କଲେ, ଭାରତ ସେଥିପାଇଁ କି ପଦକ୍ଷେପ ନେବ, ସେ ବାବଦରେ ଭାରତ ବାରମ୍ବାର କହି ସାରିଛି ଏବଂ ପ୍ରଧାନମନ୍ତ୍ରୀ ପୁଣିଥରେ ତାହା ଆଶ୍ୱସ୍ତ କରାଇଛନ୍ତି। ଏବେ ଯୁଦ୍ଧ ବନ୍ଦ ରହିଥିବାରୁ ସମୟ ଉପଗତ ହୋଇଛି ଦେଶର ଲୋକମାନଙ୍କ ଜୀବନ ଏବଂ ଜୀବିକା ଉପରେ ସରକାର ଧ୍ୟାନ କେନ୍ଦ୍ରିତ କରି ଦେଶକୁ ଅର୍ଥନୀତିକ ଅଭିବୃଦ୍ଧି କ୍ଷେତ୍ରରେ ଦ୍ରୁତ ପଦକ୍ଷେପରେ ଆଗେଇ ନେବା ଉଚିତ।

# ମାନବ ଜୀବନର ସାର୍ଥକତା : 'ପରୋପକାରାର୍ଥମ୍ ଇଦମ୍ ଶରୀରଂ'



### ବିଜୟଲକ୍ଷ୍ମୀ ଶତପଥୀ

ଜୀବନ ଗତିଶୀଳ, ଏକ ପ୍ରବାହ ମାନ ଧାରା। ଏହି ଧାରାରେ ଧାବିତ ସକଳ ଜୀବ ଜଗତ ମାତ୍ର ଧାବମାନ ଜଗତକୁ ସୁନିୟନ୍ତ୍ରିତ କରିନପାରିଲେ ଜନ୍ମ ନିରର୍ଥକ ହୋଇଯାଏ। ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ସଦଗୁରୁଙ୍କ ଶରଣାପନ୍ନ ହେବା ଅରିହାର୍ଯ୍ୟ। ସଦଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଜୀବନକୁ ଚଳାଇ ପାରିଲେ ହୋଇ ଉଠେ ସମୁନ୍ନତ ସୁମଧୁର। ମାନବଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବା। ମାନବଜାତିର କଲ୍ୟାଣ ପାଇଁ ସେ ବହୁ ଉପଦେଶ ଦେଇଯାଇଛନ୍ତି। ମଣିଷର ଜୀବନ ଈଶ୍ୱର ଓ ଅନ୍ୟମାନଙ୍କ ସେବା ଲାଗି ଉଦ୍ଦିଷ୍ଟ ବୋଲି ସେ କହୁଥିଲେ। ସମାଜ ସେବାରେ ହିଁ ମଣିଷ ଜୀବନର ସାର୍ଥକତା। ବୃକ୍ଷଲତା, ପଶୁପକ୍ଷୀ ଆଦି ସହଜାତ ଭାବେ କେବଳ ନିଜ ପାଇଁ ଜୀବନଧାରଣ କରନ୍ତି। ତଥାପି ମଣିଷ ସେମାନଙ୍କ ଦ୍ୱାରା ଉପକୃତ ହୁଏ। ନିଜ ଅଜାଣତରେ ସେମାନେ ମଣିଷର ଉପକାର କରିଥାଆନ୍ତି। ମଣିଷ ସ୍ଥାନ ସେମାନଙ୍କ ଠାରୁ ଉପରେ। ସେବା ପାଇଁ ମଣିଷର ଜନ୍ମ। ତେବେ ଆଜିର ମଣିଷ ନିଜର କର୍ତବ୍ୟ ଦଗରେ ସଚେତନ ନୁହେଁ। ଅହଂଭାବ, ସ୍ୱାର୍ଥପରତା ଆଦି ଯୋଗୁଁ ଆଜି ଆମେ ବସୁଧୈବ କୁଟୁମ୍ବକମ୍ ଆଦର୍ଶକୁ ଭୁଲିଗଲେଣି। ଆମ୍ଭମାନଙ୍କର କର୍ତ୍ତବ୍ୟ କରଣୀୟ ସମ୍ପର୍କରେ ଅନେକ ପ୍ରଶ୍ନ ଉଠାନ୍ତି - ଆପଣମାନେ ସମାଜ ସେବା କ'ଣ କରୁଛନ୍ତି? ସମାଜ ବହୁ ମଣିଷର ସମଷ୍ଟି। ଆମେ ପ୍ରତ୍ୟେକ ସମାଜର ଅଂଶ। ଆମେ ପ୍ରତ୍ୟେକଟି ମଣିଷ ଉନ୍ନତ ହେଲେ ହିଁ ସମାଜ ଉନ୍ନତ ହୋଇଉଠିବ।

ଯୁଗେ ଯୁଗେ ଅବତାର ଅବତରି ଆସନ୍ତି ମାନବ ସମାଜକୁ ଉଦ୍ଧିତ କରିବାକୁ, ଆମ ଭିତରେ ଥିବା ଆଧ୍ୟାତ୍ମିକ ତୃଷ୍ଣା ଦୂରୀଭୂତ କରିବାକୁ। ୨୩ ନଭେମ୍ବର ୧୯୨୬ ମସିହା। ମହା ବିଷ୍ଣୁ ସ୍ୱୟଂ ବୈକୁଣ୍ଠ ଅଧିପତି ନାରାୟଣ ସ୍ୱୟଂ ସତ୍ୟ ନାରାୟଣ ରୂପେ ଜନ୍ମ ଗ୍ରହଣ କଲେ ଆନ୍ଧ୍ରପ୍ରଦେଶର ଏକ ଅଜ୍ଞାତ ପଲ୍ଲୀ ପୁଟ୍ଟପର୍ତ୍ତୀରେ। ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଥିଲା ଏହି ନିପଟ ମଫସଲ ଗାଆଁଟି ଯାହା ଭାରତୀୟ ମାନଚିତ୍ରରେ ମଧ୍ୟ ନଥିଲା। ସେହି ଅଞ୍ଚଳକୁ ଭଗବାନ ବାବା ଜନ୍ମ ଭୂମି ରୂପେ ଚୟନ କରିଥିଲେ। ସେହି ଅଞ୍ଚଳ ସବୁରେ ପାନୀୟ ଜଳର ଘୋର ଅଭାବ ବାଳକ ସତ୍ୟର ସେହି କୋମଳ କାନ୍ଧଟି ବୁଝି ଯାଇ ତାର ନିରାକରଣର ଭାର ବହନ କରି ସାରିଥିଲା। ଭାଇଙ୍କ ଘରେ ପଢ଼ିବା ବେଳେ ଘର ପାଇଁ ତଥା ପୁରା ଗାଆଁଟିର ଜଳ କଷ୍ଟ ଉପଶମ ପାଇଁ କାନ୍ଧରେ ଭାର ବୋହି ପାଣି ଆଣିବା ଭିତରେ ସେହି କୋମଳ କାନ୍ଧରେ ବିଣ୍ଡି ବସି ଯାଉଥଲା ଯାହା ମାଆଙ୍କୁ ବ୍ୟଥିତ କରିଥିଲା। ପୁଣ୍ୟଗର୍ଭା ମାତା ଈଶ୍ୱରାମ୍ମା ବାଳକ ସତ୍ୟମ୍‌ଙ୍କୁ ତିନୋଟି ଗହଣା ମାଗିଥିଲେ, ଗାଆଁରେ ଗୋଟିଏ ଛୋଟ ବିଦ୍ୟାଳୟ, ବୈଦ୍ୟାଳୟ ଏବଂ ପାନୀୟ ଜଳ ବ୍ୟବସ୍ଥା। ମାଆଙ୍କ ହୃଦୟର ବେଦନାକୁ ବୁଝି ତାଙ୍କ ପ୍ରାର୍ଥନା ରଖିଲେ ଭଗବାନ। ସେହି ନିର୍ମଳ ହୃଦୟର ପ୍ରାର୍ଥନାର ପ୍ରତ୍ୟୁତ୍ତର ସ୍ୱରୂପ ବିଶାଳ ବିଶ୍ୱ ବିଦ୍ୟାଳୟ ଯେଉଁଠି କେଜିରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା ରହିଛି, ସୁବିଶାଳ ଆରୋଗ୍ୟ ମନ୍ଦିର ଯେଉଁଠି ବିଲ ପାଇଁ କୌଣସି ବ୍ୟବସ୍ଥା ହିଁ ନାହିଁ ଏବଂ ସୁବିସ୍ତୃତ ପାନୀୟ ଜଳ ପ୍ରକଳ୍ପ ପ୍ରଭୁ ମାନବ ସମାଜକୁ ଉପହାର ସ୍ୱରୂପ ପ୍ରଦାନ କଲେ।

ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ହେଉଛି ଅତ୍ୟଧିକ ଫ୍ଲୋରାଇଡ଼ ପ୍ରବଣ ଜିଲ୍ଲା। ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଭଗବାନ ବାବା ସଂକଳ୍ପ ବଦ୍ଧ ଥିଲେ। ଭଗବାନ କହିଥିଲେ ଯଦି ଆବଶ୍ୟକ ପଡ଼େ ମୁଁ ମୋର ସର୍ବସ୍ୱ ବିକ୍ରି କରିଦେବି, ଆବଶ୍ୟକ ହେଲେ ମୋ ନିଜକୁ ମଧ୍ୟ ବିକ୍ରି କରି ଦେବି ସିନା କିନ୍ତୁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଅବଶ୍ୟ ପ୍ରଦାନ କରିବି। ତାଙ୍କର ଚିନ୍ତନ, ବଚନ ଓ କର୍ମର ସମନ୍ୱିତ ଭାବ ସୁବିସ୍ତୃତ 'ଶ୍ରୀ ସତ୍ୟସାଇ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ'ର ରୂପ ନେଲା। ସେହିଭଳି ଭାବରେ ୧୯୯୫ ମସିହାରେ ଅନନ୍ତପୁର ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୧୮ ମାସର ରେକର୍ଡ଼ ସମୟ ମଧ୍ୟରେ ୭୦୦ ଗ୍ରାମର ୧୨.୫ ଲକ୍ଷ ଲୋକ, ୨୦୦୧ରେ ମେଡ଼କ ମେହେବୁବ ନଗରର ୧୦ ଲକ୍ଷ ଲୋକ, ୨୦୦୫ରେ ପୂର୍ବ ଓ ପଶ୍ଚିମ ଗୋଦାବରୀର ୫.୯୦ ଲକ୍ଷ ଲୋକ ଏବଂ ୨୦୦୭ ସୁଦ୍ଧା ଚେନ୍ନାଇ ପ୍ରକଳ୍ପ ମାଧ୍ୟମରେ ୬୦ ଲକ୍ଷ ଲୋକଙ୍କ ପାଇଁ ପ୍ରଭୁ ଦିବ୍ୟ କରୁଣାରୁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହୋଇପାରିଛି। ତେବେ କରୁଣାର ଏହି ପ୍ରବହମାନ ଧାରା ଆନ୍ଧ୍ର, ତାମିଲର ସୀମା ଭିତରେ ସୀମାବଦ୍ଧ ନଥିଲା। ପ୍ରଭୁଙ୍କ ଅନାବିଳ ପ୍ରେମର ଜାହ୍ନବୀ ଧାରା ସୀମା ସରହଦ ଡେଇଁ ସାରା ଓଡ଼ିଶାକୁ ପ୍ଲାବିତ କରିଛି 'ଶ୍ରୀସତ୍ୟସାଇ ନିର୍ମଳ ଝର' ପ୍ରକଳ୍ପ ମାଧ୍ୟମରେ। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା ଜଳସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନେଇ ସେବାର ସୁଯୋଗରେ ବ୍ରତୀ ରହିଛି। ଏହି ସେବା ସାଧାରଣତଃ ତିନି ପ୍ରକାରରେ କରାଯାଉଛି।


ଶ୍ରୀ ସତ୍ୟସାଇ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ : ଜଳରେ ଦ୍ରବୀଭୂତ ହୋଇ ମାତ୍ରାଧିକ ବିଷାକ୍ତ ରସାୟନ ଥିବା ଜିଲ୍ଲା ମାନଙ୍କରେ ଆରଓ ପ୍ଲାଣ୍ଟ ବସାଯାଇ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଉଛି। ୨୦୧୫ ମସିହାରୁ ଅଦ୍ୟାବଧି, ୧୧ଟି ଜିଲ୍ଲାରେ ୩୮ଟି ଗ୍ରାମ ଶ୍ରୀ ସତ୍ୟସାଇ ନିର୍ମଳ ଝର ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା ମାଧ୍ୟମରେ ୬୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଯାଉଛି। ଶ୍ରୀ ସତ୍ୟସାଇ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ : ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଗହଳି ଥିବା ସ୍ଥାନ ମାନଙ୍କରେ ଆବଶ୍ୟକତା ଅନୁସାରେ ମେସିନ ବସାଇ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ସମସ୍ତଙ୍କ ପାଇଁ ଉପଲବ୍ଧ କରାଯାଉଛି। ଏ ପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇ ବର୍ଷ ତମାମ ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଉପଲବ୍ଧ କରାଯାଉଛି। ଗ୍ରୀଷ୍ମକାଳୀନ ଜଳ ସେବା : ଖରା ଦିନେ ବାଟୋଇ ମାନଙ୍କ ଯାତ୍ରା ସମୟରେ ଲୋକଙ୍କ ତୃଷ୍ଣା ନିବାରଣରେ ଏହି ସେବା ପ୍ରମୁଖ ଭୂମିକା ନେଉଛି। ସାରା ରାଜ୍ୟରେ ସମସ୍ତ ଜିଲ୍ଲାର ପ୍ରମୁଖ ସ୍ଥାନ ମାନଙ୍କରେ ବିଭିନ୍ନ ମେଳା ମହୋତ୍ସବରେ ଦିନ ରାତି ଲୋକଙ୍କୁ ପାନୀୟ ଜଳ, ସର୍ବତ, ପଣା ଦେଇ ତୃଷିତଙ୍କ ସେବାରେ ସଦା ନିୟୋଜିତ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଜଳ ସେବା ସାଧନାରେ ବ୍ରତୀ ସାଧକ ସାଧିକା। ଏହା ସହିତ ଘରେ ଘରେ ପଶୁ ପକ୍ଷୀଙ୍କ ପାଇଁ ସମ୍ପୂର୍ଣ୍ଣ ଗ୍ରୀଷ୍ମ ସମୟରେ ବିଶେଷ କରି ଆରାଧନାର ପବିତ୍ର ମାସରେ ବାଳବିକାଶର ଟିକି କଳିକା ମଧ୍ୟ ଜଳ ସେବାର ଆନନ୍ଦ ନେଉଛନ୍ତି।

ଜଳ ହିଁ ଜୀବନ। ଜଳର ସୁରକ୍ଷା ଆମ ସମସ୍ତଙ୍କ ପ୍ରମୁଖ କର୍ତ୍ତବ୍ୟ। ଜଳସେବା ମହୋତ୍ସବରେ ଆସନ୍ତୁ ସମସ୍ତେ ଶପଥ ନେବା। ଘରେ ପାଣି ଟାଙ୍କି ଭର୍ତ୍ତି କରିବା ସମୟରେ ଅଯଥାରେ ଜଳ ନଷ୍ଟ କରିବା ନାହିଁ, ସଠିକ ସମୟରେ ସ୍ୱିଚ ବନ୍ଦ କରିବା। ବ୍ରସ କରିବା ବେଳେ, ମୁହଁ ଧୋଇବା ବେଳେ, କୁଳି କରିବା ବେଳେ ଆବଶ୍ୟକତା ଅନୁସାରେ ହିଁ ଟ୍ୟାପ ଖୋଲି ପାଣିର ବ୍ୟବହାର କରିବା। ଅଯଥା ପାଣିକୁ ବୋହି ଯିବାକୁ ଦେବା ନାହିଁ। ଗାଧୋଇବା ସମୟରେ, ବାସନ ଓ ଲୁଗା ସଫା ସମୟରେ ଜଳ ନଷ୍ଟ କରିବା ନାହିଁ। ଅଳ୍ପ ଲୁଗା ସଫା କରିବାକୁ ଥିଲେ ୱାସିଂ ମେସିନର ବ୍ୟବହାର ନକରି ମଧ୍ୟ ବାଲ୍ଟିରେ କମ ପାଣିରେ ଧୋଇ ପାରିବା। ଗାଡ଼ି ଧୋଇବାରେ ବ୍ୟବହୃତ ହୋଇଥିବା ପାଣି ଅନ୍ୟ କିଛି କାମରେ ବା ଗଛ ପତ୍ରରେ ବ୍ୟବହାର କରି ପାରିବା। ଘରେ ବା ବାହାରେ କୌଣସି ନଳ ଖୋଲା ଦେଖିଲେ ନିଶ୍ଚିତ ବନ୍ଦ ରଖିବା। ଘରେ ପାଣିକୁ ବାହାରକୁ ବୋହି ଯିବାକୁ ନଦେଇ ସଂରକ୍ଷିତ କରି ରଖି ଅନ୍ୟ କାମରେ ଲଗେଇ ପାରିବା। ଗଛରେ ପାଣି ଦେବାବେଳେ ଯେମିତି ଅନ୍ୟତ୍ର ପାଣି ପଡ଼ି ନଷ୍ଟ ନହୁଏ ସେଥିପ୍ରତି ସାବଧାନ ହେବା। ଆବଶ୍ୟକ ଅନୁସାରେ ଗ୍ଲାସରେ ପାଣି ନେଇ ପିଇବା ଅଳ୍ପ ପିଇ ପୁରା ଗ୍ଲାସ ପାଣି ନଷ୍ଟ କରିବା ନାହିଁ କାରଣ ଗୋଟିଏ ଗ୍ଲାସ ବିଶୁଦ୍ଧ ପାଣି ପାଇବାକୁ ମଧ୍ୟ ଅନେକ ଜଳ ଆବଶ୍ୟକ ହୋଇଥାଏ। ଜଳ ଯଦି ସୁରକ୍ଷିତ ତାହା ଆମର ବନ୍ଧୁ, ଜଳ ଯଦି ଅସୁରକ୍ଷିତ ତାହା ଆମର ଶତ୍ରୁ। ଜଳର ସୁରକ୍ଷା ଆମର ଏକମାତ୍ର ଧ୍ୟେୟ ହେଉ।

ସେବା ଆମ ମାନଙ୍କୁ ପୁରସ୍କାର ରୂପେ କେବଳ ଆତ୍ମସନ୍ତୋଷ ପ୍ରଦାନ କରେନାହିଁ, କିନ୍ତୁ ଯାହାର ଯନ୍ତ୍ରଣା ଲାଘବ କରିବାରେ ନିଜକୁ ନିୟୋଜିତ କରୁ ସେ ମଧ୍ୟ ସେତିକି ସନ୍ତୁଷ୍ଟ ଓ ପ୍ରସନ୍ନତା ଅନୁଭବ କରେ। ସେବକ ସବୁବେଳେ ବିନୀୟ ହୋଇଥାଏ। ଆମେ ସେବା ପ୍ରଦାନର ପ୍ରତିଦାନରେ କୌଣସି ଆଶା କରୁନା। ଭଗବାନ ବାବା ସମସ୍ତଙ୍କର ସେବା ମାଧ୍ୟମରେ ଆମ ନିଜ ଭିତରେ ଓ ସମଗ୍ର ସୃଷ୍ଟିରେ ଦୈବତ୍ୱକୁ ଆବିଷ୍କାର କରିବାକୁ ଶିକ୍ଷା ଦେଉଛନ୍ତି। ସମଗ୍ର ମାନବ ଜାତିର ଭାତୃତ୍ୱର ବ୍ୟାଖ୍ୟା ସେବାର୍ପଣ ମାଧ୍ୟମରେ ହିଁ ସମ୍ଭବ। ସେବାକାର୍ଯ୍ୟ କେବଳ ପ୍ରଶାନ୍ତି ନିଳୟମ୍ ଆଶ୍ରମ ଭିତରେ କିମ୍ବା ଡାକ୍ତରଖାନାରେ ସୀମିତ ନୁହେଁ। ସମାଜର ସତ୍ ସ୍ୱଭାବ ସଂପନ୍ନ ଓ ସଚେତନ ବ୍ୟକ୍ତିମାନେ ପ୍ରତ୍ୟେକ ଜୀବଜନ୍ତୁ, ବୃକ୍ଷଲତା ଆବଶ୍ୟକତା ପୂରଣ କରିବାରେ ଚେଷ୍ଟିତ ରହନ୍ତି। ତେଣୁ କୁହାଯାଏ 'ପରୋପକାରାର୍ଥମ୍ ଇଦମ ଶରୀରଂ', ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେଇ ବିଶ୍ୱ ନିୟନ୍ତାଙ୍କର ସନ୍ତାନ ସନ୍ତତି ମଣି କିଛି କିଛି ସ୍ୱାର୍ଥ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ, ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

ଖରିଆର ରୋଡ଼, ନୂଆପଡ଼ା

# ଚର୍ଚ୍ଚାରେ ନ୍ୟାୟାଳୟ ଏବଂ ଉପରାଷ୍ଟ୍ରପତିଙ୍କ ଚିନ୍ତା



### ଗୋପାଳ ମହାପାତ୍ର

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୁପ୍ରିମ୍ କୋର୍ଟଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ଏକ ନୂଆ ବିବାଦ ସୃଷ୍ଟି ହୋଇଛି। ଉପରାଷ୍ଟ୍ରପତି ଧନଖଡ଼ କହିଛନ୍ତି ଯେ, "ଦେଶ ଏମିତି ଗଣତନ୍ତ୍ରର କଳ୍ପନା କରି ନଥିଲା ଯେଉଁଠି ବିଚାରପତି ଆଇନ୍ ପ୍ରଣୟନ କରିବେ, କାର୍ଯ୍ୟ ପାଳିକାର କାମ ବି କରିବେ ଏବଂ ସୁପର ସାଂସଦ ଭଳି କାମ କରିବେ। ଅନୁଚ୍ଛେଦ ୧୪୨ ନ୍ୟାୟପାଳିକା ପାଇଁ ନ୍ୟୁକ୍ଲିୟର ମିଶାଇଲ ପାଲଟି ଯାଇଛି। ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଣଦେଖା କରାଯାଇ ଏହାର ଉପଯୋଗ କରାଯାଉଛି।" ଉପରାଷ୍ଟ୍ରପତି ଜଣେ ଆଇନ ବିଶାରଦ। ରାଜସ୍ଥାନ ହାଇକୋର୍ଟ ଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଓକିଲାତି କରିଛନ୍ତି। ଉପରାଷ୍ଟ୍ରପତି ହେବା ପୂର୍ବରୁ ପଶ୍ଚିମବଂଗର ରାଜ୍ୟପାଳ ମଧ୍ୟ ଥିଲେ। ଏଭଳି ଜଣେ ବିଦ୍ୱାନ ଉପରାଷ୍ଟ୍ରପତି ଯେତେବେଳେ ନ୍ୟାୟପାଳିକାକୁ ନେଇ ମନ୍ତବ୍ୟ ଦେଉଛନ୍ତି ସେତେବେଳେ ତାଙ୍କ ମନ୍ତବ୍ୟର ନିହିତାର୍ଥ କ'ଣ ସେକଥା ମଧ୍ୟ ବୁଝିବା ଆବଶ୍ୟକ।

ଦେଶର ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ଏବଂ ସୁପ୍ରିମ୍ କୋର୍ଟଙ୍କ କାର୍ଯ୍ୟ ନିର୍ଦ୍ଧାରିତ ହୋଇଛି। ନିୟମତଃ ବିଧାୟିକାର କାମ, ଆଇନ ପ୍ରଣୟନ କରିବା। କାର୍ଯ୍ୟପାଳିକା ଉକ୍ତ ଆଇନ୍‌କୁ କାର୍ଯ୍ୟକାରୀ କରିଥାଏ ଏବଂ ନ୍ୟାୟପାଳିକା ଆଇନ୍‌ର ବ୍ୟାଖ୍ୟା କରିବା ସହ ବିବାଦର ସମାଧାନ କରିଥାଏ। ଗଣତନ୍ତ୍ରର ଏହି ତିନି ସ୍ତମ୍ଭର ଉପରେ ରହିଛନ୍ତି ଭାରତର ରାଷ୍ଟ୍ରପତି। ସୁପ୍ରିମ୍ କୋର୍ଟର ବିଚାରପତି ନିଯୁକ୍ତି ମଧ୍ୟ ରାଷ୍ଟ୍ରପତି କରିଥାନ୍ତି। ରାଷ୍ଟ୍ରପତି ନ୍ୟାୟାଳୟର ସମ୍ମାନରେ ହିଁ ସୁପ୍ରିମକୋର୍ଟର କୋଲୋଜିୟମର ସୁପାରିଶକୁ ଭିତ୍ତିକରି ବିଚାରପତିଙ୍କୁ ନିଯୁକ୍ତି ଦେଇଥାନ୍ତି। ରାଷ୍ଟ୍ରପତି ଚାହିଁଲେ କୌଣସି ବିଚାରପତିଙ୍କୁ ତାଙ୍କ ପଦରୁ ହଟାଇ ପାରିବେ। ଯେତେବେଳେ ଦେଶରେ କୌଣସି ମାମଲାରେ ଆଇନ ସମ୍ପର୍କୀତ ପ୍ରଶ୍ନ ଉଠେ ସେତେବେଳେ ରାଷ୍ଟ୍ରପତି ତାଙ୍କ ଅଧିକାରର ଉପଯୋଗ କରିପାରନ୍ତି ଏପରିକି ଅଦାଲତକୁ ମଧ୍ୟ ନିର୍ଦ୍ଦେଶ ଦେଇ ପାରିବାର ଅଧିକାର ତାଙ୍କ ପାଖରେ ରହିଛି।

ଏ ସବୁପରେ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଦିଆ ଯାଇଥିବା ମୃତ୍ୟୁଦଣ୍ଡ (ଫାସୀ) ପ୍ରସଙ୍ଗରେ ନିଜର ଅଧିକାରର ଉପଯୋଗ କରି ଅପରାଧିକୁ ରାଜକ୍ଷମା ପ୍ରଦାନ କରିବାର ଅଧିକାର ମଧ୍ୟ ରାଷ୍ଟ୍ରପତିଙ୍କର ରହିଛି। ରାଷ୍ଟ୍ରପତି ହେଉଛନ୍ତି ଦେଶର ତିନିସେନା ବାହିନୀର ମୁଖ୍ୟ। ଏଣୁ ସମ୍ବିଧାନ ଭାରତର ରାଷ୍ଟ୍ରପତିଙ୍କୁ ଅପାର ଶକ୍ତି ପ୍ରଦାନ କରିଛି ଯାହାଙ୍କୁ କୌଣସି ନ୍ୟାୟାଳୟର ସୀମା ଭିତରେ ବାନ୍ଧି ରଖାଯାଇ ପାରିବ ନାହିଁ କାରଣ ରାଷ୍ଟ୍ରପତି ନ୍ୟାୟାଳୟର ସୀମାର ଉର୍ଦ୍ଧ୍ୱରେ। ଦେଶର ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ଦେଶର ସର୍ବୋଚ୍ଚପଦ। ସୁପ୍ରିମ୍ କୋର୍ଟ ଦେଶର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା ହୋଇଥିବା କାରଣରୁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇପାରିବେ କିନ୍ତୁ ରାଷ୍ଟ୍ରପତି ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶକୁ ମାନିବେ କିମ୍ବା ନମାନିବେ ଏହା ତାଙ୍କ ବିବେକାଧିନ ଅଟେ। ଅର୍ଥାତ୍ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ରାଷ୍ଟ୍ରପତି ମାନିବାକୁ ବାଧ୍ୟ ନୁହଁନ୍ତି।

ମୋଟାମୋଟି ଭାବେ କହିବାକୁ ଗଲେ ରାଷ୍ଟ୍ରପତି ବିଧାୟିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ଉର୍ଦ୍ଧ୍ୱରେ ରାଷ୍ଟ୍ରପତିଙ୍କୁ ବିଧାୟିକା ନିର୍ବାଚନ କରିଥାନ୍ତି ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ବିଧାୟିକା (ସାଂସଦ ବିଧାୟକ) ହେଉଛି, ଜନତାଙ୍କ ଦ୍ୱାରା ନିର୍ବାଚିତ ବା ଅନ୍ୟ ଅର୍ଥରେ ଜନପ୍ରତିନିଧି। ଜନତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ବା ବିଧାୟିକା ଉପରେ ନ୍ୟାୟାପାଳିକା ଅଙ୍କୁଶ ଲଗାଇବା ଭଳି କାର୍ଯ୍ୟ କରୁଛି। ଉଦାହରଣ ହେଉଛି ସୁପ୍ରିମକୋର୍ଟ ନିକଟରେ ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମାନଙ୍କୁ ବିଧେୟକକୁ ଅନୁମୋଦନ କରିବାର ସମୟସୀମା ଧାର୍ଯ୍ୟ କରିଛି। ଏହାକୁ ନେଇ ଉପରାଷ୍ଟ୍ରପତି ଧନଖଡ଼ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପରାଷ୍ଟ୍ରପତି କହିଛନ୍ତି ଯେ ଅଦାଲତ ରାଷ୍ଟ୍ରପତିଙ୍କୁ ଆଦେଶ ଦେଇ ପାରିବେ ନାହିଁ। ଅନୁଚ୍ଛେଦ ୧୪୨ ଅନୁସାରେ ସୁପ୍ରିମ୍ କୋର୍ଟ ପୂର୍ଣ୍ଣ ନ୍ୟାୟ ପାଇଁ କୌଣସି ଆଦେଶ, ନିର୍ଦ୍ଦେଶ ଓ ନିଷ୍ପତ୍ତି ଦେଇ ପାରିବେ। ଯେକୌଣସି ମାମଲାରେ ଏହା ପ୍ରଯୁଜ୍ୟ। କିନ୍ତୁ ନ୍ୟାୟପାଳିକା ମନେ ରଖିବା ଉଚିତ୍ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ହୋଇ ଗଠନ କରାଯାଇଥିବା ସରକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସବୁ ସଂସ୍ଥାମାନେ ନିଜନିଜ ସୀମା ମଧ୍ୟରେ ରହି କାମ କରିବା ଆବଶ୍ୟକ। କୌଣସି ସଂସ୍ଥା ସମ୍ବିଧାନର ଉର୍ଦ୍ଧ୍ୱରେ ନୁହେଁ।

ଉପରାଷ୍ଟ୍ରପତି ଧନଖଡ଼ ଏବେ ବିଧେୟକକୁ ମଞ୍ଜୁରୀ ଦେବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଯେଉଁ ସମୟ ସୀମା ନିର୍ଦ୍ଧାରଣ କରିଛନ୍ତି ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଉପରାଷ୍ଟପତିଙ୍କ ଚିନ୍ତା ଉପରେ ବ୍ୟାପକ ବିମର୍ଷ ମଧ୍ୟ ଆବଶ୍ୟକ। ଆଶ୍ଚର୍ଯ୍ୟର କଥା ଯେ ରାଷ୍ଟ୍ରପତିଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ନିଷ୍ପତ୍ତି ନେବାପାଇଁ କୁହାଯାଇଛି ଏବଂ ରାଷ୍ଟ୍ରପତି ଯଦି ଧାର୍ଯ୍ୟ ସମୟସୀମା ମଧ୍ୟରେ ବିଧେୟକକୁ ଅନୁମୋଦନ ନ କରନ୍ତି ତେବେ ସମ୍ବନ୍ଧିତ ବିଧେୟକ ଆପେ ଆପେ ଆଇନ୍‌ରେ ପରିଣତ ହୋଇଯିବ ବୋଲି କୋର୍ଟ କହିଛନ୍ତି। ଉପରାଷ୍ଟପତିଙ୍କ ଚିନ୍ତା ଠିକ୍। ଭାରତରେ ରାଷ୍ଟ୍ରପତି ସମ୍ବିଧାନର ରକ୍ଷା, ସଂରକ୍ଷଣ ଏବଂ କାର୍ଯ୍ୟକାରୀତାର ଶପଥ ନେଇଥାନ୍ତି। କିନ୍ତୁ ମନ୍ତ୍ରୀ, ସାଂସଦ, ଏବଂ ବିଚାରପତିଙ୍କ ସମେତ ଅନ୍ୟ ମାନେ ସମ୍ବିଧାନର ପାଳନ କରିବାର ସପଥ ନେଇଥାନ୍ତି। ଏଣୁ କେଉଁ ଧାରାରେ ନ୍ୟାୟପାଳିକା ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇ ପାରିବେ ବୋଲି ପ୍ରଶ୍ନ କରିଛନ୍ତି ଧନଖଡ଼େ। ସମ୍ବିଧାନର ଅନୁଚ୍ଛେଦ ୧୪୫ (୩) ଅନୁସାରେ ନ୍ୟାୟପାଳିକା ପାଖରେ ସମ୍ବିଧାନର ବ୍ୟାଖ୍ୟା କରିବାର ଏକମାତ୍ର ଅଧିକାର ଅଛି ବୋଲି କହିଛନ୍ତି ଧନଖଡ଼େ। ଏହି ବ୍ୟାଖ୍ୟା ପାଇଁ ମଧ୍ୟ ୫ କିମ୍ବା ତାଠାରୁ ଅଧିକ ସଂଖ୍ୟକ ବିଚାରପତିଙ୍କର ଆବଶ୍ୟକତା ରହିଛି।

ଉପରାଷ୍ଟ୍ରପତି ଧନଖଡ଼୍‌ଙ୍କ ସମ୍ବିଧାନର ବ୍ୟାଖ୍ୟା ପାଇଁ ବିଚାରପତିଙ୍କ ସଂଖ୍ୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଯେତେବେଳେ ଅନୁଚ୍ଛେଦ ୧୪୫ (୩) ନିର୍ଦ୍ଧାରିତ କରାଯାଇଥିଲା ସେତେବେଳେ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସଂଖ୍ୟା ଥିଲା ୮ କିନ୍ତୁ ଏବେ ୩୦ରୁ ଅଧିକ ବିଚାରପତି ଅଛନ୍ତି। ୮ ବିଚାରପତି ଥିବାବେଳେ ୫ କିମ୍ବା ତା ଠାରୁ ଅଧିକ ବିଚାର ପତିଙ୍କ ପୀଠ ସମ୍ବିଧାନର ବ୍ୟାଖ୍ୟା କରିବାର ନିୟମ ଥିଲା କିନ୍ତୁ ଏବେ ୩୦ରୁ ଅଧିକ ବିଚାରପତି ଥିବା ବେଳେ ସମ୍ବିଧାନର ବ୍ୟାଖ୍ୟା କେତେ ଜଣ ବିଚାରପତି କରିପାରିବେ? ତାମିଲନାଡୁ ସରକାର ଏବଂ ରାଜ୍ୟପାଳଙ୍କ ମାମଲାରେ ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ନେଇଛନ୍ତି ଏବଂ ସେଥିରେ ଯେଭଳି ଭାବେ ରାଷ୍ଟ୍ରପତିଙ୍କ ଅଧିକାରକୁ ଛୋଟ କରିବାପାଇଁ ପ୍ରୟାସ କରାଯାଇଛି ତାକୁ ଠିକ୍ ବୋଲି କୁହାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି ଧନଖଡେ। ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ପ୍ରଥମଥର ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ବିନା ସୁପ୍ରିମକୋର୍ଟଙ୍କ ଆଦେଶରେ ବିଧେୟକ ଆଇନ୍‌ରେ ପରିଣତ ହୋଇଛି। ତାମିଲନାଡୁ ମାମଲାରେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ରାଜ୍ୟପାଳଙ୍କ ପାଖରେ ପୂର୍ଣ୍ଣ ବା ଆଂଶିକ ଭିଟୋର ଅଧିକାର ନାହିଁ ଏବଂ ବିଧାନସଭାରେ ଗୃହୀତ ବିଧେୟକକୁ ରାଜ୍ୟପାଳ ଅଟକାଇ ରଖିପାରିବେ ନାହିଁ। ଏଥିସହ ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ କହିଛନ୍ତି ଯେ ଯଦି କୌଣସି ରାଜ୍ୟର ବିଧେୟକ ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ଆସେ ତେବେ ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କ ପରାମର୍ଶ ନେବେ ଏବଂ ବିଧେୟକକୁ ୩ମାସ ମଧ୍ୟରେ ଅନୁମୋଦନ କରିବେ। ବସ୍ତୁତଃ ଏହାକୁ ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟଙ୍କ ଆଦେଶ ବୋଲି କୁହାଯାଇପାରେ। ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ସୁପ୍ରିମ୍ କୋର୍ଟ କ'ଣ ରାଷ୍ଟ୍ରପତିଙ୍କୁ ଆଦେଶ ଦେଇ ପାରିବେ? ସମ୍ବିଧାନ ନ୍ୟାୟପାଳିକାକୁ ଦେଇଥିବା ଅଧିକାର କ'ଣ ତ୍ରୁଟିପୂର୍ଣ୍ଣ ବ୍ୟାଖ୍ୟା ସୁପ୍ରିମ୍ କୋର୍ଟ ବୋଲି ମଧ୍ୟ ପ୍ରଶ୍ନ ଉଠୁଛି।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪




## ମଉସୁମୀ ଆସ ଫେରି

### ଜୟନ୍ତ କୁମାର ମଲ୍ଲିକ୍



ନକରି ଜମାରୁ ଡେରି
ମଉସୁମୀ ଆସ ଫେରି -
ତୁମକୁ ସ୍ୱାଗତ କରିବୁ ସଭିଏଁ
ବଜାଇ ଖୁସିର ଭେରୀ।
ଆକାଶେ ମେଘକୁ ଧରି
ଆସ ତୁମେ ଅବତରି -
ତୁମ ପରଶରେ ଉଜୁଡ଼ା ମାଟିରେ
ଶିହରଣ ଯିବ ଭରି।
ଶୁଣି ଘଡଘଡି ରଡ଼ି
ପଡ଼ିବନି ଭୟେ ଗଡ଼ି -
ନହେଲେ ଚଗଲା ପବନ ତୁମକୁ
ବହୁ ଦୂରେ ଦେବ ତଡ଼ି।
ସବୁଜ ହୋଇବ କ୍ଷେତ
ଉଡ଼ିବ ପ୍ରୀତିର ନେତ -
ମଉସୁମୀ ତୁମେ ହୋଇଲେ ସକ୍ରିୟ
ଆଶା ହେବେ ସମବେତ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ଦିନୁ ଦିନୁ ବଢ଼େ ଖରା ତାତି

### ଜଗଦୀଶ ସାହୁ



ଦିନୁ ଦିନୁ ବଢ଼େ ଖରାତାତି
ଅଶାନ୍ତିରେ କଟେ ଦିନରାତି
ଗୁଳୁଗୁଳି ହୁଏ ଅସମ୍ଭାଳ
ଥପଥପ ବହିପଡେ ଝାଳ
ଦେହରେ ଘିମିରି ଯାଏ ମାତି
ଘିମିରି ଶୁଖିଲେ ଛାଡେ କାତି
ଝଞ୍ଜା ବାତ ବହେ ସାଇଁ ସାଇଁ
ଦେହ ମୁଣ୍ଡ କରେ ଝାଇଁ ଝାଇଁ
ଅଂଶୁଘାତ ଭୟ ମନେ ଜାଗେ
ପଦାକୁ ଯିବାକୁ ଡର ଲାଗେ
ମନ ଖୋଜୁଥାଏ ଗଛ ଛାଇ
ଦିନ ବିତେ ତୋଟା ମାଳେ ଯାଇ
ଗରମ ଭୋଜନ ଯାଏ ଦୂରେ
ପଖାଳ କଂସାକୁ ମନ ଝୁରେ
କାକୁଡ଼ି ଟମାଟୋ ଶାଗ ଭଜା
ବଢାଏ ସୁଆଦ ଲାଗେ ମଜା
ଦହି ସରବତ ଲେମ୍ବୁ ପାଣି
ଯେତେ ପାର ସେତେ ପିଅ ଛାଣି
ଗଛ ଲଗାଇବା ମେଳି ହୋଇ
ଟାଣ ଖରା ତାତି ଯିବ ଧୋଇ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬

## ଅହଙ୍କାର/ଆତ୍ମ ବିଶ୍ୱାସ

### ସଦାଶିବ ବିଶ୍ୱାଳ



ଆତ୍ମବିଶ୍ୱାସ, ଅହଙ୍କାର
ଦୁଇ ସଦସ୍ୟ ଏକ ପରିବାରର
କିନ୍ତୁ ତଫାତ ଅଛି
ଜଣୁ ଜଣଙ୍କର


ଆତ୍ମବିଶ୍ୱାସ କହେ
ସମସ୍ତେ ଭଲ, ମୁଁ ବହୁତ ଭଲ
ଅହଙ୍କାର କହେ
ଅନ୍ୟ କେହି ନୁହେଁ ମୁଁ ଏକା ଭଲ

ଆତ୍ମ ବିଶ୍ୱାସ କହେ
ମୁଁ କେବେ ବି ହାରିବିନି
ଅହଙ୍କାର ଛାତି ପିଟି ଡଙ୍କା ବଜାଏ
ମୋତେ କେହି ହରାଇ ପାରିବେନି

ଆତ୍ମ ବିଶ୍ୱାସ କହେ କରି ପାରେ
ମୁକାବିଲା ସବୁ ପରିସ୍ଥିତିର
ଉଚ୍ଚ ସ୍ୱରେ କହେ ଅହଙ୍କାର
କେହି ନୁହଁନ୍ତି ସକ୍ଷମ
କରିବା ପାଇଁ ମୁକାବିଲା ମୋର

କହନ୍ତି ତ ଉଭୟ ନିଶ୍ଚିତ
ଆତ୍ମ ବିଶ୍ୱାସେ ମିଳେ ସଫଳତା
ଅହଙ୍କାର ମୁହଁ ମାଡି ପଡେ
ଶେଷେ ତାକୁ ମିଳେ ବିଫଳତା

କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର
ଅଙ୍ଗାରୁଆ, ଜିଲ୍ଲା - କେଉଁଝର



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୬୫



ଡ. ସିନ୍ଧୁ ସେନ୍

ଅଳଙ୍କାର ଭୂଷଣ ଗୁଡ଼ିକ ନିଜ ଉତ୍ତରୀୟରେ ଗଣ୍ଠିଲି କରି ତଳେ ପକାଇ ଦେଇଥିଲେ । ହନୁମାନଙ୍କର ହଠାତ୍ ସେସବୁ ସ୍ମରଣକୁ ଆସେ । ଆଉ ସେ ଗଣ୍ଠିଲିକୁ ଆଣି ରାମଚନ୍ଦ୍ରଙ୍କୁ ଦେଖାଇଲା ପରେ ଏହା ଯେ ସୀତାଙ୍କର ତାହା ସ୍ପଷ୍ଟ ଜଣାପଡ଼େ। ରାମଙ୍କ ମୁଖରେ ଆଶା ଉଜ୍ଜ୍ୱଳି ଉଠେ । ଗଣ୍ଠିଲି ଫିଟାଇ ଗୋଟିଗୋଟି କରି ସୀତାଙ୍କ ଆଭୂଷଣ ଦେଖି ବିଚଳିତ ହୋଇପଡ଼ନ୍ତି ରାମଚନ୍ଦ୍ର । ଆଖିରେ ତାଙ୍କର ଲୁହ ଭରିଯାଏ । ସମସ୍ତ ପରିବେଶ ହୋଇଉଠେ ଶୋକାକୁଳ ।

ମନ୍ତ୍ରୀ ଶୁକରର କାହାଣୀ ତଥାପି ସରି ନଥିଲା । ବାନରବୀର ସୁଗ୍ରୀବ ରାମଙ୍କ ସହ ମିତ୍ରତା ପରେ ସୀତା ଉଦ୍ଧାର କାର୍ଯ୍ୟରେ ସାମିଲ୍ ହେବା ଏବଂ କିପରି ରାମଚନ୍ଦ୍ର ସୁଗ୍ରୀବଙ୍କୁ ଭେଟିବା ପାଇଁ ଆଗକୁ ଅଗ୍ରସର ହେଲେ ତାହା ମଧ ବିଶଦ ଭାବେ ବର୍ଣ୍ଣନା କରୁଥିଲେ । ସୁଗ୍ରୀବ ବାଳୀଙ୍କ ଡରରେ ଋଷ୍ୟମୂକ ପର୍ବତରେ ଲୁଚି ରହିଥିଲେ । ସାଂଗରେ ମାତ୍ର ଅଳ୍ପ କେତେଜଣ ବାନର ତାଙ୍କ ସହ ରହୁଥିଲେ । ମନ୍ତ୍ରୀବରଙ୍କ କଥାରୁ ଜାଣିପାରିଲି ପମ୍ପା ସରୋବର କୂଳରେ ମାତଙ୍ଗ ମୁନିଙ୍କ ଆଶ୍ରମ । ମାତଙ୍ଗ ମୁନିଙ୍କ ଶିଷ୍ୟା ଶବରୀର କାହାଣୀ । ଯିଏ କାହିଁ କେତେକାଳୁ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତୀକ୍ଷା କରି ରହିଥିଲା । ଆଉ ନିଜ ପ୍ରଭୁ ଶ୍ରୀରାମଙ୍କୁ ଆଶ୍ରମରେ ପାଇ ଅଇଁଠା କୋଳି ଖୁଆଇ ଭକ୍ତିରେ ଜିଣି ଯାଇଥିଲା ଶ୍ରୀରାମଙ୍କ ହୃଦୟ । ଶେଷରେ ପ୍ରଭୁଙ୍କ ଦର୍ଶନ ଲାଭ କରି ଶବରୀ କିଭଳି ମୁକ୍ତି ପାଇଥିଲା । ସେସବୁ କାହାଣୀ ମୋତେ ପରୀ ରାଇଜର କାହାଣୀ ଭଳି ଅଦ୍ଭୁତ ଲାଗୁଥିଲା । ମନ୍ତ୍ରୀବରଙ୍କ ମୁହଁରୁ ମୁଁ ଯେତେଯେତେ ରାମଙ୍କ ବିଷୟରେ ଶୁଣୁଥିଲି । ସେତିକି ଉତ୍କଣ୍ଠା ବଢୁଥିଲା ମୋ ମନରେ । ସତେଯେମିତି ଏସବୁ ଥିଲା ବିଧି ନିର୍ଦ୍ଧାରିତ । ଶବରୀଙ୍କ ଠାରୁ ସୁଗ୍ରୀବଙ୍କ ଠିକଣା ନେଇ ଦୁଇଭାଇ, ଋଷ୍ୟମୂକ ପର୍ବତରେ ପହଞ୍ଚିଯାନ୍ତି, ଆଉ ସେଇଠାରେ ହିଁ ସେମାନେ ଭେଟନ୍ତି ସୁଗ୍ରୀବ ଆଉ ତାଙ୍କ ମନ୍ତ୍ରୀ ବୀର ହନୁମାନଙ୍କୁ । ହନୁମାନଙ୍କ ଠାରୁ ଶୁଣନ୍ତି ବାଳୀ ଆଉ ସୁଗ୍ରୀବଙ୍କ ମଧ୍ୟରେ ବାଦବିବାଦର କାହାଣୀ । ଶେଷରେ ସୁଗ୍ରୀବଙ୍କ ସହ ରାମଙ୍କର ମିତ୍ରତା ହୁଏ । ସୀତା ଉଦ୍ଧାର ପାଇଁ ସୁଗ୍ରୀବ ଆଉ ମନ୍ତ୍ରୀ ହନୁମାନ ରାମଙ୍କ ଠାରେ ପ୍ରତିଜ୍ଞାବଦ୍ଧ ହୁଅନ୍ତି । ସୁଗ୍ରୀବ କିଭଳି କେଉଁ ପରିସ୍ଥିତି ପତ୍ନୀ ହରା ହୋଇ ଋଷ୍ୟମୂକ ପର୍ବତରେ ଲୁଚି ରହିଥାନ୍ତି ସେ ସବୁ ଶୁଣିବା ପରେ ରାମ ପ୍ରଥମେ ହିଁ ବାଳୀଙ୍କୁ ବଧ କରି ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ରାଜା କରାଇ ଦିଅନ୍ତି। ତାପରେ ସେମାନଙ୍କ ଲଙ୍କାଯାତ୍ରାର ଯୋଜନା ଆରମ୍ଭ ହୁଏ । ସୀତାଦେବୀ ଆକାଶପଥରେ ଉଡ଼ି ଯାଉଥିବା ବେଳେ ତାଙ୍କର

ମନ୍ତ୍ରୀ ଶୁକର ଏସବୁ କାହାଣୀ କହୁଥିବା ବେଳେ ମଝିରେ ମଝିରେ ନିରବୀ ଯାଆନ୍ତି । ମୁଁ କିନ୍ତୁ ତାଙ୍କର ନିରବତା ସହିପାରୁ ନଥାଏ । ଧୈର୍ଯ୍ୟହରା ହୋଇ କହୁଥାଏ ତାପରେ କ'ଣ ହେଲା କୁହନ୍ତୁ । ଏମିତି ମୁଁ ଅନେକ କଥା ଶୁଣୁଥିଲି ମନ୍ତ୍ରୀବରଙ୍କ ପାଖରୁ । ବାଳୀ,ସୁଗ୍ରୀବ ମଧରେ ଶତ୍ରୁତା ପୁଣି ରାମଙ୍କ ସାହାଯ୍ୟରେ ବାଳୀବଧ ଏସବୁ ମୋତେ କେବଳ ରହସ୍ୟର ଇନ୍ଦ୍ରଜାଲ ଭଳି ଲାଗୁଥିଲା । ଏତକ ମଧ ଜାଣିବାକୁ ପାଇଲି ବାଳୀଙ୍କୁ ମାରିବା ପାଇଁ ଅନେକ କଷ୍ଟ କରିବାକୁ ପଡ଼ିଥିଲା । ବାଳୀର ବୀରତ୍ୱର ମୋ ପାଖରେ ଅଛପା ନୁହେଁ । ମୁଁ ତେଣୁ ବାଳୀଙ୍କ ସହ ଶତ୍ରୁତା ବଦଳରେ ମିତ୍ରତାର ହାତ ବଢ଼ାଇ ତାଙ୍କ ଠାରୁ ସହଯୋଗ ଆଶା କରିଥିଲି । ଏବେ କିନ୍ତୁ ରାମଙ୍କ ହାତରେ ବାଳୀବଧ । ସୁଗ୍ରୀବ କିଷ୍କିନ୍ଧ୍ୟାର ରାଜା । ତାଙ୍କ ପଛରେ ଅଛନ୍ତି ବିରାଟ ବାନର ସେନା । ଏସବୁ ଶୁଣି ମୋ ମନରେ ମଧ ଶଙ୍କା ଜାଗୁଥିଲା, ତେବେ, ଏତିକି ନିଶ୍ଚିତ ହୋଇଗଲି ଯେ, ଆଗାମୀ ଦିନରେ ଲଙ୍କା ଉପରେ ଆକ୍ରମଣ କରିବା ପାଇଁ ସୁଗ୍ରୀମ ଆଉ ହନୁମାନ ସମେତ ବିରାଟ ବାନର ସେନା, ତାଙ୍କ ପଛରେ ଠିଆ ହେବେ । ମୋତେ ତେଣୁ ସେହି ଅନୁସାରେ ପ୍ରସ୍ତୁତ ହେବାକୁ ପଡ଼ିବ ।

ହଁ ମୁଁ ରାବଣ, ରାକ୍ଷସବୀର । ଆମ ରାକ୍ଷସସେନା ସହ ଲଢ଼ିବେ ବାନରସେନା । ତେବେ, ସୀତାଙ୍କୁ ଉଦ୍ଧାର କରିବା ପାଇଁ ଶେଷରେ ରାମଚନ୍ଦ୍ର ବାନରମାନଙ୍କ ସହାୟତା ନେଲେ । ଆଉ ମୁଁ ସେଇ ବାନରସେନା ମାନଙ୍କୁ ଡରିଯିବି । ନା ନା ଏମିତି ହୋଇପାରେନା । ବାନରସେନା କଣ ସତରେ ଆମ ସେନାଠାରୁ ବଳଶାଳୀ ହୋଇଥିବେ। ରାକ୍ଷସ ତ ଚାହିଁଲେ ଗୋଟିଗୋଟି କରି ବାନର ମାନଙ୍କୁ ଗ୍ରାସ କରିଦେଇ ପାରେ । ତେଣୁ ଦୁର୍ବଳତା ମୋର ନୁହେଁ ବରଂ ରାମଚନ୍ଦ୍ରଙ୍କର । ମୁଁ ବା କାହିଁକି ତାଙ୍କୁ ଭୟ କରିବି । ତଥାପି, ଆଗାମୀ ଦିନ ପାଇଁ ମୋତେ କିଛି ପ୍ରତିଷେଧକ ବ୍ୟବସ୍ଥା କରିବାକୁ ପଡ଼ିବ। ସାମ୍ଭବ୍ୟ ଯୁଦ୍ଧକୁ ପ୍ରତିରୋଧ କରିବା ପାଇଁ ମୋତେ କିଛି ଗୋଟେ ଉପାୟ କରିବାକୁ ପଡ଼ିବ । ନିଜକୁ ବୀର ଭାବି ନିରବରେ ବସିଯିବା ମୂର୍ଖାମୀର ପରିଚୟ, କାରଣ ଯୁଦ୍ଧନୀତି ଅନୁଯାୟୀ ଶତ୍ରୁ ଯେତେ ଦୁର୍ବଳ ହେଲେ ବି ତାକୁ ବେଖାତିର କରିବା ଉଚିତ ନୁହେଁ କି ନିଜକୁ ବଳଶାଳୀ ବୋଲି ଭାବିବା ମଧ ଠିକ୍ ନୁହେଁ । ମୁଁ ତେଣୁ ରାଜପାରିଷଦ ମାନଙ୍କ ସହ ଆଲୋଚନା କରି ସତର୍କତା ମୂଳକ ପଦକ୍ଷେପ ନେବାକୁ ମନସ୍ଥ କଲି । ସେହି ଅନୁଯାୟୀ ଲଙ୍କା ନଗରୀର ସମସ୍ତ ପ୍ରବେଶପଥ ଉପରେ କଡ଼ା ଦୃଷ୍ଟି ରଖିବା ପାଇଁ ଆଦେଶ ଦେଲି । ସମଗ୍ର ଲଙ୍କା ନଗରୀରେ ଜରୁରି କାଳୀନ ପରିସ୍ଥିତି ସୃଷ୍ଟି ହୋଇଗଲା । ଆମ ସେନାବାହିନୀ ମଧ ଆକ୍ରମଣର ମୁକାବିଲା କରିବାପାଇଁ ପ୍ରସ୍ତୁତ ହୋଇପଡ଼ିଲେ ।

ସଭା ଭଂଗ ହେଲାପରେ ନିଜ ଆସନ ଛାଡ଼ି ରାଜପ୍ରାସାଦକୁ ଫେରି ଆସିଲି ସତ । ହେଲେ ମୋର କୌଣସି କାମରେ ମନ ଲାଗୁ ନଥିଲା । ରାତିସାରା ମୋ ଆଖିରୁ ହଜିଯାଇଥିଲା ତନ୍ଦ୍ରା । ମୋ କାନରେ କେବଳ ପ୍ରତିଧ୍ୱନିତ ହେଉଥିଲା "ଯୁଦ୍ଧଂଦେହି" ଡାକରା । ମୋ ଚତୁର୍ଦ୍ଦିଗ ଯେମିତି ହୋଇ ଉଠିଥିଲା ରାମମୟ । ରାମମୂର୍ତ୍ତି ମୋତେ ଯେମିତି ଗୋଡ଼ାଉଥିଲା । ଅସ୍ଥିର ଚିତ୍ତରେ ମୁଁ କେବଳ ଭାବୁଥିଲି, କିଏ ସେ ରାମ ? ଏଭଳି ଶକ୍ତିମାନ ସେ ହେଲେ କେମିତି ? ପ୍ରକୃତରେ ସେ ଦୁର୍ବଳ ନା ମୁଁ ଦୁର୍ବଳ ଏହି ଭାବନାରେ ମୋର ସାରା ରାତି କଟିଗଲା । ମୋ କାନରେ କେବଳ ପ୍ରତିଧ୍ୱନିତ ହେଉଥିଲା ସେଇ ରାମନାମ । ମୋ ଚାରିପଟେ କେବଳ ଘୂରି ବୁଲୁଥିଲା ରାମଙ୍କ ମୂର୍ତ୍ତି । ଶୟନେ, ସପନେ, ଜାଗରଣେ ମୁଁ କେବଳ ଦେଖୁଥିଲି ଧନୁର୍ବାଣଧାରୀ ରାମଚନ୍ଦ୍ର ମୋ ସମ୍ମୁଖରେ ଠିଆ ହୋଇ କହୁଛନ୍ତି "ରାବଣ, ଆଉ ବେଶି ଡେରି ନାହିଁ। ମୁଁ ଏବେ ଆସିଗଲି..." ମୋ ଆଖି ସାମନାରେ ନାଚି ଉଠୁଥିଲା କିଛି ଅଦ୍ଭୁତ ଦୃଶ୍ୟ, ମନେ ହେଉଥିଲା ଆମ ଲଙ୍କା ନଗରୀରେ ଶହଶହ ସଂଖ୍ୟାରେ ବାନରଦଳ ମାଡ଼ି ଆସୁଥିଲେ । ଡିଆଁଡିଇଁ କରି ଅସ୍ତବ୍ୟସ୍ତ କରି ଦେଉଥିଲେ ଆମ ରାକ୍ଷସସେନା ମାନଙ୍କୁ ।

ଓଃ.... କି ଯନ୍ତ୍ରଣା । ମୋ ଶୟନ କକ୍ଷରେ ମିଞ୍ଜିମିଞ୍ଜି ଜଳୁଥିଲା ରତ୍ନପ୍ରଦୀପ । ଅଥଚ ମୋ ଚାରିପେଟ ଘେରି ରହିଥିଲା ଘନ ତମିସ୍ରା । ସେହି ଅନ୍ଧାର ମଧ୍ୟରେ ମୋତେ ଖାଲି ଦିଶୁଥିଲା ଏକ ଉଜ୍ଜ୍ୱଳ ଶ୍ୟାମକାନ୍ତି ମୂର୍ତ୍ତି । କାନ୍ଧରେ ଧନୁର୍ବାଣ । ଏଇ କ'ଣ ତେବେ ସୀତାପତି ରାମଚନ୍ଦ୍ର ।

ଓଃ... ମୁଁ କିନ୍ତୁ ଅନାଇ ପାରୁ ନଥିଲି ସେହି ଦିବ୍ୟମୂର୍ତ୍ତି ଆଡ଼କୁ । ଭୟରେ ମୋର ସର୍ବାଙ୍ଗ ଥରି ଉଠୁଥିଲା, ବହୁ କଷ୍ଟରେ ମୋ ବିଶାଳ ଶରୀରଟିକୁ ଲୋଟାଇ ଦେଲି ଶଯ୍ୟାରେ । ତଥାପି ନିଦ ଆସୁ ନଥିଲା । ଉନ୍ନିଦ୍ର ରଜନୀ ମୋର ଅତିବାହିତ ହୋଇଗଲା କେବଳ କିଛି ଦୁଃସ୍ୱପ୍ନ ଆଉ ଅସ୍ଥିରତାରେ....

## ।। ତିରିଶ ।।

ସୃଷ୍ଟିର ବିବର୍ତ୍ତନ ଏକ ସ୍ୱୟଂସିଦ୍ଧ ଧାରା । ପ୍ରତିମୁହୂର୍ତ୍ତରେ ଚିନ୍ତା ଓ ଚେତନାର ପରିବର୍ତ୍ତନ... ଲାଗି ରହିଛି । ଯେ ପର୍ଯ୍ୟନ୍ତ ବିଚାର ମାର୍ଗ ସ୍ୱଚ୍ଛ, ସରଳ ଓ ସମଭାବାପନ୍ନ ମାନବିକ ଧର୍ମ ଅତୁଟ ତଥା ଅକ୍ଷୁଣ୍ଣ ଥାଏ । କୌଣସି ବିକାର ବା ବ୍ୟତିକ୍ରମ ସାମାଜିକ ଜୀବନରେ ସୃଷ୍ଟି ହୁଏ ନାହିଁ । କିନ୍ତୁ ଯେତେବେଳେ ଏହି ମାର୍ଗ ସ୍ୱାର୍ଥାନ୍ଧତା ଓ ମମତ୍ୱ ଜାଲରେ ମୋହଗ୍ରସ୍ତ ହୋଇପଡ଼େ, ସେତେବେଳେ ତାହା ବ୍ୟଭିଚାରୀ ଧର୍ମ ହୋଇଥାଏ । ତାହାହିଁ ଅଧର୍ମ ।

ସମୟ ସହ ତାଳଦେଇ ମୋ ଜୀବନ ମଧ ଗତିଶୀଳ ହେଉଥାଏ । ସମୁଦ୍ରର ଲହରୀ ଭଳି ସମୟର ଲହରୀ ମଧ ଜୀବନର ବେଳାଭୂମି ପରେ ପିଟି ହୋଇ ସ୍ପର୍ଶ ଦେଇଥାଏ । ଛାଡ଼ିଯାଏ ଅନେକ ଚିହ୍ନ । ଅନେକ ଅନୁଭୂତି, ସେ ସୁଖର ହେଉ କି ଦୁଃଖର । ଆଶା, ନିରାଶାର ପୁଣି ସ୍ୱପ୍ନ ଓ ସତ୍ୟର । ସମୟର ଇସାରାରେ ମଣିଷ ଅସହାୟ ହୋଇ ଚାହିଁ ରହିଥାଏ ସେ ସବୁ ସ୍ମୃତିର ଢେଉକୁ, ମୋ ଉପରେ ମଧ ଏମିତି ଅନେକ ସ୍ମୃତିର ଢେଉ ଛୁଇଁ ଛୁଇଁ ଚାଲିଯାଇଛି । ସବୁ ସ୍ମୃତିକୁ ସାଉଁଟି ରଖି ପାରିନି, ତଥାପି ଗୋଟିଏ ସ୍ମୃତିକୁ ମଧ ଭୁଲି ପାରିନି, ସେ ସ୍ମୃତି ଏବେବି ମୋ ଭିତରେ ଉଦ୍‌ବେଳିତ କରୁଛି । ମନେଅଛି, ସୀତାଦେବୀଙ୍କୁ ଅପହରଣ କରି ଆଣିବା ସମୟରେ ତାଙ୍କ ମାନସିକ ପରିବର୍ତ୍ତନ ପାଇଁ ବର୍ଷଟିଏ ସମୟ ଦେଇଥିଲି । ଭାବିଥିଲି, ଏହି ବର୍ଷକର ଅବଧି ମଧ୍ୟରେ ସୀତା ନିଶ୍ଚୟ ପରିବର୍ତ୍ତନ ହୋଇଯିବେ, ମାତ୍ର ସେସବୁ ଏବେବି ସମ୍ଭବ ହୋଇନାହିଁ । ଏବେବି ମୁଁ ଶୟନେ, ସପନେ, ଜାଗରଣେ ସୀତାଙ୍କ କଥା ଭାବେ । ସତରେ କ'ଣ । ଥରୁଟିଏ ସୀତାଙ୍କ ମୁହଁରୁ ମଧୁର ବାଣୀ ଶୁଣିପାରିବି ନାହିଁ । ହୋଇପାରେ, ମୁଁ ସେଥିପାଇଁ ଯୋଗ୍ୟ ନୁହେଁ । ତେବେ, ସୀତାଦେବୀଙ୍କୁ ଏଠାକୁ ଆଣିବା ପରେ ମୁଁ ତ କୌଣସି ଅସମ୍ମାନ କରିନି । ବରଂ ତାଙ୍କ ଭିତରେ ମୁଁ ମାତୃଜାତିର ସ୍ୱରୂପ ଦେଖୁଛି । ତାଙ୍କ ନାରୀତ୍ୱକୁ ସମ୍ମାନ ଦେଇଛି । କେବେବି ମୁଁ ମୋ ଭିତରେ ଥିବା ରାକ୍ଷସତ୍ୱର ଉଗ୍ର କାମନାକୁ ତାଙ୍କ ନିକଟରେ ପ୍ରୟୋଗ କରିନି । ବରଂ ତାଙ୍କ ପ୍ରତି ଭକ୍ତିରେ ସ୍ୱତଃ ମୋ ମୁଣ୍ଡ ନଇଁ ଯାଇଛି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



।। ଭାଗ-୯୧ ।।

' ସେ କଥା ନୁହେଁ ହିରଣ୍ୟ କଶିପୁ, ବାସ୍ତବ କଥା ହେଉଛି ଯେ ତୁମର ଭବିଷ୍ୟତ ସଙ୍କଟ କଥା ଭାବି ମୁଁ ଭୟଭୀତ ହୋଇ ତୁମକୁ ସୁରକ୍ଷା ଦେବାକୁ ଆସିଛି ।ତୁମେ ଭୁଲି ଯାଇଛ ଯେ ଦେବତା ମାନେ ତୁମର ଭାଇ। ତୁମେ ଭୁଲି ଯାଇଛ ଯେ ବିବୁଧ, ବିଜ୍ଞ, ବ୍ରାହ୍ମଣ, ମୁନୀ,ଋଷି, ବୃକ୍ଷ, ବେଦ, ଗୋମାତା, ସମସ୍ତେ ବିଶ୍ୱର ମଙ୍ଗଳ କାମୀ। ବ୍ରାହ୍ମଣମାନେ ସତ୍ୟ, ଶାନ୍ତି ଓ ଅ ହିଂସାର ରକ୍ଷକ। ବୃକ୍ଷ ମାନେ ପ୍ରାଣୀ ମାନଂକ ଜୀବନ ରକ୍ଷକ। ଗାଭୀ, ଛାଗଳ ଆଦି ଆମକୁ ଦୁଗ୍ଧ ଦିଅନ୍ତି,ଯେଉଁ ଦୁଗ୍ଧ କି ପୃଥିବୀର ସବୁଠାରୁ ଉପାଦେୟ ଖାଦ୍ୟ। ଗୋବର ହେଉଛି ସବଠାରୁ ଉତ୍କୃଷ୍ଟ ଜୈବିକ ଖତ। ବୃଦ୍ଧ ମାନେ ଅଭିଜ୍ଞ, ସେମା ନେ ଭବିଷ୍ୟତର ପଥ ପ୍ରଦର୍ଶକ। ଶିଶୁମାନେ ଆମର ଭବିଷ୍ୟତ। ବନିତାମାନେ ଆମ ସନ୍ତାନର ଜନନୀ, ସମାଜର ଅର୍ଦ୍ଧାଙ୍ଗ। ଦେ୍ୱତା ଓ ଆର୍ଯ୍ୟ ମାନେ ସମାଜରେ ତାଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ଓ ସମ୍ମାନ ଦିଅନ୍ତି। ମୁନି, ଋଷି ମାନଂକ ଆଧାତ୍ମିକ ଶକ୍ତି ପରିବେଶକୁ ଶାନ୍ତ ଓ ନିର୍ମଳ ରଖେ। ସେମାନେ ପୃଥିବୀର କଲ୍ୟାଣ ସାଧନ କରିଥାନ୍ତି। ତେଣୁ ଏମାନେ ଅବଧ୍ୟ। ସେମାନେ ସମାଜ କଲ୍ୟାଣ ବାର୍ତ୍ତାର ଅଗ୍ରଦୂତ ଅଟନ୍ତି। ସେ ସମସ୍ତଙ୍କ ସହିତ ଶତ୍ରୁତା ତୁମେ କରନାହିଁ ହିରଣ୍ୟ କଶ୍ୟପ। ସେମାନେ ଯୁଦ୍ଧ ଓ କଳହ କରି ବାକୁ ପସନ୍ଦ କରନ୍ତି ନାହିଁ। କାରଣ ଯୁଦ୍ଧ କେବଳ ବିଶ୍ୱ ସମୁଦାୟର କ୍ଷତି କରିଥାଏ। ମଣିଷ ଜାତିର ଭାତୃତ୍ୱର ସମ୍ପର୍କକୁ କ୍ଷତାକ୍ତ କରି ହୀନସ୍ୱାର୍ଥ ଦେଖିଥାଏ। ଏହାର ଅର୍ଥ ନୁହେଁଯେ , ସେମାନେ ଶକ୍ତିହୀନ । ସେମାନେ ଐଶ୍ୱରୀୟ ଓ ଆଧାତ୍ମିକ ଶକ୍ତିରେ ଶକ୍ତିଶାଳୀ ଏବଂ ବିଶ୍ୱର ଉପକାର କରିବା ପାଇଁ ଜନ୍ମ ନେଇ ଛନ୍ତି। ଏହିପରି ନିର୍ଯ୍ୟାତନା ଦେଇ ସେମାନଙ୍କୁ ଉତ୍ତେଜିତ କର ନାହିଁ , ଯାହା ଫଳରେ ମୁଁ ତୁମର ଭାଇ ପରି ତୁମକୁ ମଧ ହରାଇ ବସିବି। ଏହା ଅପେକ୍ଷା ତୁମେ ତୁମ ବିଶାଳ ଅସୁର ସାମ୍ରାଜ୍ୟ ( ବିଭିନ୍ନ ଜନଜାତିଙ୍କ ରାଜା) ସମ୍ରାଟ ହୋଇ ସୁଖରେ ରହ ଏବଂ ସେମାନଙ୍କୁ ମଧ ଶାନ୍ତିରେ ବଞ୍ଚିବାକୁ ଦିଅ। ଏହା ଉଭୟଙ୍କ ପକ୍ଷେ ମଙ୍ଗଳ ଦାୟକ ହୋଇ ପାରିବ।'

'ଓଃ ! ! ତେବେ ସେହି ଅଧମ ବିଷ୍ଣୁ ହିଁ ଆପଣଙ୍କୁ ଚକ୍ରାନ୍ତ କରି ଏଠାକୁ ପେଷଣ କରିଅଛନ୍ତି ? ଆମେ ପରା ଆପଣ ଙ୍କର ଜ୍ୟୋଷ୍ଠ ସନ୍ତାନ ? ପିତାମହ ବ୍ରହ୍ମା ଆମକୁ କି ନ୍ୟାୟ ଦେଇଛ ନ୍ତି ? ତାଙ୍କୁ ଦେଲେ ସମତଳ ଉର୍ବର ଭୂମି, ସପ୍ତସିନ୍ଧୁ ର ଅବ ବାହିକା, ଚିରସ୍ରୋତା ନଦୀ, ହିମାଳୟ ର ସମ୍ପଦ, ଆଉ ଆମକୁ ? କଙ୍କରିଳ ପାର୍ବତ୍ୟ ଭୂମି ଓ ଅନୁର୍ବର ଦ୍ୱିପ ? କଠିନ ଜୀବନ ? କାହିଁକି ?' କାହିଁକି ନା ତୁମେ କୃଷି କାର୍ଯ୍ୟ ରେ ଦକ୍ଷ ନୁହେଁ। ତୁମେ ଶିକାରୀ। ଚନ୍ଦ୍ର ଥିଲେ ପ୍ରାଚୀନ ସଭ୍ୟତାର ପ୍ରତୀକ। ଆଦିତ୍ୟ ମାନଂକଠାରୁ ହିଁ, ସୂର୍ଯ୍ୟଙ୍କୁ କେନ୍ଦ୍ର କରି ଜ୍ୟୋତିର୍ବିଜ୍ଞାନ ର ଉନ୍ନତି ହେଲା। ଦେବତା ମାନେ ଯୋଗ, ମନ୍ତ୍ର , ଜ୍ଞାନ, ବିଜ୍ଞାନ, ଯୁଦ୍ଧରେ ଦକ୍ଷ ହେଲେ। ତୁମେ ମଲ୍ଲ ଯୁଦ୍ଧ, ଶିକାର, ଗଦା ଯୁଦ୍ଧ,ବସ୍ତୁ ଜ୍ଞାନରେ ଦକ୍ଷ ହେଲ। ଦେବତା ଓ ଦେବୀ ମାନେ ଶାକାହାରୀ। ଆର୍ଯ୍ୟ ମାନେ କେବଳ ଯଜ୍ଞ ସମୟରେ ଯୁଦ୍ଧର ଦେବୀଙ୍କୁ ଅଶ୍ୱ ବଳି ଦେଇଥାନ୍ତି। ଦାନବ ଜାତି ନିର୍ବିଚାର ନରବଳି, ପଶୁ ବଳି ଆଦି ଦେଇଥାନ୍ତି। ତୁମର କେତେକ ପ୍ରଜା, ପ୍ରଜାତି ନର ମାଂସ ଖାଇଥାନ୍ତି। ତୁମ ଉଭୟଙ୍କର ସଂସ୍କୃତି ଅଲଗା। ତେଣୁ ଉଭୟଙ୍କୁ ପୃଥକ୍ ଭାବେ ରଖାଗଲା। ଯେଉଁ ଆର୍ଯ୍ୟମାନେ ମଧ ତୁମ ପରି ମାନବ ଭୋଜୀ ହେଲେ, ନିୟମ ଅନୁସାରେ ସେମାନଙ୍କୁ ମଧ ଏହି ଦ୍ୱିପ ଓ ଜଙ୍ଗଲକୁ ନିର୍ବାସିତ କରାଯାଏ। ହିରନ୍ୟ କଶ୍ୟପ, ଯୁଦ୍ଧ କଲେ ଅନେକ ଶ୍ରମ ଓ ଅର୍ଥ ବ୍ୟୟ ହୁଏ। ସେତିକି ପରିଶ୍ରମ କରି ତୁମେ ମତ୍ସ୍ୟ ଧର। ଏହି ଭୂମିକୁ କୃଷି ଉପଯୋଗୀ କର। ଖଣି ଖୋଳ । ନାନା ଦ୍ରବ୍ୟ ନେଇ ବାଣିଜ୍ୟ କର। ଶାନ୍ତିରେ ରହ। ' ହିରଣ୍ୟ କଶ୍ୟପ ଉତ୍ତେଜିତ ହୋଇ କହିଲେ, 'ଆମ ଅସୁର ଜାତି ସରଳ। ସେହି ଦେବତା ଓ ଆର୍ଯ୍ୟ ମାନେ ଠକ, ସୁବିଧା ବାଦୀ, ପ୍ରବଞ୍ଚକ ଦଳ। ଆମର ଯାହା ବି ସାମାନ୍ୟ କୃଷି ଜମି ଅଛି, ଦଳେ ବରାହଙ୍କୁ ପଠାଇ ତାହା ଧ୍ୱଂସ କରିଦେଲେ। ଆମେ ଶିକାର କରିବା ତାଙ୍କ ମାଂସ ପାଇଥାନ୍ତି, ଗୋଟାଏ ତାଲିମ ପ୍ରାପ୍ତ ବରାହକୁ ପଠାଇ ମୋର ଭାଇ ବୀର ହିରଣ୍ୟାକ୍ଷଙ୍କୁ ବଧ କଲେ। ଆପଣ ଯାଇ ତାକୁ କୁହନ୍ତୁ, ହିରଣ୍ୟ କଶ୍ୟପ ହେଉଛି ନିଜେ ଭଗବାନ। ସେ ନିଜ ଉପରେ ଯଥେଷ୍ଟ ଆତ୍ମ ବିଶ୍ୱାସ ରଖିଛି। ସେ ଆଉ କାହା ଉପରେ ନିର୍ଭର କରେନା ହିଁ। ସେ ନିଶ୍ଚୟ ବିଷ୍ଣୁ ଓ ବିଷ୍ଣୁ ପ୍ରେମୀ ମାନଙ୍କୁ ଏ ପୃଥିବୀରୁ ଲୋପ କରିବ,ଏଥିରେ ସନ୍ଦେହ ନାହିଁ' । କଶ୍ୟପ ପୁଣି ତାକୁ ବୁଝାଇବାକୁ ଚେଷ୍ଟାକଲେ, ' ନିର୍ଦ୍ଦୋଷ ପ୍ରାଣୀ ମାନଙ୍କ ଶାନ୍ତି ଭଙ୍ଗ କରି ତାଙ୍କୁ ନିର୍ଯ୍ୟାତନା ଦେବାଠାରୁ ବଡ଼ ପାପ ଆଉ କିଛି ନାହିଁ। ତୁମେ ଚାରିଆଡେ ନିଆଁ ଜାଳି, ବିଷାକ୍ତ ବାଣ ଫୁଟାଇ (ଅନ୍ତର୍ବି ଜ୍ଞାନରେ ମଧ ଅନେକ ଆଶ୍ଚର୍ଯ୍ୟ ଶକ୍ତି ଅଛି, ଯାହା କୁହୁକ ଭଳି କାର୍ଯ୍ୟ କରେ। ସାଧକ ମାନେ ହିଂସ୍ର ଜୀବ ଓ ମାନବଙ୍କୁ ବଶୀଭୂତ ବା ଭୟଭୀତ କରି ପାରନ୍ତି।) ଶାନ୍ତ ପ୍ରାଣୀ ବରାହ ଓ ଶାବକ ମାନଙ୍କୁ କ୍ରୋଧିତ କଲ। ଏହି କ୍ରୋଧ ଓ ହିଂସା ତୁମ ଭାଇର ଶତ୍ରୁ ହେଲା। ଯୁଗେ ଯୁଗେ ସେହି ନିର୍ଯାତିତ ପ୍ରାଣୀମାନଙ୍କ ପାଇଁ ଇତିହାସର ପରି ବର୍ତ୍ତନ ହୋଇଯାଇଛି। ମାନବ ଧର୍ମର ସୁରକ୍ଷା ଓ ଅଧର୍ମର ବିନାଶ ପାଇଁ ଐଶ୍ୱରୀୟ ଶକ୍ତି ମାନେ ଧରାବତରଣ କରନ୍ତି।'

ହିରଣ୍ୟ କଶ୍ୟପ ଅତ୍ୟନ୍ତ କ୍ରୋଧାନ୍ଧ ଓ ଉତକ୍ଷିପ୍ତହୋଇଉତ୍ତର ଦେଲେ,'ଆପଣଙ୍କର ଉପଦେଶ ତଥା ପୁତ୍ରର ଶୌର୍ଯ୍ୟ ଉପରେ ଆସ୍ଥା ନ ରଖି ତାକୁ ନିରୁତ୍ସାହିତ କରୁଥିବା ଭଳି ପିତା ମୋର ପ୍ରୟୋଜନ ନାହିଁ। ଏବେ ଦେବ ଇନ୍ଦ୍ରଙ୍କର ପରାମର୍ଶ ଦାତା ରୂପେ ଆପଣ ଏଠାରୁ ପ୍ରସ୍ଥାନ କରି ପାରନ୍ତି ।ମୋ ସହି ତ ହିଁ ମୋର ମାତା ଦିତିଙ୍କର ଆଶିଷ ସର୍ବଦା ରହିଅଛି ଏବଂ ମୋ ପାଇଁ ଏକମାତ୍ର ମୋର ମାତା ହିଁ ପ୍ରୟୋଜନ'।

ଏହାପରେ ପିତା ପ୍ରଜାପତି କଶ୍ୟପଙ୍କର ଆଉ ଅଧିକ କିଛି କହିବାର ନ ଥିଲା। ପ୍ରସ୍ଥାନ କରିବା ଉଦ୍ଦେଶ୍ୟରେ ଦୁଃଖର ସହିତ ସେ ନିଜ ଆସନରୁ ଉଠି ଠିଆହେଲେ ଏବଂଉର୍ଦ୍ଧ୍ୱମୁଖ ହୋଇ ଯୋଡ ହସ୍ତରେ ସ୍ୱତଃ ଉଚ୍ଚାରଣ କଲେ 'ହେ ବିଷ୍ଣୁ ! ଯେପରି ଆପଣଙ୍କ ଇଚ୍ଛା'।

ବାରବର୍ଷ ପ୍ରତିଶୋଧ ନେବା ପରେ ସେ ନିଜକୁ ସାନ୍ତନା ଦେଇ ଭାଇର ପ୍ରେତକାର୍ଯ୍ୟ ସମାପନ କଲେ। ଏହାପରେ ମାତା, ଭ୍ରାତୃଜାୟା, ଭ୍ରାତୃପୁତ୍ର, ନିଜର ସୁହୃଦ, ଶଇନି, ସମ୍ବର, ଧୃଷ୍ଟିକ,ଭୂତ, ସନ୍ତାପନ, ବୃକ, କାଳନାଭ, ମହାନଭ, ହରିଶ୍ମଶ୍ରୁ, ଉତ୍କଚକ ଆଦିଙ୍କୁ ନିକଟ ରେ ବସାଇ କହିଲେ, ତୁମେମାନେ ଏବେ ଅଯଥା ଶୋକ ତ୍ୟାଗ କର। ମୋର ଭାଇ ବୀର ଯୋଦ୍ଧା ଏବଂ ଶତ୍ରୁ ସହ ଯୁଦ୍ଧ କରି ନିଧନ ହୋଇ ଥିବାରୁ ସେ ବୀରଗତିକୁ ପ୍ରାପ୍ତ ହୋଇଛନ୍ତି। ତାଙ୍କର ମୃତ୍ୟୁରେ କେବଳ ତାଙ୍କର ଶରୀର ବିନାଶ ହୋଇଅଛି କିନ୍ତୁ ତାଙ୍କର ଆତ୍ମା ତାଙ୍କୁ ତ୍ୟାଗକରି ଅନ୍ୟତ୍ର ଚାଲିଯାଇଛି। ସେ ଆଉ ଏଠାରେ ନାହାଁନ୍ତି। ମୋର ଭାଇ ଆଉ ଶୁଣିପାରୁ ନାହାଁନ୍ତି, କହିପାରୁ ନାହାନ୍ତି, କିଛି ଦେଖିପାରୁ ନାହାନ୍ତି, ଅନୁଭବ କରିପାରୁ ନାହାନ୍ତି ବା ନିଜ ଦେହ ଓ ହାତଗୋଡ଼ ଚଳାଇ କୌଣସି କାର୍ଯ୍ୟ କରିପାରୁ ନାହାନ୍ତି। ତେଣୁ ଯାହାର ଜ୍ଞାନ କିମ୍ୱା ଅସ୍ତିତ୍ୱ ନାହିଁ, ତା' ପାଇଁ ଶୋକ କରି ଲାଭ କ'ଣ ? ତୁମ୍ଭେମାନେ

ଯଦି ଏଠାରେ ଏହିପରି ଶହେବର୍ଷ ରୋଦନ କର, ତେବେ ମଧ ସେ ପୁନର୍ବାର ବଂଚିବେ ନାହିଁ।'

ହିରଣ୍ୟ କଶ୍ୟପଙ୍କ ସାନ୍ତ୍ୱନା ବାଣୀ ଶୁଣି ତାଙ୍କର ଆତ୍ମୀୟ ସ୍ୱଜନ, ମାତା, ପତ୍ନୀ ଓ ସନ୍ତାନ ମାନେ ଶୋକ ତ୍ୟାଗ କରି ବ୍ରହ୍ମଙ୍କୁ ଧ୍ୟାନ କଲେ। 'ମୋତେ ମୋ ନିଜପାଇଁ ନିହାତି ସୁରକ୍ଷା ର ବ୍ୟବସ୍ଥା କରିବାକୁ ହେବ। ଏଥିପାଇଁ ମୋତେ କେବଳ ବ୍ରହ୍ମାଙ୍କର ଶକ୍ତି ପ୍ରୟୋଜନ।'

ହିରଣ୍ୟ କଶିପୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିଜ ବିଜ୍ଞାନ ସାଧନାରେ ବ୍ୟସ୍ତ ରହିବାକୁ ସ୍ଥିର କଲେ। ସେ ପ୍ରଜାପତି ବ୍ରହ୍ମା ଙ୍କର ନାତି ଏବଂ ପ୍ରଜାପତି କଶ୍ୟପଙ୍କର ପୁତ୍ର ଥିଲେ। ସେ ଚିନ୍ତାକଲେ ଯେ, ତାଙ୍କର ବାଂଛିତ ବସ୍ତୁ ଥିଲା ଭୋଗ, ଐଶ୍ୱର୍ଯ୍ୟ, କ୍ଷମତା, ପ୍ରତିପତ୍ତି ଏବଂ ଶକ୍ତି। ସେ ତିନିପୁରର ସମ୍ରାଟ ହୋଇ ସମସ୍ତଙ୍କଠାରୁ ପୂଜାପାଇବାକୁ ଇଚ୍ଛା କରୁଥିଲେ। ଏହା ମଧ ସୀମିତ ସମୟ ପାଇଁନୁହେଁ, ସବୁକାଳ ପାଇଁ। ତେଣୁ ସର୍ବୋପରି ସେ ଅମରତ୍ୱ ଲାଭ କରି ବାକୁ ଇଚ୍ଛା କରୁଥିଲେ। କିନ୍ତୁ ସିଧା ସଳଖ ଭାବେ ଅମର ହେବାର କୌଣସି ଉପାୟ ତାଙ୍କ ପାଖରେ ନଥିଲା। ତେଣୁ ସେ ଦେବତା ମାନଙ୍କ ହାତରୁ ସୁରକ୍ଷା ପାଇବା ପାଇଁଉପାୟ ଚିନ୍ତା କରିବାରେ ଲାଗିଲେ। ସେ ଭାବିଲେ ଯେ, ମୁଁଏଭଳି ପ୍ରତିଷେଧକ ସୃଷ୍ଟି କରିବି ଯାହା ଉପଯୋଗ କଲେ କି ମୁଁ ଦିନରେ ମରିବି ନାହିଁ କିମ୍ବା ରାତିରେ ମରିବି ନାହିଁ, ମୁଁଘରେ ମରିବି ନାହିଁ କିମ୍ବା ବାହାରେ ମରିବି ନାହିଁ ,ମୁଁ ଜଳରେ ମରିବି ନାହିଁ କିମ୍ବା ସ୍ଥଳରେ ମରିବି ନାହିଁ କିମ୍ବା ଆକାଶରେ ମଧ ମରିବି ନାହିଁ, ମୁଁ ମଣିଷ ଦ୍ୱାରା ମରିବି ନାହିଁ କିମ୍ବା ଅସୁରଙ୍କ ଦ୍ୱାରା ମରିବି ନାହିଁ କିମ୍ବା ଦେବତାଙ୍କ ଦ୍ୱାରା ମରିବି ନାହିଁ କିମ୍ବା କୌଣସି ପଶୁ କିମ୍ବା ପକ୍ଷୀ ଦ୍ୱାରା ମରିବି ନାହିଁ। ଏହାଛଡା ମୁଁ ଏଭଳି ଏକ ବସ୍ତୁ ବାହାର କରିବି ଯାହା ସେବନ କଲେ, ମୋର ବୟସ ପଛକୁ ଫେରି ଆସିବ ଏବଂ ମୁଁ ଚିରଦିନ ଯୁବକ ହୋଇ ରହିବି। ଏହିପରି ଭିତର ଓ ବାହାରର ମୃତ୍ୟୁ ସମ୍ଭାବନାର ପ୍ରତିରକ୍ଷା ବିଷୟ ରେ ଚିନ୍ତା କରି ସେ ଘରଛାଡି ଯାଇ ମନ୍ଦର ପର୍ବତରେ (ବର୍ତ୍ତମାନର ବିହାରରେ ଅବସ୍ଥିତ)। ବସତି ସ୍ଥାପନ କଲେ। ସେ କ୍ଷୁଧା ଓ ତୃଷା ଭୁଲି ଏକ ପାଦରେ ଛିଡ଼ା ହୋଇ ଦିନରାତି ସାଧନା ରେ ବ୍ୟସ୍ତ ରହିଲେ। ଏପରିକି ନିଜ କେଶ,ବାସ ଅବା ସ୍ୱାସ୍ଥ୍ୟର ଯତ୍ନ ନେବାକୁ ମଧ ତାଙ୍କର ସମୟ ନଥିଲା। ସେ କଣ ତାଙ୍କ ସାଧନାରେ ଲକ୍ଷ୍ୟ ହାସଲ କରି ପାରିଲେ ?

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଆ ତୋତେ ସଜେଇଦେବି

### ଜୟଶ୍ରୀ ପଟ୍ଟନାୟକ

ଆ ତୋତେ ସଜେଇଦେବି ସୈନିକ ବେଶରେ
ସବୁ ମା'ର ମଥାରୁ ସିନ୍ଦୂର ଆଣି
ଲଗାଇଦେବି ତିଳକ ମଥାରେ
ସବୁ ମା'ଦେହରୁ ବିନ୍ଦୁ ବିନ୍ଦୁ ରକ୍ତ ଆଣି
ଭରିଦେବି ଶିରା ପ୍ରଶିରାରେ
ସବୁ ଗୁଳିକୁ ଆଣି ସଜାଇଦେବି ତୋ ବନ୍ଧୁକରେ
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ।

ହଟୁ ଦେଶରୁ ଆତଙ୍କବାଦ,
ହଟୁ ଏ ନରସଂହାର
ନ କାନ୍ଦୁ ପ୍ରକୃତି, ନ କାନ୍ଦୁ ପରିବେଶ
ମାନବବାଦ ହେଉ ସଭିଙ୍କ ମହାମନ୍ତ୍ର।

ତୋ ଶକ୍ତି ହୋଇଥାଉ ଦେଶର ବଳ
ତୋ ରକ୍ତ ଫୁଟାଉ କାଶ୍ମୀରରେ ଲକ୍ଷେ ଗୋଲାପ
ବୀର ବେଶକୁ ତୋର ସଲାମ
ସାହସକୁ ତୋର ସଲାମ
ମନେ ରଖିଥିବୁ ବାବୁ !

ବୀର ମରେ ଅବା ମାରେ
ସାମ୍ନା ରଣାଙ୍ଗନେ
ଆଉ ଭୀରୁ ଆତ୍ମଗୋପନରେ।

ଆ ଥରେ ପ୍ରତି ମା'ର ସ୍ୱରରେ ମିଶାଇ
କହିଦେ ବନ୍ଦେ ମାତରମ
ତୋ ମଥାପରେ ଥାଉ କୋଟି ମା'ର ଆଶିର୍ବାଦ
ତୋତେ ସବୁ ମା'ର ହୃଦୟରୁ ସଲାମ
ତୋ ବୀରବେଶକୁ ସଲାମ
ଓଠରେ କହୁଥିବୁ ସଦା ବନ୍ଦେ ମାତରମ
ଭାରତ ମାତାକୁ ସଲାମ, ତ୍ରିରଙ୍ଗାକୁ ସଲାମ।

+ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

## ସୁବର୍ଣ୍ଣ ସୀତା

### ସୁନନ୍ଦା ମହାନ୍ତି

ଶୁଣିଥିଲି ଦେଖିଲି ବୋଉ ମୋର
ସୁବର୍ଣ୍ଣ ସୀତା ହୋଇଗଲା
ଚଳଚଞ୍ଚଳ ମଣିଷଟା ମୋ ବୋଉ
ବାପାଙ୍କୁ ଛଅ ତୁଣ ନଅ ଭଜା ପରଷୁଥିଲା।

ବାପା ଚାଲିଗଲା ପରେ
ଏକଦମ ଚୁପ ହୋଇଗଲା
ତ ପୁଅ ତାର ସହରକୁ ନେଲା
ବୋଉ କାଳେ ବେସିନ ମଇଳା କରିବେ।

ବୋହୁ ଜଗିରହିଥିଲା
ନାତି ମଧ ଢେର ରାତିରେ ନିଶାରେ
ଘରକୁ ଫେରି କାନ୍ଥକୁ ତେଲ ଚିକିଟା କରୁଥିଲା
ବୋଉର ଦୋଷ ସେ କରିଥିବେ ବୋହୁ କହୁଥିଲା।

ଯେମିତି ତକିଆ ଖୋଳ ବେଡ଼ସିଟ ଓ ଖଟତଳ
ବୋଉଙ୍କ ଯୋଗୁଁ ଅପରିଷ୍କାର ହେଉଥିଲା
ବୋଲି ବୋହୁ ଘୋଷି ହେଉଥିଲା
ଏକଦମ ଚୁପ ହୋଇଯାଇଥିବା ବୋଉକୁ ।

ଭଲ କରିବାକୁ କେବଳ ନିଦ ଔଷଧ ଦିଆଗଲା
ତଥାପି ବାପାଙ୍କ ଫୋଟୋରେ ପଡ଼ିଥିବା ଫୁଲମାଳ
ମାସ ମାସ ବର୍ଷ ବର୍ଷ ସଫାହେଉନଥିବା
କାରଣ ବୁଝିନପାରି ବୋଉ ଚାହିଁରହୁଥିଲା ।

ଓଳେଇବାକୁ ଚାହିଁ ବୋଉର ଗୋଡ଼ ଖସିଯିବା
ଦୋଷ ବୋଉର ହିଁ ଥିଲା
ବେସିନ ସାରା ପାନଛେପ କୋଉଠୁ ଆସିଲା
ବୋହୁ ସନ୍ଧାନ କରୁଥିଲା ।

ଅକସ୍ମାତ ଉପରକୁ ଚାହିଁ
ବୋଉ କାଠ ହୋଇଗଲା
ସମସ୍ତେ ତଳେ ଶୁଆଇ ପାଦ ଛୁଇଁଲା ବେଳେ
ବାପାଙ୍କ କାନ୍ଥଲଗା ଫଟୋ କେମିତି ଏମିତି ।

ଚକଚକ କରୁଥିଲା କିଏ ଜାଣିଲା
ବୋଉ କିନ୍ତୁ କୋକେଇକୁ ଯିବା ପୂର୍ବରୁ
ସୁବର୍ଣ୍ଣ ସୀତାମାତା ପରି ମତେ ମନେହେଲା ।

+ସାକ୍ଷୀଗୋପାଳ
ପୁରୀ
ମୋ: ୯୦୪୦୯୭୭୩୨୭

## ଯୁଦ୍ଧ ହେଉଛି କାଳ

### ତୃପ୍ତିମୟୀ ଦାସ

ଆସିଛି ଯୁଦ୍ଧ ନଗରେ ବସିଛି କାଳ,
ନିରୀହ ଜନତା ପିନ୍ଧୁଚି ମୃତ୍ୟୁର ମାଳ,
ଦୁଃଖ ଆଉ ଯନ୍ତ୍ରଣାର ରକ୍ତ ଚିତାରେ,
ବନ୍ଧନ ହେଉଛି ସଭିଙ୍କୁ କାଳ।

ଯୁଦ୍ଧରେ ଧର୍ମ ସାଜୁଛି କାଳ,
ଭାଙ୍ଗୁଛି ସେନାର ମନର ବଳ,
ଦେଖୁ ଦେଖୁ ଭାଙ୍ଗି ଯାଇଛି ସେନାର ଦଳ,
ଅଦିନେ ଖେଳୁଛି ହୋଲି ଆତଙ୍କ ଦଳ।

ସିନ୍ଦୂର ହେଉଛି ବଧୂକୁ ବଳ,
ଆଖି ଆଗେ ନେଉଛି ସ୍ୱାମୀକୁ କାଳ,
ଅଟକାଇ ପାରିଲାନି ବାହୁର ବଳ,
ଦେଖୁ ଦେଖୁ କଟିଗଲା ଅନେକ ବେଳ।

ଯୁଦ୍ଧ ନେଇଯିବ ଅନେକ କାଳ,
ଭାଙ୍ଗି ଦେଇଥିବ ବାହୁର ବଳ,
ଅପେକ୍ଷାରେ ଥିବ ମାଆର କୋଳ,
ମାରିସରିଥିବ ଯବାନ ବଳ।

ପିଲା ଅପେକ୍ଷାରେ ଥିବା ବାପାର କୋଳ,
ବାପା ଛାଡୁଥିବ ପୃଥିବୀ କୋଳ,
ନବବଧୂ ଚାହିଁ ପ୍ରେମର ମାଳ,
ମାଟିରେ ମିଶୁଥିବା ସେନାର ଦଳ ।

+ ଜଗତସିଂହପୁର

# ଗୃହ ପ୍ରତିଷ୍ଠା ଦିବସରେ ମା'ପାଇଁ ଦିନଟିଏ ଅନୁଷ୍ଠିତ

କନ୍ଧମାଳ,୧୪/୫(ନି. ପ୍ର): ଦିର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସ୍ୱାସ୍ଥ୍ୟ ସେବା ଏକ ମହତ୍ୱପୂର୍ଣ୍ଣ ଦିଗ ହୋଇଥିବା ବେଳେ ସେ ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଉଛି ଏବଂ ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳ ଗୁଡିକରେ ଗର୍ଭବତୀଙ୍କ ନିକଟରେ ସୁଷମ ଆହାର ର ଗୁରୁତ୍ୱ ବାର୍ତା ପହଂଚାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳ ଙ୍କ ତରଫରୁ ସ୍ଥାନେ ସ୍ଥାନେ ମା' ଗୃହ ସ୍ଥାପନ କରାଯାଇଛି । ସେହିପାରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' କନ୍ଧମାଳଙ୍କ ସହଯୋଗରେ ମଇ ମାସ ୨୦୨୦ ମସିହା ଠାରୁ ଫୁଲବାଣୀ ବ୍ଲକର କଟ୍ରିଙ୍ଗିଆ ଠାରେ ଏକ ମା' ଗୃହ ପରିଚାଳିତ କରାଯାଉଛି । ଏହି ମା ଗୃହ ଆଜି ତାର ପଂଚମ ବାର୍ଷିକ ପାଳନ କରି ସୁରକ୍ଷିତ ପ୍ରସବ ନିମନ୍ତେ ସୁଷମ ଆହାରର ଆବଶ୍ୟକତା ଓ ଆନୁଷ୍ଠାନିକ ପ୍ରସବର ଗୁରୁତ୍ୱ ଶିର୍ଷକ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ଏହି କାର୍ଯ୍ୟକ୍ରମଟିକୁ "ମା' ପାଇଁ ଦିନଟିଏ" ଆଖ୍ୟାଦେଇ ମା ପରି ଅମୁଲ୍ୟ ରତ୍ନକୁ ସଦା ସର୍ବଦା ସମ୍ମାନ ଦେବାକୁ ଆହ୍ୱାନ ଦେଇଛନ୍ତି । ଏହି ଆଲୋଚନା ଚକ୍ରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଫୁଲବାଣୀର ମହିଳା ପରିଦର୍ଶିକା ଅଳକା ମହାନ୍ତି ଉପସ୍ଥିତ ରହି ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡିର ସ୍ୱାସ୍ଥ୍ୟସେବିକା/ସେବକ ମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ । ଅନୁଷ୍ଠାନର ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱରଂଜନ କର ଯୋଗଦେଇ ମା ଗୃହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇ ଥିଲେ ଯାହାକି ମାତୃ ଓ ଶିଶୁ ମୃତ୍ୟୁ ହାରକୁ କମାଇବାରେ ସହାୟକ ହେଉଛି । ଆହୁରି ମଧ ଆଜିପର୍ଯ୍ୟନ୍ତ ଏହି କଟ୍ରିଙ୍ଗିଆ ମା ଗୃହରେ ଆଡିମିଶନ୍ ନେଇ ୧୭୦୦ ରୁ ଅଧିକ ଗର୍ଭବତୀ ସେବା ପାଇଛନ୍ତି ବୋଲି କହିଥିଲେ । ଏହା ବ୍ୟତିତ ସେ ଗ୍ରାମାଂଚଳରେ ଥିବା ଅନ୍ଧବିଶ୍ୱାସକୁ ଦୂରେଇ ଗର୍ଭାବସ୍ଥାରେ ବିଭିନ୍ନ ସୁଷମ ଆହାର ସେବନ କରିବା ସହ ଉପଯୁକ୍ତ ବିଶ୍ରାମ ନେବା ଓ ଅପହଂଚ ଅଂଚଳ ର ଗର୍ଭବତୀ ମାନେ ଅନୁଷ୍ଠାନରେ ପ୍ରସବ କରାଇବା ନିମନ୍ତେ ସଠିକ୍ ସମୟ ପୁର୍ବରୁ ମା ଗୃହରେ ଅବସ୍ଥାପିତ ହେବାକୁ ଅନୁରୋଧ କରିଥିଲେ । କଟ୍ରିଙ୍ଗିଆ ପ୍ରଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ସୁକାନ୍ତି ପ୍ରଧାନ, ସଲାକୁଡା, ଗୋଚ୍ଛାପଡା ଓ କଟ୍ରିଙ୍ଗିଆର ଷ୍ଟାପ୍ ନର୍ଶ ଏବଂ ଏ.ଏନ୍.ଏମ୍ ଉପସ୍ଥିତ ରହି ଆନୁଷ୍ଠାନିକ ପ୍ରସବକୁ ବଢାଇବା ପାଇଁ ହେଲେ ଲୋକ ଭାଗିଦାରିତାର ଯଥେଷ୍ଟ ଆବଶ୍ୟକତା ଅଛିବୋଲି କହିଥିଲେ । ମା ଗୃହ ତରଫରୁ ସାମନ୍ତି ଦିଗାଲ ସଭା ପରିଚାଳନା କରିଥିବା ବେଳେ ସ୍ନେହଲତା କହଁର, ଗିତାଂଜଳି ମୁଖୀ, ସସ୍ମିତା ବେହେରା, ପୁଷ୍ପିତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସେବା ପାଇଥିବା ମା ମାନଙ୍କୁ ପଚାରିବାରୁ ସେବା ଅତି ଉଚ୍ଚକୋଟିର ବୋଲି କହିବା ସହ ଅନୁଷ୍ଠାନର ସମ୍ପାଦକଙ୍କୁ ସାଧୁବାଦ ଦେଇ ଅନ୍ୟ ମା'ମାନଙ୍କୁ ଉତ୍ସାହିତ କରିବାକୁ ମତବ୍ୟକ୍ତ କରିଥିଲେ । ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୪୦ରୁ ଅଧିକ ସ୍ଥାନୀୟ ଅଂଚଳର ଆଶା ଓ ଅଙ୍ଗନଓାଡି କର୍ମୀ, ମହିଳା/ପୁରୁଷ ସ୍ୱାସ୍ଥ୍ୟକର୍ମୀ, ପ୍ରସୂତି ଓ ଗର୍ଭବତୀ, ଉପସ୍ଥିତ ଥିଲେ ।

## ଗଜରାଜ ସଂଗ୍ରହ କେନ୍ଦ୍ର ପକ୍ଷରୁ ବୁଦ୍ଧ ଜୟନ୍ତୀ

ଧର୍ମଶାଳା,୧୪/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କାଏମା ସ୍ଥିତ ଐତିହ୍ୟ ସମ୍ପନ୍ନ ଗୋଗଳ ପାହାଡ଼ ପାଦଦେଶରେ ଥିବା ବିରଳ ହସ୍ତୀ ପ୍ରତିମା. ହାତୀଆଶୁଣି ପୀଠରେ ଗଜରାଜ ସଂଗ୍ରହ କେନ୍ଦ୍ର ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଖିଳ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଶିକ୍ଷାବିତ ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ସ୍ୱାଇଁ, ପୂର୍ବତନ ସରପଂଚ ସୁଧାକର ସାହୁ, ସଂସ୍କୃତି ପ୍ରେମୀ ଉଦୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ତଥାଗତ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

# କେନ୍ଦୁଝରରେ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦୁଝର,୧୪/୫(ନି. ପ୍ର): ମଙ୍ଗଳବାର କେନ୍ଦୁଝର ଏଡିଜେ ମମିତା ଦାସ ଏକ ନରହତ୍ୟା ମାମଲାର ବିଚାର କରି ଆସାମୀ ନରୋତମ ପେଣ୍ଡେଇ, ପିତା- କୀର୍ତନ ପଣ୍ଡେଇ, ଗ୍ରାମ- ସିରିଗିଡା, ରୁଗୁଡିସାହି, ଥାନା- ତେଲକୋଇ, ଜିଲ୍ଲା- କେନ୍ଦୁଝର କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ଆସାମୀ ନରୋତମ ପେଣ୍ଡଇଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଡେଇ(୪୫) ତା ୧୦।୫।୨୦୨୨ ରିଖ ରାତି ୧୦ ଘଟିକା ସମୟରେ ତା' ସ୍ତ୍ରୀ ଗୋମତି ପେଣ୍ଡେଇ ଓ ଝିଅ ବବିତା ପେଣ୍ଡେଇ ସହ ଖାଇ ସାରି ଶୋଇଥିବା ସମୟରେ ତା'ର ଜ୍ୱାଇଁ ଆସାମୀ ନରୋତମ ପେଣ୍ଡେଇ ଗୋଟିଏ କୁରାଢି ଧରି ଘରକୁ ପଶି ଆସି ବିଶ୍ୱନାଥ ପେଣ୍ଡେଇଙ୍କ ଝିଅର ବେକକୁ କୁରାଢି ଦ୍ୱାରା ଆଘାତ କରିବାରୁ ପ୍ରବଳ ରକ୍ତ ଶ୍ରାବ ହୋଇଥିଲା । ଫଳରେ ବିଶ୍ୱନାଥଙ୍କ ଝିଅର ମୃତ୍ୟୁ ହୋଇଥିଲା ଏବଂ ୨ୟ ଚୋଟ ମାରିବାରୁ ବିଶ୍ୱନାଥଙ୍କ ସ୍ତ୍ରୀ ଗୋମତି ପେଣ୍ଡେଇ ଅଟକାଇବାରୁ ଆସାମୀ ତାକୁ ଠେଲି ଦେଇ ଘଟଣାସ୍ଥଳରୁ କୁରାଢି ଧରି ଦୌଡି ପଳାଇ ଯାଇଥିଲା । ଏନେଇ ଆସାମୀ ନରୋତମ ପେଣ୍ଡେଇଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଡେଇ ତା ୧୧।୫।୨୦୨୨ ରିଖରେ ତେଲକୋଇ ଥାନାରେ ଏକ ମକଦ୍ଦମା ରୁଜୁ କରିବା ପରେ ତେଲକୋଇ ଥାନା ୭୫।୨୨ ରେ ଏକ ମକଦ୍ଦମା ରୁଜୁ ହୋଇ ଅନୁସନ୍ଧାନ କରି ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ୧୮ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତି କରି କେନ୍ଦୁଝର ଏଡିଜେ ମମିତା ଦାସ ଉପରୋକ୍ତ କାରାଦଣ୍ଡ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କେଶ ପରିଚାଳନା କରୁଥିଲେ ।

# ଚରମ୍ପାର ମୁଖ୍ୟ ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ

ଭଦ୍ରକ,୧୪/୫(ନି. ପ୍ର): ଦୀର୍ଘଦିନର ବ୍ୟବଧାନ ପରେ ପୁଣି ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି । ଏଥର ଦୋକାନ ସହ ଘର୍ ମଧ ଉଚ୍ଛେଦ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟ ରେ ଭଦ୍ରକ ସହର ରେ ଉଚ୍ଛେଦ ପରେ କିଛି ଦିନ ପାଇଁ ଉଚ୍ଛେଦ ସ୍ଥଗିତ ରହିଥିଲା । ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ ଅନୁଯାୟୀ ଚରମ୍ପା ପଥରଆଡି ଛକ ଠାରୁ ଡାହାଣୀଗଡ଼ିଆ ଛକ ପର୍ଯ୍ୟନ୍ତ ଏନଏଚ-୧୬ ସର୍ଭିସ ରୋଡ଼ ପାର୍ଶ୍ୱ ସରକାରି ରାସ୍ତା ଓ ଡ୍ରେନକୁ ଆଜି ପ୍ରଥମ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜବରଦଖଲ ଅବରୋଧ ମୁକ୍ତ କରାଯାଉଅଛି । ସୂଚନା ଥାଉ କି, ଦୀର୍ଘ ଦିନରେ ଏହି ମୁଖ୍ୟ ଡ୍ରେନଟିକୁ ଜବରଦଖଲକାରୀମାନେ ନିଜ କବଜାକୁ ନେଇଯାଇଥିଲେ । ଏପରିକି ଆବଶ୍ୟ ଅନୁଯାଇ ଅନେକ ସ୍ଥାନରେ ଡ୍ରେନଟି ପୋତି ପାକାଇଥିଲେ ଅବରୋଧକାରୀ । ଫଳରେ ବିଷମ ସମସ୍ୟାର ସମ୍ମୁଖୀନ ହେଉଥିଲେ ଚରମ୍ପାବାସୀ। ବିଶେଷ କରି ବର୍ଷା ଦିନେ ଜଳ ନିଷ୍କାସନ ନେଇ ଜଟିଳ ସମସ୍ୟା ଉପୁଜିଥାଏ । ବିଗତ ଦିନରେ ଏ ନେଇ ବହୁବାର ଅଭିଯୋଗ କରାଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇପାରି ନଥିଲେ । ତେବେ ସରକାର ପରିବର୍ତନ ପରେ ଡ୍ରେନ ଅବରୋଧ ମୁକ୍ତ ପାଇଁ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କୁ ବାରମ୍ବାର ଅବଗତ କରାଯାଇଥିଲା । ବିଧାୟକ ଏହି ସମସ୍ୟାକୁ ଗୁରୁତର ସହ ନେଇ ତୁରନ୍ତ ସମାଧାନ ପାଇଁ ଅଂଟା ଭିଡିଥିଲେ । ଜଲ୍ଲାପ୍ରଶାସନ ସହ ସମନ୍ୱୟ ରଖି ଏ ଦିଗରେ କାର୍ଯ୍ୟ କରିଥିଲେ ବିଧାୟକ । ଭଦ୍ରକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଭାରପ୍ରାପ୍ତ ତହସିଲଦାର ରଶ୍ମି ରଞ୍ଜନ ମଲ୍ଲିକ , ରେଭିନିୟୁ ସୁପରଭାଇଜର ଜ୍ୟୋତି ରଞ୍ଜନ ପଣ୍ଡା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ରାଜସ୍ୱ ନିରୀକ୍ଷକ ଙ୍କ ଉପସ୍ଥିତି ରେ ଉଚ୍ଛେଦ ଆରମ୍ଭ ହୋଇଛି । ସ୍ଥାନୀୟ ଲୋକେ ସହଯୋଗ କରୁଥିବା ବେଳେ ଅନେକ ଜବରଦଖଲ କରିଥିବା ଲୋକେ ନିଜସ୍ୱ ଉଦ୍ୟମ ରେ ଖାଲି କରିବା ଆରମ୍ଭ କରିଚନ୍ତି । ତେବେ ଉଚ୍ଛେଦ ର ୩ ଦିନ ପୂର୍ବରୁ ଡ଼ାକବାଜି ଯନ୍ତ୍ର ମାଧମ ରେ ଜବରଦଖଲକାରୀ ଙ୍କୁ ସୂଚନା ଦିଆଯାଇଥିଲା । ଫଳରେ ଦୀର୍ଘ ବର୍ଷ ଧରି ଜବରଦଖଲକାରୀଙ୍କ କବଜାରେ ଥିବା ଡ୍ରେନଟି ଆଜି ପ୍ରଥମ ଦିନରେ ଅବରୋଧ ମୁକ୍ତ କରାଯାଉଛି ଯାହାକୁ ନେଇ ସ୍ଥାନୀୟବାସୀ ଖୁସିଥିବା ବେଳେ ଦୀର୍ଘ ଦିନର ଏହି ସମସ୍ୟାରୁ ମୁକ୍ତି ମିଳିବ ବୋଲି ଆଶା କରିବା ସହ ବିଧାୟକଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

# ଦୀର୍ଘ ବର୍ଷ ହେଲା ଅଚଳ ହୋଇପଡିଥିବା ପାନୀୟ ପ୍ରକଳ୍ପକୁ ମରାମତି ଦାବି

ଧର୍ମଶାଳା,୧୪/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକର କୁମାରୀ ପଂଚାୟତକୁ ପାଇପଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କରାଯାଇଥିବା ପ୍ରକଳ୍ପ ବିଗତ ୧୦ ବର୍ଷ ହେଲା ଅଚଳ ହୋଇପଡିଛି । ଫଳରେ ଲୋକେ ପାଣି ଟୋପାଏ ପାଇବାରୁ ଲୋକେ ବଂଚିତ ହେଉଛନ୍ତି । ସୂଚନା ମୁତାବକ ଗତ ୨୦୦୮/୦୯ ଆର୍ଥିକବର୍ଷରେ ପ୍ରକଳ୍ପ ପାଇଁ ଧର୍ମଶାଳା ହାଟ ପଡ଼ିଆରେ ପଂପ୍‌ହାଉସ୍ ଓ ବୋରିଂ କରାଯାଇ ପାଇପ ଯୋଗେ ଏଠାରୁ ପ୍ରାୟ ୨କିମି ଦୂର ଦେଉଳି ଠାରେ ଏକ ପାଣିଟାଙ୍କି ନିର୍ମାଣ କରାଯାଇ ସେଠାରେ ପାଣି ଷ୍ଟକ ରଖାଯିବାର ବ୍ୟବସ୍ଥା କରାଯାଇଥିଲା । ଉକ୍ତ ଟାଙ୍କିରେ ମୋଟର ଲଗାଯାଇ ଦେଉଳି, କୁମାରୀ ଓ ଜାରକା ପର୍ଯ୍ୟନ୍ତ ୨କିମି ଯାଏ ପାଇପ୍ ବିଛାଯାଇ ଅଂଚଳବାସୀଙ୍କୁ ପାନୀୟଜଳ ଯୋଗାଇ ଦିଆ ଯାଉଥିଲା । ଏହାର ନିର୍ମାଣ ପାଇଁ ସେ ସମୟରେ ପ୍ରାୟ ୧କୋଟି ୨୦ଲକ୍ଷ ଟଙ୍କାଖର୍ଚ୍ଚ ହୋଇଥିଲା । ଉକ୍ତ ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ କୁମାରୀ, ଦେଉଳି ଓ ଜାରକା ବଜାର ଅଂଚଳବାସୀଙ୍କୁ ପ୍ରାୟ ୫ବର୍ଷ ପର୍ଯ୍ୟନ୍ତ ପିଇବା ପାଣି ଯୋଗାଇ ଦିଆଯାଇଥିଲା । ହେଲେ ଏହାର ପରିଚାଳନାଗତ ତ୍ରୁଟିଯୋଗୁଁ ୨୦୧୪ବେଳକୁ ଏହି ପ୍ରକଳ୍ପ ସଂପୂର୍ଣ୍ଣ ଅଚଳ ହୋଇଯାଇଥିଲା । ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାନଯିବାରୁ ଅଚଳ ହୋଇପଡିବାର ସୁଯୋଗ ନେଇ ଦୁର୍ବୃତମାନେ ମାଟି ଖୋଳିମୋଟା ପିଭିସି ପାଇପ୍ ଚୋରି କରିନେଇଛନ୍ତି । ପ୍ରକଳ୍ପଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ସତ୍ୱେ ପ୍ରତିମାସର ବିଦ୍ୟୁତ୍‌ବିଲ୍ ପଂଚାୟତ କାର୍ଯ୍ୟାଳୟକୁ ଆସୁଥିଲା । ମାସକୁମାସ ବିଲବୃଦ୍ଧି ପାଇ ୪ଲକ୍ଷ ୮ହଜାର ଟଙ୍କାରେ ପହଁଚିଥିଲା । ବିଭାଗୀୟ ଅଧିକାରୀ ଓ କର୍ମଚାରୀ ବାଧ୍ୟ କରିବାରୁ ସରପଂଚଙ୍କ ନିର୍ଦ୍ଦେଶକ୍ରମେ ୨୦୨୨ରେ ପିଇଓ ୩ଲକ୍ଷ ୯୩ ହଜାର ଟଙ୍କା ପୈଠ କରିଥିଲେ ବୋଲି କୁହାଯାଉଛି । ଏଭଳି ଅନିୟମିତତା ଜଣାପଡ଼ିବା ପରେ ପୈଠ ଅର୍ଥକୁ ପଂଚାୟତକୁ ଫେରସ୍ତ ପାଇଁ ଏବେକାର ସରପଂଚ ଦାବିକରିଛନ୍ତି । ଖରାର ପ୍ରକୋପ ବଢିବା ସଙ୍ଗେ ସଙ୍ଗେ କୁମାରୀ ଓ ଜାରକା ଭଳି ପାହାଡିଆ ଅଂଚଳରେ ଦେଖାଦେଇଥିବ ଜଳକଷ୍ଟ ଦୁର କରିବା ଲାଗି ଅଚଳ ହୋଇପଡିଥିବା ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ନାରଦ ଜୟନ୍ତୀ ପାଳିତ

ପଟ୍ଟାମୁଣ୍ଡାଇ ,୧୪/୫(ନି. ପ୍ର): ବିଶ୍ୱ ସମ୍ବାଦ କେନ୍ଦ୍ର କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁମନ୍ଦିର ରେ ବିଶ୍ୱର ଆଦ୍ୟ ସାମ୍ବାଦିକ ମହର୍ଷି ନାରଦଙ୍କ ଜୟନ୍ତୀ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ନାୟକ, ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଜିଲ୍ଲା ସହ ସଂଘଚାଳକ, ରାଷ୍ଟ୍ରୀୟ ବିଚାର ପ୍ରବକ୍ତା ତଥା ବରିଷ୍ଠ ଆଇନଜିବି ସଞ୍ଜୟ ପତ୍ରୀ ଯୋଗଦେଇ ମହର୍ଷି ନାରଦ ମୁନିଙ୍କ ସାମ୍ବାଦିକତା ଓ ଆଜିର ସାମ୍ବାଦିକତା ମଧରେ ଥିବା ପ୍ରାର୍ଥକ୍ୟ ବିଷୟରେ ମାର୍ଗ ଦର୍ଶନ କରିଥିଲେ । ସାମ୍ବାଦିକତା ରାଷ୍ଟ୍ରର ଉନ୍ନତି ପାଇଁ ହେବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପତିତପାବନ ଭଦ୍ର, ହିମାଂଶୁ ନାୟକ, ବିଭୂପ୍ରସାଦ ମହାନ୍ତି, ଧୀରେନ୍ଦ୍ର ମଲ୍ଲିକ, ସୁଶାନ୍ତ ନାୟକ, ସୂର୍ଯ୍ୟ ନାରାୟଣ ଦାଶ, ମାତୃଦତ ମହାନ୍ତି, ହିମାଦ୍ରୀ ମାଝୀ, ରଞ୍ଜନ ସାହୁ, କୁମାରେଶ ନାୟକ, କଳ୍ପତରୁ ନାୟକ, ଅକ୍ଷୟ ସାହୁ, ଅନିଲ ଚୌଧୁରୀ, ଉପେନ୍ଦ୍ର ନାୟକ, ଦୀପକ ନାୟକ,ବିରଂଚି ନାରାୟଣ ଦାସ, ଶ୍ରୀମନ୍ତ ଦାସ, ବିଚିତ୍ରାନନ୍ଦା ବେହେରା, ମଳୟ କୁମାର ସାହୁ, ବୀରେନ୍ଦ୍ର ଦାସ, ସୁଧାଂଶୁ ଭୂଷଣ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ଖରସ୍ରୋତା ନଦୀରୁ ଭିନ୍ନକ୍ଷମ ଯୁବକଙ୍କ ମୃତ ଦେହ ଉଦ୍ଧାର: କୁମ୍ଭୀର ଗୁଜବରୁ ହଟିଲା ଅନ୍ତ

କୋରେଇ,୧୪/୫(ନି. ପ୍ର): କୋରାଇ ବ୍ଲକ ତଥା ପାଣିକୋଇଲି ଥାନା ଅଧିନସ୍ଥ ତଣ୍ଡରା ପଂଚାୟତରେ ଜଣେ ଯୁବକ ଖରସ୍ରୋତା ନଦୀକୁ ଶୌଚ ହେବାକୁ ନିଖୋଜ ହୋଇ ଯାଇଥିବା ବେଳେ କୁମ୍ଭୀର ଟାଣି ନେଇଥିବାର ପ୍ରଚାର ଜୋର ଧରିଥିଲା । ତଣ୍ଡରା ପଂଚାୟତ ଅନ୍ତର୍ଗତ ତଣ୍ଡରା ଗ୍ରାମର କୈଳାସ ମଲିକଙ୍କ ପୁଅ ସିଦ୍ଧାନ୍ତ (୨୩) ଓ ତାଙ୍କ ବଡ଼ଭାଇ ବଳରାମ ସବୁଦିନ ପରି ନଦୀ ନିକଟରେ ଥିବା ଚାରଣ ଭୁମିକୁ ନିଜର ଗୋରୁ ଚରାଇବାକୁ ଯାଆନ୍ତି । ତେବେ ସୋମବାର ମଧ୍ୟ ଦୁଇ ଭାଇ ଗୋରୁ ନେଇ ଚରାଇବାକୁ ଯାଇଥିବା ବେଳେ ଅପରାହ୍ନ ସମୟରେ ସିଦ୍ଧାନ୍ତ ଶୌଚ ହେବାକୁ ଯାଇଥିଲେ। ମାତ୍ର ଦୁଇ ପାଦ ଯାଇଛନ୍ତି କି ନାହିଁ ନଦୀ ଭିତରେ ବୁଡି ଯାଇଥିଲା । ଫଳରେ ଭିନ୍ନକ୍ଷମ ଥିବା ସିଦ୍ଧାନ୍ତ ନିଜକୁ ବଂଚେଇବା ଲାଗି ବଡ଼ଭାଇ ବଳରାମଙ୍କୁ ଡ଼ାକିଥିଲା । ମାତ୍ର କୁଳ ଠାରୁ ୫୦ ମିଟର ଦୁରରେ ଥିବା ବଳରାମ ସିଦ୍ଧାନ୍ତର ଡ଼ାକ ଶୁଣି ତାଙ୍କୁ ବଂଚାଇବା ଲାଗି ନଦୀକୁ ଯିବା ବେଳକୁ ତାକୁ ପାଇନଥିଲା । ପରେ କୁମ୍ଭୀର ଟାଣି ନେବା ଖବର ବଳରାମ ଗ୍ରାମରେ କହିବା ପରେ ଗ୍ରାମରୁ କିଛି ଧୀବର ଡ଼ଙ୍ଗା ନେଇ ନଦୀ ଭିତରକୁ ଯାଇ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନଥିଲେ। ପରେ ଖବର ପାଇ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି, ଯାଜପୁର ରୋଡ଼ ଅତିରିକ୍ତ ବନ ଅଧିକାରୀ ନିଳୀମା ପ୍ରିୟଦର୍ଶିନୀ ନାୟକଙ୍କ ସମେତ ଯାଜପୁର ରୋଡ଼ ଦମକଳ ବାହିନୀ ନଦୀ ଭିତରକୁ ଯାଇ ପାୱାର ବୋଟ ନେଇ ଖୋଜା ଖୋଜି କରୁଥିଲେ ମଧ୍ୟ ଯୁବକଙ୍କ ଖୋଜ ଖବର ମିଳିପାରି ନଥିଲା । ଏ ନେଇ ପଂଚାୟତରେ ଆତଙ୍କର ବାତାବରଣ ସହିତ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ହେଲେ ଆଜି ତାର ମରଶରୀର ଉଦ୍ଧାର ହୋଇଥିଲା । ଫଳରେ କୁମ୍ଭୀର ଟାଣିନେବା ଏକ ଗୁଜବ ବୋଲି ଜଣାପଡିଥିଲା । ଆଜି ତାର ଶବ ନଦୀରୁ ଭାସୁଥିବା ବେଳେ ଓଡ୍ରାପ୍ଟ ଟିମ ପହଂଚି ତାକୁ ଉଦ୍‌ଦାର କରିଥିଲା । ଏନେଇ ପାଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୧୭/୨୫ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ବେଆଇନ୍ ପାଉଁଶ ବୋଝେଇ ୨୩ ହାଇୱାକୁ ଅଟକାଇଲା ପୋଲିସ

ସମ୍ବଲପୁର,୧୪/୫(ନି. ପ୍ର): ସମ୍ବଲପୁର ଜିଲ୍ଲାରେ ଶିଳ୍ପାୟନ ସହିତ ତତ୍‌ଜନିତ ପ୍ରଦୂଷଣ ଏବଂ ଫ୍ଲାଇଆସ୍ ପରିଚାଳନା ପରିବେଶକୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ବିଭିନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ ହେଉଥିବା ବର୍ଜ୍ୟ ବିଷାକ୍ତ ଫ୍ଲାଇଆସ୍ ବା ପାଉଁଶକୁ ରାତିର ଅନ୍ଧକାରରେ ଏଣେତେଣେ ଫିଙ୍ଗି ଦିଆଯାଉଥିବା ଅଭିଯୋଗ ହୋଇଛି । ଏହି ସମସ୍ୟା ଉପରେ ପୋଲିସ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଗତରାତି ଝାରସୁଗୁଡ଼ା ଅଞ୍ଚଳରୁ ଏହିଭଳି ବିଷାକ୍ତ ଫ୍ଲାଇଆସ୍ ଅଣାଯାଇ ଠେଲ୍ କୁଲିର ସ୍କୁଲ ପାଖରେ ପକାଇବା ପାଇଁ ଉଦ୍ୟମ ସମୟରେ ସମ୍ବଲପୁର ଜିଲ୍ଲା ପୋଲିସ ଓ ଠେଲକୁଲି ଥାନା କର୍ତ୍ତୃପକ୍ଷ ମାଡ଼ି ବସିଥିଲେ । ଏଥିରେ ୨୩ଟି ପାଉଁଶ ବୋଝେଇ ହାଇୱାକୁ ଠାବ କରାଯାଇଥିଲା ଓ ପାଉଁଶ ପରିବହନ ପାଇଁ ବୈଧ ଟ୍ରାନ୍?ଜିଟ୍ କିମ୍ବା ଡମ୍ପିଂ ଅନୁମତିପତ୍ର ନଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଏହି ଘଟଣା ବାବଦରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ଅଧିକାରୀ କହିଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉଲ୍ଲଂଘନ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ ସକାଶେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କ ଏକ ବୈଠକ ହୋଇଥିଲା । ଏଥିରେ ବିଭିନ୍ନ କମ୍ପାନୀରୁ ଫ୍ଲାଇଆସ୍ ପରିବହନ କରୁଥିବା ଯାନବାହନରେ ଜିପିଏସ୍ ଖଞ୍ଜା ଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଯଦ୍ୱାରା ଫ୍ଲାଇଆସ୍ ପରିବହନର ମୂଳସ୍ଥାନରୁ ଡମ୍ପିଂୟାର୍ଡ଼ ପର୍ଯ୍ୟନ୍ତ ଉକ୍ତ ଟ୍ରକ୍ କୁ ଅନୁସରଣ କରାଯାଇପାରିବ । ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି । ଜିଲ୍ଲାର ଯୁଯୋମୁରା ଓ ଧନକଉଡ଼ା ବ୍ଲକ୍ ଅଞ୍ଚଳରେ ଚାଷଜମି ଓ ବସତି ପାଖରେ ତାପଜ ବିଦ୍ୟୁତ୍ କେନ୍ଦ୍ରମାନଙ୍କର ପାଉଁଶ ପକାଯାଉଥିବା ପୂର୍ବରୁ ଅଭିଯୋଗ ହୋଇଥିଲା ।

# ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ, ପ୍ରତି ବ୍ଲକରେ ହେବ ଗୋଟେ ଶୀତଳ ଭଣ୍ଡାର : ମନ୍ତ୍ରୀ

ଭଦ୍ରକ,୧୪/୫(ନି. ପ୍ର): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଚାନ୍ଦବାଲି କାଳିପଡିଆ ଠାରେ ଏକ ବିଶାଳ କୃଷକ ସମାବେଶ ଓ ଓଡିଶା ରେ ଧାନ କିଣା ସଫଳତା ନେଇ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର କୁମାର ରାଉଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କୃଷକ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଉଟି କଲ୍ୟାଣ, ଯୋଗାଣ, ବିଜ୍ଞାନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠି ଓ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ପ୍ରଥମେ ଭାରତମାତା ଫଟୋଚିତ୍ର ରେ ପୁଷ୍ପ ମାଲ୍ୟାର୍ପଣ କରି ଅପରେସନ ସିନ୍ଦୂରରେ ସହିଦମାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାଥନା କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଭାଜପା ସରକାର ଓଡିଶାରେ ଶାସନକୁ ଆସିବା ପୂର୍ବରୁ ଯେଉଁ ପ୍ରତିଶୃତି ଦେଇଥିଲା ତାହା ପୂରଣ କରି ଦେଖାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ର କୃଷକ ମାନଙ୍କ ସାଙ୍ଗରେ ଅଛନ୍ତି । ପ୍ରତି ବ୍ଲକ ରେ ନୂତନ ଶୀତଳ ଭଣ୍ଡାର ଖୋଲାଯିବ ବୋଲି ମନ୍ତ୍ରୀ କହିଥିଲେ । ମୋହନ ମାଝୀ ସରକାର ଧାନ କୁଇଂଟାଲ ପିଛା ୩୧୦୦ ଟଙ୍କା ଓଡିଶା ର ଚାଷୀ ଭାଇ ମାନଙ୍କୁ ପ୍ରଦାନ କରାଗଲା, ଧାନ ବିକ୍ରି ର ୪୮ ଘଂଟା ମଧ୍ୟରେ ଚାଷୀ ମାନଙ୍କ ଆକାଉଂଟକୁ ଅର୍ଥ ରାଶି ପ୍ରଦାନ କରାଗଲା ୭୪ ଲକ୍ଷ୍ୟ ମେଟ୍ରିକ ଟର୍ନ ଧାନ କିଣା ଯାଇଛି । ପୂର୍ବ ବର୍ଷ ତୁଳନା ଅଧିକ ସମସ୍ତ ପଞ୍ଜିକୃତ ଚାଷୀ ଙ୍କ ଠାରୁ ଧାନ ସରକାର କିଣିଛନ୍ତି ଓ କୌଣସି ଜାଗାରେ ଧାନର କଟନୀ ଛଟଣି ହୋଇନାହିଁ ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପସ୍ଥିତ ଚାଷୀଙ୍କ ସହ ଧନ୍ୟବାଦ ଦେଇଥିଲେ । ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ ଆମ ସରକାର ମୁଖ୍ୟମନ୍ତ୍ରୀ କିଷାନ ସଂମାନ ଦେବା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଜଳ ସେଚନ ଯୋଜନାରେ ଆମ ସରକାର ସଂକଳ୍ପ ନେଇଛନ୍ତି ଏହି ଗୋଟିଏ ବର୍ଷରେ ୧୫ ଲକ୍ଷ୍ୟ ହେକ୍ଟର ଜମି ରେ ଜଳ ସେଚନ ବ୍ୟବସ୍ଥା କରିବୁ। ଚାଷୀ ଆଉ ଆକାଶକୁ ଅନାଇ ଚାଷ କରିବ ନାହଁ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭାଜପା ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ବାସୁଦେବପୁର ନିର୍ବାଚନ ମଣ୍ଡଳୀ ନେତା ବାଣୀକଲ୍ୟାଣ ମହାନ୍ତି, ଭଣ୍ଡାରିପୋଖରୀ ନେତା ସୁଧାଂଶୁ ରାଉତ, ଜିଲା ସମ୍ପାଦକ କମଳାକାନ୍ତ ସୂତାର, ଅଜୟ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, କିଶ୍ୱର ନାୟକ,ଯତୀନ୍ଦ୍ର ବିଶ୍ୱାଳ, କୌଶିକ ଚାନ୍ଦ, ବିକ୍ରମ ରାଉତରାୟ, ସନାତନ ସାହୁ, ଅଶୋକ ରାୟ,ସଂକର୍ଷଣ ଜେନା, ମଙ୍ଗରାଜ ନାୟକ,ଏନ, ଏସ, ସି ସଭାପତି ବିକାଶ କୁମାର ବେହେରା, ମଣ୍ଡଳ ସଭାପତି ସନ୍ଦୀପ ନାୟକ, ପ୍ରବୀର ରାଉତ, ତ୍ରିଦୀବେଶ ପ୍ରଧାନ, ଅଜୟ ମହାନ୍ତି, ଦେବେନ୍ଦ୍ର ନାୟକ, ପ୍ରିୟରଞ୍ଜନ ଜେନା, ପିତାମ୍ବର ଦାସ, ସରପଂଚ ଭାରତୀ ବିଶ୍ୱାଳ, ସୁଶାନ୍ତ ପୁହାଣ, ବିଳାସ ନାୟକ, ଜଗନ୍ନାଥ ରାଉତ, ଚନ୍ଦନ ରାଉତ, ଦିଲ୍ଲୀପ ରାଉତ, ବିଶ୍ୱଜିତ ବିଶ୍ୱାଳ,ବିଜୟ କୁମାର ବେହେରା, ସ୍ମୃତିରଞ୍ଜନ ନାୟକ,ମୀନକେତନ ବିଶ୍ୱାଳ, ଉଦୟ କେତନ ବିଶ୍ୱାଳ, ଅଶୋକ ରାଉତ,ପ୍ରମୁଖ ଉପସ୍ଥିତ ଥିଲେ ।

## କଙ୍ଗାରେ ପଂଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର,୧୪/୫(ନି. ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଦିନ ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୧ ଘଂଟା ୩୦ ମିନିଟ ସମୟରେ ଶେଷ ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ସହକାରୀ ନିବାହୀ ଯନ୍ତୀ ବିଜୟ ନନ୍ଦ, ସହକାରି ଯନ୍ତୀ ରଞ୍ଜିତା ରାଣି ପଂଟା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରି କେଏସ ନିଶା, ମେଡିକାଲ ଅଫିସର ସୁଧାକର ବିଷୋୟୀ, ଏପିଓ ସନ୍ତୋଷି ମହାପାତ୍ର, ପିଇଓ ଚନ୍ଦ୍ର ସେଖର ମହାପାତ୍ର ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ ।

# ଗ୍ରାମ୍ୟ ରାସ୍ତାରେ ବାଲି ପରିବହନକୁ ଗ୍ରାମବାସୀଙ୍କ ବିରୋଧ

ଚମ୍ପୁଆ,୧୪/୫(ନି. ପ୍ର): ବାଲିଘାଟ ପାଇଁ ଲିଜ ଦିଆହୋଇଥିବା ଗ୍ରାମରେ ରାସ୍ତା ନ କରି ଅନ୍ୟ ଗ୍ରାମରେ ଲିଜ ଧାରି ବାଲି ପରିବହନ ପାଇଁ ବଳପୂର୍ବକ ରାସ୍ତା ନିର୍ମାଣ କରୁଥିବାରୁ ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗ୍ରାମ୍ୟ ରାସ୍ତାରେ ବାଲି ପରିବହନକୁ ବିରୋଧ କରି ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ୍ କରଞ୍ଜିଆ ପଂଚାୟତ କାଟୁଳିକନା ଗ୍ରାମରେ। କାନପୁର ପ୍ରକଳ୍ପ କେନ୍ଦୁଝର ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ବୃହତ ଜଳସେଚନ ପ୍ରକଳ୍ପ। ଆସନ୍ତା ଜୁନ ମାସ ସୁଦ୍ଧା ଏହି କାନପୁର ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସରକାର ଘୋଷଣା କରିଥିବାରୁ ଉକ୍ତ ପ୍ରକଳ୍ପର ଚୂଡ଼ାନ୍ତ ସମାପ୍ତି ଯୁଦ୍ଧକାଳୀନ ଭିତିରେ କରା ଯାଉଛି। ଏଥିପାଇଁ ବାଲିର ବ୍ୟାପକ ଆବଶ୍ୟକତା ରହିଥିବା ବେଳେ ଏହି କାର୍ଯ୍ୟ ପାଇଁ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ତହସିଲର ମ୍ୟାକମିଲନପୁର ଗ୍ରାମର ୬.୨୫ ଏକର କିମ୍ବା ୨.୫୨୯ ହେକ୍ଟର ଅଂଚଳ ଉପରେ ଥିବା ବୈତରଣୀ ନଦୀର ମ୍ୟାକମିଲନପୁର ବାଲି ଖଣିକୁ କେବଳ କାନପୁର ଜଳସେଚନ ପ୍ରକଳ୍ପ, ପାଇଁ ମହଜୁଦ କରାଯାଇ କେନ୍ଦୁଝର ଜିଲ୍ଲାପାଳ ୨୦୨୨ ମସିହାରୁ ଅନୁମତି ପ୍ରଦାନ କରିଥିଲେ। ତେବେ ଲିଜଧାରୀ ମ୍ୟାକମିଲାନ ପୁର ଗ୍ରାମରୁ ବାଲି ଉତୋଳନ ପାଇଁ ଅନୁମତି ପାଇଥିବା ବେଳେ ସେଠାରେ ରାସ୍ତା ନ କରି ଲିଜ ଅଂଚଳ ବାହାରେ କାଟୁଳିକନା ଗ୍ରାମରେ ବଳପୂର୍ବକ ରାସ୍ତା ନିର୍ମାଣ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବାଲିଘାଟକୁ ରାସ୍ତା ନିର୍ମାଣ ପାଇଁ ଲିଜଧାରୀ କାଟୁଳିକନା ଗ୍ରାମବାସୀଙ୍କ ଆଗୋଚରରେ ଗ୍ରାମରେ ବହୁସଂଖ୍ୟାରେ ମୂଲ୍ୟବାନ ଗଛକୁ କାଟି ଦେଇଥିବା ଜଣାପଡିଛି । ବାଲି ପରିବହନ ପାଇଁ ବିନା ଗ୍ରାମସଭାରେ ଓ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି ଲିଜଧାରୀ ବେଆଇନ କାର୍ଯ୍ୟ କରୁଥିବା ବେଳେ ଗ୍ରାମବାସୀ ବିରୋଧ କରିବାରୁ ଲିଜଧାରୀ ମିଥ୍ୟାକେସ କରି ଧମକ ଚମକ ଦେଉଥିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମ୍ୟାକମିଲନପୁର ବାଲି ଖଣିକୁ ଯିବା ପାଇଁ ରାସ୍ତା କରିବାକୁ ମ୍ୟାକମିଲନପୁର ଗ୍ରାମରେ ଅନୁମତି ଦିଆ ଯାଇଥିବା ସତ୍ୱେ ଏହାକୁ ବ୍ୟବହାର ନ କରି କାଟୁଳିକନା ଗ୍ରାମରୁ ମ୍ୟାକମିଲନପୁର ବାଲି ଖଣିକୁ ରାସ୍ତା ନିର୍ମାଣ କରି ବାଲି ଚୋରି କରିବା ପାଇଁ ମସୁଧା କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମ୍ୟ ରାସ୍ତା ରେ ବାଲି ପରିବହନ ହେଲେ ଗ୍ରାମ ର ପରିବେଶ ନଷ୍ଟ ହେବା ସହ ଗ୍ରାମ କୁ ପଂଚାୟତ କୁ ଯୋଡୁ ଥିବା ଏକମାତ୍ର ରାସ୍ତା ସମ୍ପୁର୍ଣ୍ଣ ନଷ୍ଟ ହୋଇପଡିବ । ଯାହା ଫଳରେ ଗ୍ରାମବାସୀ ଦୈନନ୍ଦିନ ଜୀବନରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବେ । କେବଳ କାନପୁର ଜଳସେଚନ ପ୍ରକଳ୍ପ ପାଇଁ ଏହି ବାଲିଘାଟକୁ ଲିଜ ଦିଆଯାଇଥିବା ବେଳେ ଲିଜଧାରୀଙ୍କ ଏଭଳି ବେଆଇନ କାର୍ଯ୍ୟରେ ଲଘୁଖଣିଜ ଅଧିକାରୀ ଓ ପ୍ରଶାସନର କିଛି ଅସାଧୁ କର୍ମଚାରୀ ସହଯୋଗ କରୁଥିବା ଅଭିଯୋଗ ନେଇ ଗ୍ରାମବାସୀ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି ।

# ଭୀମ ଭୋଇ ନଗରରେ ସନ୍ଥକବିଙ୍କ ଜୟନ୍ତୀ

ସମ୍ବଲପୁର,୧୪/୫(ନି. ପ୍ର): ସ୍ଥାନୀୟ ଭୀମ ଭୋଇ ନଗର ସ୍ଥିତ ଭୀମ ଭୋଇ ସାହିତ୍ୟ ସଂସଦର ୨୫ତମ ବାର୍ଷିକୋତ୍ସବ ଓ ସନ୍ଥକବିଙ୍କ ଜୟନ୍ତୀ ଅନୁଷ୍ଠାନର ସଭାପତି ନୌବିହାରୀ ପ୍ରଧାନଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ର. ସୁଶାନ୍ତ କୁମାର ଦାଶ ଯୋଗଦେଇ ସମାଜ ପ୍ରତି ଭୀମ ଭୋଇଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ଼. ଦ୍ୱାରିକା ନାଥ ନାୟକ ଯୋଗ ଦେଇ ସାମାଜିକ ପରିବର୍ତ୍ତନ ଓ ଧର୍ମ ସଂସ୍ଥାନାରେ ଭୀମ ଭୋଇଙ୍କ ଭୂମିକା ତଥା ତାଙ୍କ କାବ୍ୟକବିତାରେ ଆଧୁନିକତା ସମ୍ପର୍କରେ ଆଲୋଚନା କରିବା ସହିତ ସ୍ତୃତି ଚିନ୍ତାମଣି ହେଉଛି ମହିମା ଧର୍ମର ବର୍ଣ୍ଣବୋଧ ବୋଲି ମତ ଦେଇଥିଲେ। ଏହି ସମାବେଶରେ ଦିବ୍ୟାଙ୍ଗ ଛାତ୍ର କଳାକାର ସୁମନ୍ତ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ୨୦୨୫ ମେଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ମାର୍କ୍ ରଖିଥିବା ଜି. ସିରିଶା, ପ୍ରଜ୍ଞା ପ୍ରିୟଦର୍ଶିନୀ ପ୍ରଧାନ, ସାଇଶା ମାଝୀ ଓ ସୁହାନା ନାୟକଙ୍କୁ ସମ୍ମାନୀତ କରାଯାଇଥିଲା । ସମ୍ପାଦକ ସରୋଜ ପଟ୍ଟନାୟକ ବିବରଣୀ ପାଠ କରିଥିବା ବେଳେ ଡ଼. ସହଦେବ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଗଙ୍ଗଦେବ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜଳଛତ୍ର

ବସ୍ତା।୧୪।୫(ନିପ୍ର)ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଜଳକାପ୍ରଜେକ୍ଟ ସାନଖୁଡି ବଜାରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜଳ ଛତ୍ରମାଧ୍ୟମରେ ଦହି ସରବତ ଗୋଲକୁଚ ଓ ଥଣ୍ଡା ପାନିୟଜଳ ବ୍ୟବସ୍ଥା ହୋଇଅଛି । ମଞ୍ଚର ସଭାପତି ବିଜୟକୁମାର ବେହେରା ସମ୍ପାଦକ ଅଜୟକୁମାର ଦାସ କୋଷାଧ୍ୟକ୍ଷ ଗୋପାଳଚନ୍ଦ୍ର ଦାସଙ୍କ ତତ୍ୱାବଧାନରେ ମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ରହି ପଥଚାରୀ ମାନଙ୍କ ପାଇଁ ଏହିଭଳି ମହତ୍ୱ କାର୍ଯ୍ୟପାଇଁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି ।


## AFFIDAVIT

by virtue of An affidavit sworn before the executive Magistrate Nilgiri, dated 09-05-2025, I Kanhu Charan Nayak, At-Narasinghapur, P.o-Narasinghapur, P.S-Nilgiri, Dist-Balasore. declare that I have changed my Son name's name from Subhasish Nayak to Subasish Nayak. Henceforth, he shall be known as Subasish Nayak for all purpose.

Kanhu Charan Nayak


# ଡକ୍ଟର ସଂକର୍ଷଣ ମିଶ୍ରଙ୍କ ଜୀବନ ରାଷ୍ଟ୍ର ପାଇଁ ସମର୍ପିତ ଥିଲା

କଟକ, ୧୪/୫ (ନି.ପ୍ର): ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ତଥା 'ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ,ଓଡ଼ିଶା'ର ପୂର୍ବତନ ଉପସଭାପତି ଡକ୍ଟର ସଂକର୍ଷଣ ମିଶ୍ରଙ୍କ ସମଗ୍ର ଜୀବନ ଦେଶମାତୃକାର ସେବାରେ ସମର୍ପିତ ଥିଲା । ରାଷ୍ଟ୍ରର ହିତସାଧନ ଦିଗରେ ସେ ନିରନ୍ତର କାର୍ଯ୍ୟ କରିଚାଲିଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ।

ସ୍ୱର୍ଗତ ମିଶ୍ରଙ୍କ ଏକାଦଶାହ ଉପଲକ୍ଷେ ସ୍ଥାନୀୟ ଗାନ୍ଧି ଭବନଠାରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରଫେସର ଦିନେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷାବିତ୍ ଅଧ୍ୟାପକ ଅକ୍ଷୟ କୁମାର ଦାସ, ଆରତଭଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଡକ୍ଟର ଗୌରୀଶଙ୍କର ସାହୁ, ଡକ୍ଟର ଚିତ୍ତରଞ୍ଜନ ପଣ୍ଡା, ଡକ୍ଟର ଧର୍ମେନ୍ଦ୍ର ଦାସ, ଡକ୍ଟର ନାରାୟଣ ମହାନ୍ତି, ଡକ୍ଟର ବିଜୟଭୂଷଣ ଆଚାର୍ଯ୍ୟ, ଡକ୍ଟର ବିକଳି ଚରଣ ଦାସ, ଡକ୍ଟର ବିଚିତ୍ରାନନ୍ଦ ବଳ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ମିହିରରଞ୍ଜନ କର, ଡକ୍ଟର ଶିବବ୍ରତ ଦାସ, ଡକ୍ଟର ଶଚୀନ୍ଦ୍ର ରାଉଳ, ଡକ୍ଟର ସରୋଜ କୁମାର ଦାସ, ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ପୂର୍ବତନ ସଭାପତି ଲଲାଟେନ୍ଦୁ ବଡୁ, ସମାଜସେବୀ ଦୀପକ କୁମାର ମହାନ୍ତ, ବଂଶୀଧର ରାଉତ, ଲାଲା ତରୁଣକାନ୍ତ ରାୟ ପ୍ରମୁଖ ଡକ୍ଟର ମିଶ୍ରଙ୍କ ସ୍ମୃତିଚାରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡକ୍ଟର ମିଶ୍ରଙ୍କ ଦୁଇପୁଅ ବାଣୀପ୍ରସାଦ ମିଶ୍ର ଓ ସୂର୍ଯ୍ୟପ୍ରସାଦ ମିଶ୍ରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଓଡ଼ିଶା ସରକାରଙ୍କ ଐତିହାସିକ ନିଷ୍ପତ୍ତି ଏସଇବିସି ବର୍ଗର ଲୋକମାନଙ୍କୁ ସଶକ୍ତ କରିବ: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧୪/୫ (ନି.ପ୍ର): ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ତଥା ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିବା ସହ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ ଓଡ଼ିଶାର ମୋଟ ଜନସଂଖ୍ୟାର ୫୨%ରୁ ଅଧିକ ହେଉଛନ୍ତି ଏସଇବିସି ବର୍ଗର । ଏହି ଐତିହାସିକ ନିଷ୍ପତି ଏସଇବିସି ବର୍ଗର ଲୋକମାନଙ୍କୁ ସଶକ୍ତ କରିବା ସହ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବ । ଜାତୀୟ ଶିକ୍ଷା ନୀତି ଦୃଷ୍ଟିକୋଣରେ ଏହି ପଦକ୍ଷେପ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ବଢାଇବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସହାୟକ ହେବ । ଏହି ନୀତି ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରାଯିବ । ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବ୍ୟବସ୍ଥା ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧ୍ୟମିକ, ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବିପିଏଡ ଓ ଏମପିଏଡ ପାଠ୍ୟକ୍ରମରେ ଲାଗୁ କରାଯିବ, ଯାହା ପ୍ରଶଂସନୀୟ ନିଷ୍ପତି । 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ମୋଦୀ ସରକାରଙ୍କ ବିଚାର ଓ ଦାର୍ଶନିକ ମତ । ଆମର ସମସ୍ତ କାର୍ଯ୍ୟକ୍ରମ, ଯୋଜନାର ମୂଳ ଲକ୍ଷ୍ୟ ହେଉଛି ସାମାଜିକ ନ୍ୟାୟ । ମୋଦୀ ସରକାର ଅନ୍ୟାନ୍ୟ ପଛୁଆ ବର୍ଗମାନଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦେଇଆସୁଛନ୍ତି । ଏସଇବିସି ବର୍ଗର ଲୋକମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସଂରକ୍ଷଣ ପ୍ରଦାନ କରିବାକୁ ତତ୍କାଳୀନ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିବା ସତ୍ତ୍ୱେ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ନଦେଇ ଅବହେଳିତ କରିଆସୁଥିଲେ । ଆଜି ଦେଶରେ ଯେତେବେଳେ ଜାତିଗତ ଜନଗଣନା ଭଳି ଐତିହାସିକ ନିଷ୍ପତ୍ତିକୁ ମୋଦୀ ସରକାର କ୍ୟାବିନେଟରେ ମଞ୍ଜୁର ଦେଇଛନ୍ତି, ସେଭଳି ସମୟରେ ଓଡ଼ିଶା ସରକାରଙ୍କ ନିଷ୍ପତି ସ୍ୱାଗତଯୋଗ୍ୟ । ଏହି ଐତିହାସିକ ନିର୍ଣ୍ଣୟ ପାଇଁ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଏପ୍ରିଲ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ଉପରେ ଅବଗତ କରାଇଥିଲେ । ଶ୍ରୀ ପ୍ରଧାନ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ୩୧ ଡିସେମ୍ବର ୨୦୨୦, ୧୫ ଜାନୁଆରୀ ୨୦୨୦ ଏବଂ ୨୫ ଜୁଲାଇ ୨୦୧୯ରେ ଏହି ପ୍ରସଙ୍ଗରେ ତିନି ଥର ପତ୍ର ଲେଖିବା ପରେ ବି ପୂର୍ବ ସରକାର କୌଣସି ତତ୍ପରତା ଦେଖାଇନଥିଲେ ।

# ବି.ଏସ୍.ପି.ର ବୁଦ୍ଧପୂର୍ଣ୍ଣିମା ପାଳିତ



ବାଲେଶ୍ୱର, ୧୪/୫ (ନି.ପ୍ର): ବହୁଜନ ସମାଜ ପାର୍ଟିର ଗତ ୧୨ ତାରିଖ ସନ୍ଧ୍ୟା ୬ଟାରେ ଆମ୍ବେଦକର ଭବନଠାରେ ମହାକାରୁଣିକ ଗୌତମ ବୁଦ୍ଧଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ପାର୍ଟିର ବହୁ କର୍ମକର୍ତ୍ତା ଯୋଗ ଦେଇ ନିଜନିଜର ବକ୍ତବ୍ୟ ରଖିଥିଲେ । ବି.ଏସ୍.ପି. ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ ବୁଦ୍ଧଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କହିଥିଲେ, "ଗୌତମ ବୁଦ୍ଧଙ୍କ ଜନ୍ମ ସମୟରେ ଭାରତ ଏପରି ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ପରିପୂର୍ଣ୍ଣ ଥିଲା, ଜନସମୁଦାୟଙ୍କୁ ସମସ୍ତ ପ୍ରକାର ଜ୍ଞାନରୁ ବଞ୍ଚିତ କରାଯାଇଥିଲା । ଏଭଳି ଏକ ସମୟରେ ବୁଦ୍ଧଙ୍କ ବିଚାର ମଣିଷ ସମାଜକୁ ଆଲୋକ ଦେଖାଇଛି । ତାଙ୍କର ବିଚାର (ପ୍ରଜ୍ଞା, ଶୀଳ, କରୁଣା) ସମଗ୍ର ବିଶ୍ୱରେ ଆଦୃତ ଓ ସମ୍ମାନିତ ହୋଇଛି । ତାଙ୍କ ଦ୍ୱାରା ସ୍ଥାପିତ ଧମ୍ମ ବୌଦ୍ଧ ଧମ୍ମ ନାମରେ ପରିଚିତ । ଏହି ଧମ୍ମ ମାନବତାବାଦୀ, ତର୍କ ଆଧାରିତ ତଥା ଜ୍ଞାନ ବିଜ୍ଞାନ ସମ୍ମତ ଅଟେ । ବିଶିଷ୍ଟ ସମାଜସେବୀ ଆଲୋକ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ବୌଦ୍ଧ ବିଚାରରେ କୌଣସି ଅଲୌକିକ ଶକ୍ତି, ସ୍ୱର୍ଗ, ନର୍କ, ଭାଗ୍ୟ, ଭଗବାନଙ୍କୁ ଗୁରୁତ୍ୱ ଦିଆଯାଇନଥାଏ । ବରଂ ମଣିଷକୁ ତଥା ତା'ର ଶ୍ରେଷ୍ଠ ଗୁଣଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଏହି ମହାନ ବିଚାର ଭାରତରୁ ଉଦ୍ଭବ ହୋଇ ସମଗ୍ର ବିଶ୍ୱରେ ପ୍ରଚାରିତ ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ଏହି ବିଚାରଠାରୁ ଦୂରେଇ ଆଜି ଦେଶରେ ଘୃଣା, ଦ୍ୱେଷ, ହିଂସା, ପରଶ୍ରୀକାତରତା, ହୀନମନ୍ୟତା ଆଦି ବିସ୍ତାରିତ ହେଉଛି । ଫଳରେ ଦେଶ ଧୀରେଧୀରେ ନିମ୍ନାଭିମୁଖୀ ହୋଇ ମଣିଷପଣିଆ ହରେଇଚାଲିଛି । ବିଶିଷ୍ଟ କବି ସନ୍ନ୍ୟାସୀ ପାତ୍ର ନିଜ ବକ୍ତବ୍ୟରେ କହିଥିଲେ ବୁଦ୍ଧଙ୍କ ବିଚାରକୁ ଯେଉଁ ଦେଶ ଆପଣେଇଛି ସେ ଦେଶ ବିଶ୍ୱରେ ଶ୍ରେଷ୍ଠ ରୂପେ ପରିଗଣିତ ହୋଇଛି । ଏଣୁ ଆଜି ଏଠାରେ ଉପସ୍ଥିତ ହୋଇଥିବା ବୁଦ୍ଧଙ୍କ ସମସ୍ତ ଅନୁଗାମୀ ପ୍ରତିଜ୍ଞାବଦ୍ଧ ହୋଇ ସମତା, ସ୍ୱତନ୍ତ୍ରତା, ବନ୍ଧୁତା, ନ୍ୟାୟ, ଦୟା, କରୁଣା ଓ ପ୍ରଜ୍ଞା ଭଳି ଗୁଣର ଅଭ୍ୟାସ କରି ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଢ଼ିବା ସହିତ ସମଗ୍ର ବିଶ୍ୱରେ କିପରି ଶାନ୍ତି ପ୍ରତିଷ୍ଠା ହୋଇପାରିବ ସେଥିପାଇଁ ଚେଷ୍ଟା କରିବା । ସଭାସ୍ଥଳ 'ବୁଦ୍ଧଂ ଶରଣଂ ଗଚ୍ଛାମି', 'ସଂଘଂ ଶରଣଂ ଗଚ୍ଛାମି', 'ଧମ୍ମଂ ଶରଣଂ ଗଚ୍ଛାମି' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ଏହି ଜୟନ୍ତୀ କାର୍ଯ୍ୟକ୍ରମକୁ ସଫଳ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବଶ୍ରୀ ବିହାରୀ ଲାଲ୍ ମାଝୀ, ବ୍ରଜ ମୋହନ ମାଝୀ, ସରୋଜ ବେହେରା, ଦିଲ୍ଲୀପ ମାଝୀ, ଅଭିମନ୍ୟୁ ଦାସ, ତିଲୋତ୍ତମା ସେଠୀ ଓ ଜୟନ୍ତୀ ବେହେରା ଅନ୍ୟତମ । ସର୍ବଶେଷରେ ନେତ୍ରୀ ଆରତୀ ମାଝୀ ସମସ୍ତଙ୍କୁ 'ନମଃ ବୁଦ୍ଧାୟ' କହି ଧନ୍ୟବାଦ ଦେଇଥିଲେ ।

# ରାଉରକେଲା ଇସ୍ପାତ କାରଖାନାରେ ପ୍ରଥମ ବ୍ୟାଚ୍ ଅବକାଶ କାଳୀନ ତାଲିମ ଆରମ୍ଭ

ରାଉରକେଲା , ୧୪/୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ରେ ସ୍ନାତକ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ଅବକାଶକାଳୀନ ତାଲିମ- ୨୦୨୫ ପ୍ରଥମ ବ୍ୟାଚ୍ ପ୍ରଶିକ୍ଷଣ ମଇ ୧୨ତାରିଖରେ ଏଲ ଆଣ୍ଡ ଡ଼ି ବିଭାଗର ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସହିତ ଆରମ୍ଭ ହୋଇଛି । ଉଲ୍ଲେଖନୀୟ ଯେ, ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ଇଞ୍ଜିନିୟରିଂ କଲେଜର ୩୫୦ଜଣ ଛାତ୍ରଛାତ୍ରୀ ଇସ୍ପାତ ନିର୍ମାଣର ସୂକ୍ଷ୍ମକଳା ଶିଖିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଏହି ତାଲିମରେ ଯୋଗ ଦେଇଛନ୍ତି । ଏହାର ଉଦଘାଟନୀ ଅଧିବେଶନରେ ଏଲ ଆଣ୍ଡ ଡ଼ି ବିଭାଗର ସିଜିଏମ ଶ୍ରୀ ପି କେ ସାହୁ ଅଧକ୍ଷତା କରିଥିଲେ । ଏହି ଅବସରରେ ଏଲ ଆଣ୍ଡ ଡ଼ି ବିଭାଗର ଜିଏମ ଶ୍ରୀମତୀ ଚୈତାଳୀ ଦାସ ଉପସ୍ଥିତ ଥିଲେ ।

ସମନ୍ୱିତ ଇସ୍ପାତ କାରଖାନାର କାର୍ଯ୍ୟଧାରା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ପରିଚିତ କରାଇବା ଏବଂ ତାଲିମ କାର୍ଯ୍ୟକ୍ରମ ସମୟରେ ଗ୍ରହଣ କରିବାକୁ ଥିବା ଆବଶ୍ୟକୀୟ ସୁରକ୍ଷା ସତର୍କତା ବିଷୟରେ ଅବଗତ କରାଇବା ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ।

ଏହି ଏକଦିନିଆ ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥାପନା ଏବଂ ଅଡିଓ-ଭିଜୁଆଲ୍ ମାଧ୍ୟମରେ ଆରଏସପିର ଐତିହାସିକ ଦୃଷ୍ଟିକୋଣ, ପ୍ରକ୍ରିୟା ପ୍ରବାହ, ଉତ୍ପାଦ ଏବଂ ସୁରକ୍ଷା ନିୟମ ଏବଂ ମାର୍ଗଦର୍ଶିକା ବିଷୟରେ ଅବଗତ କରାଯାଇଥିଲା । ପ୍ରଶିକ୍ଷାର୍ଥୀମାନଙ୍କୁ ଏକ ନିବିଡ଼ ଅଭିଜ୍ଞତା ଦେବା ପାଇଁ, ଏକ ଭିଆର ଫିଲ୍ମ ମାଧ୍ୟମରେ ସମନ୍ୱିତ ଇସ୍ପାତ କାରଖାନାର ସମ୍ପୂର୍ଣ୍ଣ ଉତ୍ପାଦନ ଶୃଙ୍ଖଳର ଏକ ଡିଜିଟାଲ୍ ପଦଯାତ୍ରା ପ୍ରଦର୍ଶନ କରାଯାଉଛି । ଏହାପରେ ସେମାନଙ୍କୁ ବିଭିନ୍ନ ବିଭାଗ ସହିତ ସଂଲଗ୍ନ କରାଯାଇଥିଲା ଯେଉଁଠାରେ ସେମାନେ କାର୍ଯ୍ୟ ଶିଖିପାରିବେ ଏବଂ ସେମାନଙ୍କ ଗାଇଡଙ୍କ ଅଧୀନରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିପାରିବେ । ଏଲ ଆଣ୍ଡ ଡ଼ି ବିଭାଗର ଡ଼ିଜିଏମ ଶ୍ରୀ କେ କେ ଜୟଶ୍ୱାଲ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡେପୁଟି ମ୍ୟାନେଜର ଶ୍ରୀ ଏସ କେ ସୁକୁଲା ସାମଗ୍ରିକ କାର୍ଯ୍ୟକ୍ରମ ସମନ୍ୱୟ କରିଥିଲେ ।

ଉଲ୍ଲେଖଯୋଗ୍ୟ, ପ୍ରତି ଗ୍ରୀଷ୍ମଋତୁରେ ଇସ୍ପାତ କାରଖାନାର କର୍ମଚାରୀମାନଙ୍କ ସମ୍ପର୍କୀୟ ଇଞ୍ଜିନିୟରିଂ ପାଠ୍ୟରତ ବିଭିନ୍ନ ବ୍ରାଞ୍ଚର ଶହଶହ ଛାତ୍ରଛାତ୍ରୀ ପ୍ଲାଣ୍ଟ ଦ୍ୱାରା ପ୍ରଦାନ କରାଯାଉଥିବା ଅବକାଶକାଳୀନ ତାଲିମରେ ଯୋଗ ଦେଇଥାନ୍ତି ଏବଂ ଇସ୍ପାତ ତିଆରିର ସୂକ୍ଷ୍ମକଳା ସମ୍ବନ୍ଧରେ ଶିକ୍ଷାଲାଭ କରିଥାନ୍ତି । କେବଳ ଓଡ଼ିଶା ନୁହେଁ ବରଂ ସାରା ଦେଶରୁ ଛାତ୍ରଛାତ୍ରୀମାନେ ସେମାନଙ୍କର ଇଣ୍ଟର୍ନସିପ୍ ର ଏକ ଅଂଶ ଭାବରେ ଏହି ପାଠ୍ୟକ୍ରମରେ ଯୋଗ ଦିଅନ୍ତି । ଏକ ବିଶାଳ ସମନ୍ୱିତ ଇସ୍ପାତ କାରଖାନାର ବୈଷୟିକ ଏବଂ କାର୍ଯ୍ୟକାରିତା ସହିତ ପରିଚିତ ହେବା ଛାତ୍ରଛାତ୍ରୀମାନଙ୍କର ମାନସିକ ଦିଗନ୍ତକୁ ବିସ୍ତାର କରିବା ସହ ଅନେକ ଉପାୟରେ ସେମାନଙ୍କର ଦୃଷ୍ଟିକୋଣକୁ ମଧ ଆକାର ଦେଇଥାଏ ।

ବହୁ ସଂଖ୍ୟକ ଆବେଦନକାରୀଙ୍କ ଆଗମନକୁ ଦୃଷ୍ଟିରେ ରଖି, ତାଲିମକୁ ତିନୋଟି ବ୍ୟାଚରେ ପରିଚାଳନା କରିବାକୁ ସ୍ଥିର କରାଯାଇଛି । ପାଠ୍ୟକ୍ରମର ଆବଶ୍ୟକତା ଉପରେ ନିର୍ଭର କରି ତାଲିମ ଅବଧି ୧୫ ରୁ ୪୫ ଦିନ ପର୍ଯ୍ୟନ୍ତ ରହିବ ।


## ଏସ୍. ଇ. ରେଳବାଇ - ଟେଣ୍ଡର

**ଟେଣ୍ଡର ନୋଟିସ୍ ନମ୍ବର: (i)114-ELC-G-KGP-25-26-02, (ii) 114-ELC-G-KGP-25-26-04,** ତାରିଖ-୧୩.୦୫.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଇଇ/ଜି/ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ **୧୨.୦୦ ଘଣ୍ଟା** ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି। କ୍ରମାଙ୍କ-(i)। **କାର୍ଯ୍ୟର ବର୍ଣ୍ଣନା:** ଡିଆରଏମ ବିଲ୍ଡିଂ ଖଡ଼ଗପୁରର ଇଞ୍ଜିନିୟରିଂ ବିଭାଗର ଦୁଇଟି ହଲରେ ଏୟାର କଣ୍ଡିସନିଂ ଯୋଗାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ୧,୫୪,୯୯,୯୬୪. ୪୯। **ବିଡ୍ ସୁରକ୍ଷା/ ଇ.ଏମ୍.ଡି.:** ୨,୨୭,୫୦୦। **ଏସ୍ଆଇ.ନଂ.-(ii)। କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନରେ LC ନମ୍ବର PH-18, PH-23, PH-46, PH-55, PH-59, TD-10 ଏବଂ TD-35; ଅଧିକ ପୁରୁଣା ୯ ଟି ଇଲେକ୍ଟ୍ରିକ୍ ଲିଫ୍ଟିଂ ବାରିଅର ଏବଂ ELB ର ବିଭିନ୍ନ ଅଂଶରେ RDSO ଅନୁମୋଦିତ IPS ସହିତ ବିଦ୍ୟୁତ୍ ଯୋଗାଣ ଉପକରଣ ବଦଳାଇବା ପାଇଁ ବୈଦ୍ୟୁତିକ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ୬୧,୮୯,୭୯୭.୪୨। **ବିଡ୍ ସିକ୍ୟୁରିଟି/ ଇ.ଏମ୍.ଡି.:** ୧,୨୩,୮୦୦। **ଖୋଲିବାର ତାରିଖ:** ୦୪.୦୬.୨୦୨୫ (କ୍ରମାଙ୍କ (i) ଏବଂ (ii) ପାଇଁ)। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** କୌଣସି (କ୍ରମାଙ୍କ (i) ଏବଂ (ii) ପାଇଁ) ନାହିଁ। **ସମାପ୍ତି ଅବଧି:** ଗ୍ରହଣ ପତ୍ର ପ୍ରଦାନ ତାରିଖରୁ ୦୬ ମାସ (କ୍ରମାଙ୍କ (i) ପାଇଁ) ଏବଂ ୦୯ ମାସ ଥକ୍ରମାଙ୍କ (ii) ପାଇଁ)। **ଦାଖଲ ତାରିଖ:** ୦୪.୦୬.୨୦୨୫ (କ୍ରମାଙ୍କ (i) ଏବଂ (ii) ପାଇଁ) ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ **www.ireps. gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ଟିପ୍ପଣୀ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବରେ **www.ireps. gov.in** ପରିଦର୍ଶନ କରିପାରିବେ।

(PR-157)


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟ କ୍ୟାବିନେଟର ...

ମମତା ଯୋଜନାରେ ହିତାଧିକାରୀ ବୟସ ୧୯ ବର୍ଷ ଓ ତାଠାରୁ ଅଧିକ ଥିଲା ଏବେ ୧୮ ବର୍ଷ ୭ ମାସରୁ ୫୫ ବର୍ଷ ଧାର୍ଯ୍ୟ କରାଯାଇଛି। ଗୋଟିଏ ବର୍ଷ ପ୍ରସବ ପୂର୍ବ ଯାଞ୍ଚ ପରେ ମିଳିବ ପ୍ରଥମ କିସ୍ତି। କନ୍ୟା ସନ୍ତାନ ପାଇଁ ମିଳିବ ୧୨ ହଜାର ଟଙ୍କା। ପୁତ୍ର ସନ୍ତାନ ପାଇଁ ୧୦ ହଜାର ଟଙ୍କା। କେନ୍ଦୁଝର ଜିଲ୍ଲାରେ ଧରଣୀଧର ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ପାଇଁ ଜମି ଲିଜ ଆକାରରେ ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଯଶିପୁର ବ୍ଲକରେ ବ୍ୟାରେଜ ନିର୍ମାଣ ହେବ। ଏଥି ପାଇଁ ୯୭କୋଟି ଟଙ୍କାର ଟେଣ୍ଡର ପ୍ରଦାନ କରାଯାଇଛି। ଆଗାମୀ ୩୦ ମାସ ମଧ୍ୟରେ ସରିବ ପ୍ରକଳ୍ପର ନିର୍ମାଣ କାମ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୬୯୫୦ ଏକର ଜମିକୁ ପାଇପଲାଇନରେ ଜଳ ପ୍ରଦାନ କରାଯାଇପାରିବ। ବିଭିନ୍ନ ପଦବିରେ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ୨୦୨୨ ନିୟମାବଳୀ ସଂଶୋଧନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପାରାଦୀପରେ ୨୧ ପାକିସ୍ତାନୀ...

ଭାରତ ସହ ତିକ୍ତତା ଭିତରେ ଜାହାଜରେ ଆସିଥିବା ୨୧ ପାକିସ୍ତାନୀ ନାଗରିକଙ୍କର ପ୍ରକୃତ ପରିଚୟ କଣ ? ଜଳପଥ ଦେଇ ପାରାଦୀପ ଉପକୂଳ ଯାଏଁ ଆସି ପହଞ୍ଚିଥିବା ଜାହାଜରେ ଏମାନଙ୍କ ଭୂମିକା କ'ଣ ? ତାକୁ ନେଇ ବଢ଼ିଛି ଚର୍ଚ୍ଚା। ଏହି ଜାହାଜ ହେଉଛି ହଂକଂ ଫ୍ଲାଗସିପର MT SIREN-2। ସାଉଥ୍ କୋରିଆରୁ କ୍ରୁଡ୍ ଅଏଲ୍ ଧରି ସିଂଗାପୁର ହୋଇ ପହଞ୍ଚିଛି ପାରାଦୀପରେ। ଜାହାଜରେ ଅଛନ୍ତି ମୋଟ୍ ୨୫ ଜଣ କ୍ର୍ୟୁ ମେମ୍ବର। ତା ମଧ୍ୟରୁ ଭାରତର ୨ ଜଣ, ଶ୍ରୀଲଙ୍କା ଓ ଇଥିଓପିଆର ଜଣେ ଲେଖାଏଁ ନାଗରିକ ଥିବାବେଳେ ୨୧ ଜଣ ହେଉଛନ୍ତି ପାକିସ୍ତାନୀ ନାଗରିକ। ଏ ସଂପର୍କରେ ସିପ୍ ମାଷ୍ଟର ତଥା ଜାହାଜର କ୍ୟାପଟେନ୍ କଷ୍ଟମ୍ ଏବଂ ଇମିଗ୍ରେସନ୍ ବିଭାଗକୁ ସେଲ୍ଫ ଡିକ୍ଲାରେସନ ଦେବା ପରେ ସୃଷ୍ଟି ହୋଇଛି ଆଲୋଡନ। ସଂପୃକ୍ତ ପାକ୍ ନାଗରିକଙ୍କୁ ଜାହାଜରୁ ବାହାରିବାକୁ ବାରଣ କରାଯିବା ସହ ସମୁଦ୍ର ତଟ ଏବଂ ସମୁଦ୍ର ଭିତରେ କଡ଼ା ନଜର ରଖିଛି କୋଷ୍ଟ ଗାର୍ଡ, ମେରାଇନ ପୁଲିସ ଏବଂ ସିଆଇଏସ୍ଏଫ୍। ମେ' ୭ ତାରିଖରେ ସିଙ୍ଗାପୁର ଛାଡ଼ିଥିବା ଏହି ବିରାଟକାୟ ଜାହାଜ ଲଙ୍ଗର ପକାଇଛି ପାରାଦୀପ ସମୁଦ୍ର କୂଳଠାରୁ ୨୦-୨୫ କିଲୋମିଟର ଦୂରରେ। ଯେଉଁଥିରେ ରହିଛି ୨ ଲକ୍ଷ ମେଟ୍ରିକ ଟନ୍ ଅଶୋଧିତ ତୈଳ।

### ଓଡ଼ିଶାରେ ବିକଶିତ ହେଲା ...

ଏହି କାଉଣ୍ଟର-ଡ୍ରୋନ୍ ସିଷ୍ଟମର ମାଇକ୍ରୋ ରକେଟ୍ ଓଡ଼ିଶାର ଗୋପାଳପୁରର ସିୱାର୍ଡ ଫାୟାରିଂ ରେଞ୍ଜରେ ସଫଳତାର ସହ ପରୀକ୍ଷଣ କରାଯାଇଛି। ଡ୍ରୋନ ଆଟାକକୁ ଏହା ମୁକାବିଲା କରିବାରେ ବେଶ ସହାୟକ ହେବ। ଡ୍ରୋନ ସ୍ୱାର୍ମସକୁ ସଫଳତାର ସହ ମୁକାବିଲା କରିବା ପାଇଁ ଏହି ଅସ୍ତ୍ରକୁ ଡିଜାଇନ କରାଯାଇଛି। ଏହା ସ୍ୱଳ୍ପ ମୂଲ୍ୟରେ ନିର୍ମାଣ କରାଯାଇଥିବା ବେଳେ ଡ୍ରୋନକୁ ଧ୍ୱଂସ କରିବାରେ ଏହାର ସଫଳତା ବେଶ ପ୍ରଶଂସନୀୟ। ୨.୫ କି.ମି ରେଞ୍ଜରେ ଥିବା ସମସ୍ତ ଡ୍ରୋନକୁ ଧ୍ୱଂସ କରିବାର କ୍ଷମତା ଏହି ଭାର୍ଗବାସ୍ତ୍ର ନିକଟରେ ରହିଛି।

### ଏବେ ଓଡ଼ିଶାକୁ ନାହିଁ ...

ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଘଡ଼ଘଡ଼ି ବର୍ଷା ସହ କିଛି ସ୍ଥାନରେ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲି ୪ଟି ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତିରେ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଛି। ଅନ୍ୟପଟେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କଲବଲ କରିବ ତାତି। ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ଯାଏ ବୃଦ୍ଧି ପାଇବାର ସମ୍ଭାବନା ଥିବା କହିଛି ପାଣିପାଗ ବିଭାଗ।

### ଭାରତ ସହ ବେଇମାନୀ ...

ଠିକ୍ ସେତିକିବେଳେ ପାକିସ୍ତାନ ସହ ହାତ ମିଶାଇ ଭାରତ ପିଠିରେ ଛୁରି ଭୁଷୁଥିଲା ତୁର୍କୀ । ଏପ୍ରିଲ ୭, ୮ ଓ ୯ ତାରିଖରେ ପାକିସ୍ତାନ ସୀମା ଡେଇଁ ଭାରତ ଭିତରକୁ ଆକ୍ରମଣ ପାଇଁ ମାଡି ଆସୁଥିଲା ତୁର୍କୀ ନିର୍ମିତ ଆତ୍ମଘାତୀ ଡ୍ରୋନ୍ । ଏ ଯୁଦ୍ଧରେ ପାକିସ୍ତାନ ସେନା ୩୦୦ରୁ ୪୦୦ ସୋନଗର ଓ ୟାହିଆ ଡ୍ରୋନ୍ ବ୍ୟବହାର କରିଥିବା ସୂଚନା ମିଳିଛି । କେବେଳ ସେତିକି ନୁହେଁ, ଡ୍ରୋନର ପରିଚାଳନା ଓ ଉଡ଼ାଣ ପାଇଁ ଟେକନିସିଆନ୍ ବି ଯୋଗାଇ ଦେଇଥିଲା ତୁର୍କୀ । ହେଲେ ଭାରତୀୟ ସେନାର ଠିକଣା ଜବାବ ଓ ନିର୍ଭୁଲ ନିଶାନା ଯୋଗୁଁ ଅକାମୀ ହୋଇଥିଲା ତୁର୍କୀର ସବୁ ଡ୍ରୋନ । ଆଉ ନିହତ ହୋଇଥିଲେ ଦୁଇ ତୁର୍କୀ ଅପରେଟର । ଏ ଘଟଣା ଏବେ ସାମ୍ନାକୁ ଆସିବା ପରେ ଖୋଲିଯାଇଛି ତୁର୍କୀର ଅସଲ ଚେହେରା । ତେଣୁ ତୁର୍କୀ ସହ ସବୁ ସମ୍ପର୍କ ଛିନ୍ନ କରିବାକୁ ସବୁ ସ୍ତରରେ ଆରମ୍ଭ ହୋଇଛି ବିରୋଧ । ଭାରତ ଓ ତୁର୍କୀ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବେଶ୍ ପୁରୁଣା । କିନ୍ତୁ ଏବେର ଏ ବୟକଟ୍ ତୁର୍କୀ ଟ୍ରେଣ୍ଡ୍ ପରେ ଗୁରୁତର ପ୍ରଭାବିତ ହେବାକୁ ଯାଉଛି ଦ୍ୱିପାକ୍ଷିକ ବ୍ୟବସାୟିକ ସମ୍ପର୍କ । ଭାରତ, ତୁର୍କୀରୁ ସେଓ, ଡ୍ରାଇ ଫ୍ରୁଟ୍ସ, ମସଲା, ମାର୍ବଲ, ସୁନା, ଚୂନ ପଥର, ସିମେଣ୍ଟ ଓ ଖଣିଜ ସାମଗ୍ରୀ ଆଦି ଆମଦାନୀ କରୁଛି । ସେପଟେ ତୁର୍କୀ ଭାରତଠୁ ଖଣିଜ ଇନ୍ଧନ ଓ ତୈଳ ସହ ବୈଦ୍ୟୁତିକ ମେସିନ୍, ଗାଡ଼ି ଏବଂ ଗାଡ଼ି ଯନ୍ତ୍ରାଂଶ, ଅର୍ଗାନିକ କେମିକାଲ୍ସ, ଔଷଧୀୟ ସାମଗ୍ରୀ, ଲୁହା, ଷ୍ଟିଲ ଏବଂ ପ୍ଲାଷ୍ଟିକ ଭଳି ଅନେକ ସାମଗ୍ରୀ ଉପରେ ନିର୍ଭରଶୀଳ । ଉଭୟ ଦେଶ ମଧ୍ୟରେ ଗତ ଆର୍ଥିକ ବର୍ଷରେ ଭାରତ ତୁର୍କୀକୁ ୫.୩ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରିଥିବା ବେଳେ ୨.୮୪ ବିଲିୟନ ଡଲାର ସାମଗ୍ରୀ ଆମଦାନୀ କରିଛି । କିନ୍ତୁ ତୁର୍କୀ ସାମଗ୍ରୀକୁ ଏବେ ଭାରତୀୟମାନେ ପ୍ରତ୍ୟାଖାନ କରୁଥିବାରୁ ତୁର୍କୀରୁ ଆମଦାନୀ ଉପରେ ରୋକ୍ ଲଗାଇଛନ୍ତି ଭାରତୀୟ ବ୍ୟବସାୟୀ । ସେହିଭଳି ତୁର୍କୀ ଅର୍ଥନୀତିରେ ବଡ଼ ଭାଗୀଦାରୀ ରଖୁଥିବା ପର୍ଯ୍ୟଟନ ଶିଳ୍ପକୁ ବି ଝଟକା ଲାଗିଛି ।

### ପାଟଣାଗଡ଼ ପାର୍ସଲ ବୋମା...

ଓକିଲ ମିଶ୍ର କହିଥିଲେ। ସେପଟେ ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କ୍ରାଇମବ୍ରାଞ୍ଚ ଠିକ୍ ଭାବରେ ଏହି ମାମଲାର ତଦନ୍ତ କରିଛି। ଆଗକୁ ଆମେ ନ୍ୟାୟ ପାଇବୁ ବୋଲି ଗଣମାଧ୍ୟମ ସମ୍ମୁଖରେ ତାଙ୍କର ପ୍ରତିକ୍ରିୟା ରଖିଥିଲେ। ସୂଚନାନୁସାରେ, ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ବୃତ୍ତିଗତ ଶତ୍ରୁତାକୁ କେନ୍ଦ୍ରକରି ଅଧ୍ୟାପକ ପୁଞ୍ଜିଲାଲ ସେତେବେଳର କଲେଜ ଅଧକ୍ଷା ସଂଯୁକ୍ତ ସାହୁଙ୍କ ଘରକୁ ଏକ ପାର୍ସଲ ବୋମା ପଠାଇଥିଲେ। ରବୀନ୍ଦ୍ର ଓ ସଂଯୁକ୍ତାଙ୍କ ଏକମାତ୍ର ପୁଅ ସୋମ୍ୟଶେଖରଙ୍କ ବାହାଘର ୨୦୧୮ ଫେବୃଆରୀ ୧୭ରେ ହୋଇଥିଲା। ପୁଞ୍ଜିଲାଲ ବିବାହ ଉପହାର ଭାବେ କୋରିଅର ମାଧ୍ୟମରେ ଏହି ପାର୍ସଲ ଗିଫ୍ଟ ଦେଇଥିଲେ। ୨୩ ତାରିଖରେ ପାର୍ସଲ ଗିଫ୍ଟ ଖୋଲିବା ସମୟରେ ତାହା ବିସ୍ଫୋରଣ ଘଟିଥିଲା । ଏଥିରେ ସୋମ୍ୟଶେଖର ଓ ତାଙ୍କ ଜେଜେମା ଜେନାମଣିଙ୍କ ମୃତ୍ୟୁ ଘଟିଥିଲା। ନବବିବାହିତା ସ୍ତ୍ରୀ ରୀମାରାଣି ସାହୁ ଗୁରୁତର ହୋଇ ଦୀର୍ଘଦିନର ଚିକିତ୍ସା ପରେ ସୁସ୍ଥତା ଅନୁଭବ କରିଥିଲେ। ପ୍ରଥମେ ପାଟଣାଗଡ଼ ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ କ୍ରାଇମବ୍ରାଞ୍ଚ ଏଦିଗରେ ତଦନ୍ତ କରି ପୁଞ୍ଜିଲାଲଙ୍କୁ ମାମଲାର ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ସେହିଦିନଠାରୁ ପୁଞ୍ଜିଲାଲ ବଲାଙ୍ଗୀର ଜେଲରେ ବିଚାରାଧୀନ ଭାବରେ ରହିଆସୁଛନ୍ତି।

### 'ଅପରେସନ ସିନ୍ଦୂର' ପରେ ...

ଏୟାର ଡିଫେନ୍ସ ସିଷ୍ଟମ୍ ଏଚକ୍ୟୁ-୯, ପିଏଲ୍ ୧୫ ମିଜାଇଲ୍ ସହ ତୁର୍କୀ ପ୍ରଦତ୍ତ ମାଳ ମାଳ ସୋନଗାର ଓ ୟାହିଆ ଡ୍ରୋନ୍ । ମେଡ୍ ଇନ୍ ଇଣ୍ଡିଆ ଯୁଦ୍ଧାସ୍ତ୍ରର ପରାକ୍ରମ ଆଗରେ ସବୁ ଫେଲ । ଚୁଟ୍‌କିରେ ଚୁରି ହୋଇଯାଇଛି ଶତ୍ରୁ ରାଷ୍ଟ୍ର ସମେତ ବହୁ ବିଦେଶୀ ରାଷ୍ଟ୍ରର ଅସ୍ତ୍ରକୁ ନେଇ ଥିବା ସବୁ ଦମ୍ଭ । ଆକାଶ, ବ୍ରହ୍ମୋସ୍ ଭଳି ବଡ଼ ମିଜାଇଲ୍ ନୁହଁନ୍ତି ଏଲ୍ ୭୦ ଏସ୍, ଜେଡ୍ ୟୁ ୨୩ ଏସ୍, ଏଲଏମ୍‌ଜିଏସ୍ ଓ ସିଲକାର ପରାକ୍ରମକୁ ନେଇ ବି ସାରା ଦୁନିଆରେ ଚର୍ଚ୍ଚା । ଅପରେସନ୍ ସିନ୍ଦୂରରେ ଆମ ସେନା ଖାଲି ଆତଙ୍କୀଙ୍କୁ ନିପାତ୍ କରିନି, ଶତ୍ରୁ ପକ୍ଷର ପ୍ରତିଟି ଆକ୍ରମଣକୁ ପ୍ରତିହତ କରି ବିଶ୍ୱକୁ ଆମ ମେଡ୍ ଇନ୍ ଇଣ୍ଡିଆ ଅସ୍ତ୍ରଶସ୍ତ୍ରର ଶକ୍ତି ବି ଦେଖାଇଛି । ସେଇଥି ପାଇଁ ବିଶ୍ୱ ଅସ୍ତ୍ରବଜାରରେ ଏବେ ଭାରତୀୟ ଯୁଦ୍ଧାସ୍ତ୍ରର ପ୍ରବଳ ଡିମାଣ୍ଡ। ତେଣୁ ପିଏମ୍ ମୋଦି ମଧ ସ୍ପଷ୍ଟ ଇଙ୍ଗିତ କରିଛନ୍ତି ଯେ ଏବେ ଆମ ଯୁଦ୍ଧାସ୍ତ୍ରର ସମୟ । କେବଳ ଅପରେସନ୍ ସିନ୍ଦୂର ନୁହେଁ ପାକିସ୍ତାନ ବିରୋଧରେ ପୂର୍ବର ଏୟାର ଷ୍ଟ୍ରାଇକ୍ ଓ ସର୍ଜିକାଲ୍ ଷ୍ଟ୍ରାଇକରେ ବି ତାକତକୁ ଦେଖି ଭାରତ ଯୁଦ୍ଧାସ୍ତ୍ର ପାଇଁ ଲାଇନ୍ ଲାଗିସାରିଛି । ଡିମାଣ୍ଡ ଏତେ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ହିଁ ଭାରତ ବିଭିନ୍ନ ରାଷ୍ଟ୍ରକୁ ରେକର୍ଡ ୨୩ ହଜାର ୬୨୨ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରିଛି ।

### ଭାରତକୁ ବିଏସଏଫ ଯବାନ...

ଏହି ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଯାଇଥିଲା ଏବଂ ପାକିସ୍ତାନ ପକ୍ଷରୁ ପ୍ରବଳ ଗୁଳିବର୍ଷଣ ହୋଇଥିଲା। ପରେ ଦୁଇ ଦେଶ ମଧ୍ୟରେ ସିଜ୍‌ଫାୟର୍ ହେବା ପରେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇଛି । ଅନେକ ବୈଠକ ଓ ଭାରତୀୟ ଅଧିକାରୀମାନଙ୍କ ହସ୍ତକ୍ଷେପ ପରେ ବୁଧବାର ସକାଳେ ଅମୃତସର ସ୍ଥିତ ଅଟାରୀର ଯୁଗ୍ମ ଚେକ୍ ପୋଷ୍ଟ ଜରିଆରେ ପୁରନମ କୁମାର ସାଙ୍କୁ ଭାରତକୁ ହସ୍ତାନ୍ତର କରାଯାଇଛି। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଓ ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମ୍ପନ୍ନ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ, ଦୁଇ ଦେଶର ସୀମା ଉପରେ ସୁରକ୍ଷା ଏଜେନ୍ସିମାନଙ୍କ ମଧ୍ୟରେ ଥିବା ସମନ୍ୱୟ ଦ୍ୱାରା ଏହି କାମ ସମ୍ଭବ ହୋଇପାରିଛି।

### ଜମ୍ମୁ-କାଶ୍ମୀରରେ ...

ଅନୁସାରେ କୌଣସି ଏକ ବଡ ଆକ୍ରମଣ ପାଇଁ ଯୋଜନା କରୁଥିଲେ ୩ ଆତଙ୍କୀ । ତେବେ ସମୟ ଥାଉ ଥାଉ ଏମାନଙ୍କୁ ନିପାତ କରିଛି ସେନା । ତିନିଜଣ ଆତଙ୍କୀ ସୋପିଆନ ଅଞ୍ଚଳର ଓ ସେମାନଙ୍କ ବୟସ ୧୯ରୁ ୨୩ ବର୍ଷ ମଧ୍ୟରେ ରହିଥିଲା । ସୂଚନା ଅନୁସାରେ ଏହି ସବୁ ଆତଙ୍କୀମାନେ ଗତ ଦୁଇରୁ ୩ବର୍ଷ ମଧ୍ୟରେ ଲସ୍କର ଏ ତୋୟବାରେ ଯୋଗ ଦେଇଥିଲେ । ପାକିସ୍ତାନରୁ ତାଲିମ ନେଇ ଫେରିବା ପରେ ବିଭିନ୍ନ ଆତଙ୍କୀ କାର୍ଯ୍ୟକଳାପରେ ଲିପ୍ତ ଥିଲେ ।

# ସିବିଏସଇ ପରୀକ୍ଷାରେ ଆଦର୍ଶ ଓ ଏକଲବ୍ୟ ଛାତ୍ରଛାତ୍ରୀଙ୍କ ସଫଳତା

ନୀଳଗିରି : ଚଳିତବର୍ଷର ସିବିଏସଇ ଦଶମ ରେଜଲ୍ଟ ପ୍ରକାଶ ପାଇଥିବା ବେଳେ ନୀଳଗିରି ବ୍ଲକ୍ ଜାମୁଡ଼ିହା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ୯୮.୭୨ପ୍ରତିଶତ ପାସହାର ବିଦ୍ୟାଳୟ ପାଇଁ ସୁନାମ ଆଣିଛି। ୧୧ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଛାତ୍ରୀ ଅଙ୍କିତା ବାରିକ ୪୮୭ନମ୍ବର ରଖି ବିଦ୍ୟାଳୟ ଟପର ହୋଇଛନ୍ତି। ଛାତ୍ରୀ ସଂଚିତା ସାହୁ ୪୮୧, ଲଳିତ ରାଉତ ୪୭୬, ଚିରଞ୍ଜିବୀ ପାତ୍ର ୪୭୨, ଜ୍ଞାନେଶ ମହାପାତ୍ର ୪୭୨, ଭବାନୀଶଙ୍କର ବେହେରା ୪୭୦ନମ୍ବର ରଖି ପିତାମାତାଙ୍କ ସମେତ ବିଦ୍ୟାଳୟର ସୁନାମ ଆଣିଛନ୍ତି। ଅନୁରୂପ ଭାବେ ବରହମପୁର ସାଳଡହର ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ୭୨.୨୨ପ୍ରତିଶତ ପାସହାର ହୋଇଥିବା ବେଳେ ବରହମପୁର ମହାପାତ୍ରସାହି ମାର୍ତ୍ତଣ୍ଡ ମହାପାତ୍ର ଏବଂ ମାଆ ସତ୍ୟବତୀଙ୍କ କନ୍ୟା ଶ୍ରାବଣୀ ମହାପାତ୍ର ୯୨.୦୨ପ୍ରତିଶତ ନମ୍ବର ବିଦ୍ୟାଳୟ ଟପର ହୋଇଛନ୍ତି। ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ଛାତ୍ରୀ ଶ୍ରାବଣୀ କହିଛନ୍ତି। ସେହିପରି ଛାତ୍ରୀ ପ୍ରଜ୍ଞା ପାରମିତା ବେହେରା ୮୮.୦୪ପ୍ରତିଶତ ଏବଂ ନିବେଦିତା ଦାସ ୮୭.୦୪ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।





# ବ୍ଲକ ଗୋଷ୍ଠି ଶିକ୍ଷାଅଧିକାରୀ ଓ ସହ ଗୋଷ୍ଠି ଶିକ୍ଷାଅଧିକାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



ବାଲିଆପାଳ , ୧୪/୫ (ନି.ପ୍ର): ବାଲିଆପାଳ ପୂର୍ବତନ ଗୋଷ୍ଠି ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନାଙ୍କ ପାଇଁ ସ୍ଥାନାନ୍ତର କାଳୀନ ଏବଂ ସହଗୋଷ୍ଠି ଶିକ୍ଷାଧିକାରୀ ମୀନାରାଣୀ ସାହୁଙ୍କ ପାଇଁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବାଲିଆପାଳ ଗୋଷ୍ଠି ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ଅଧକ୍ଷତା କରିଥିଲେ । ସଭା ପ୍ରାରମ୍ଭରେ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଜଗନ୍ନାଥ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶ୍ରୀ ଜେନା ଦୀର୍ଘ ୩ ବର୍ଷ ଏବଂ ଶ୍ରୀମତୀ ସାହୁ ଦୀର୍ଘ ୨ ବର୍ଷ ଧରି ବାଲିଆପାଳରେ କାର୍ଯ୍ୟରତ ରହି ଖୁବ ସୁନାମ ଅର୍ଜନ କରିଥିଲେ ବୋଲି ଏବିଇଓ ନମିତ୍ରାପ୍ରଭା ସାମଲ, ଆଦିତ୍ୟ କୁମାର ରାଉତ, ବିଶ୍ୱମ୍ବର ପାତ୍ର,ପ୍ରଭାତ ରଞ୍ଜନ ସାହୁ,ପୂର୍ଣ୍ଣେନ୍ଦୁ ଦାସ,ସୁଶାନ୍ତ କୁମାର ଗିରି,ଅତୁଲ କୁମାର ସାହୁ, ମୃତ୍ୟୁଞ୍ଜୟ ଦାସ, ମନୋରଞ୍ଜନ ଜେନା,ମାଧବାନନ୍ଦ ଦାସ ପ୍ରମୁଖ ଉଭୟଙ୍କୁ ପ୍ରଶଂସା କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ନିତାଇ ଚରଣ ରାଉଳ ସ୍ୱାଗତ ଅଭିଭାଷଣ ଏବଂ ସିଆରସିସି ବସନ୍ତ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଅଶୋକ କୁମାର ଗିରି ସୁଶାନ୍ତ କୁମାର ରାଉଳ,ଜୟାନନ୍ଦ ଗିରି,ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ଗୋଷ୍ଠି ଶିକ୍ଷାଧିକାରୀ କାର୍ଯ୍ୟାଳୟର ପ୍ରତାପ ଚନ୍ଦ୍ର ରାଜ୍, ଅଞ୍ଜନ କୁମାର ରାଜ, ଦେବଦ୍ୟୁତି ନନ୍ଦ, କମଳଲୋଚନ ବେହେରା, ଦେବବ୍ରତ ନାୟକ, ରାଜେଶ ପ୍ରଧାନ , ଚନ୍ଦନ କୁମାର ସେନାପତି, ସ୍ମିତିମୁକ୍ତା ରାଉତ, କାର୍ତ୍ତିକ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସମ୍ବାଦ ପରିବେଷଣ ପରର ଦୃଶ୍ୟ: ବିଦ୍ୟାଳୟରେ ନାମ ଲେଖାଇଲେ 'ଶାନ୍ତି'

ଉଦଳା , ୧୪/୫ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଭଜୁସାହିର ବାସିନ୍ଦା ଗୟ ହେମ୍ବ୍ରମଙ୍କ ୮ ବର୍ଷ ବୟସର କନ୍ୟା 'ଶାନ୍ତି' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିପାରିନଥିଲେ । 'ଶାନ୍ତି' ଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସେ ବିଦ୍ୟାଳୟରେ ନାମ ଲେଖାଇପାରିନଥିବାର କଥା ଅଭିଭାବକ ଗଣମାଧ୍ୟମକୁ ଜଣାଇଥିଲେ । ଚଳିତ ମଇ ୧୩ ତାରିଖ ମଙ୍ଗଳବାର ଦିନ ଏ ସମ୍ପର୍କରେ ଖବରକାଗଜରେ ସମ୍ବାଦ ପରିବେଷିତ ହୋଇଥିଲା । ପରେ କପ୍ତିପଦା ଶିକ୍ଷାବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା । ଶେଷରେ ସେହି ୧୩ ତାରିଖ ମଙ୍ଗଳବାର ଦିନ ମାଙ୍କଡ଼ପଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ଶାନ୍ତି' ଙ୍କର ନାମ ଲେଖା ଯାଇଥିବାର ଖବର ଆମର ହସ୍ତଗତ ହୋଇଛି । ଏ ବାବଦରେ ସେଠାରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାବୁରାମ ମୁର୍ମୁ ସୂଚନା ପ୍ରଦାନ କରିଛନ୍ତି ।

# ଘର ଭୁଶୁଡ଼ି ମୃତ୍ୟୁବରଣ କରିଥିବା ପରିବାରକୁ ସହାୟତା ପ୍ରଦାନ ପାଇଁ ପୂର୍ବତନ ବିଧାୟକଙ୍କ ଦାବି

ନୀଳଗିରି , ୧୪/୫ (ନି.ପ୍ର): କାଳବୈଶାଖୀରେ ଘର ଭୁଶୁଡି ମୃତ୍ୟୁବରଣ କରିଥିବା ରବି କିସ୍କୁଙ୍କ ପରିବାରକୁ ସହାୟତା ପାଇଁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଗତ ୧୨ତାରିଖ ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ଟିଲାସାହି ଗ୍ରାମର ରବି କିସ୍କୁଙ୍କ ଅସ୍ଥାୟୀ ଘର କାଳବୈଶାଖୀ ପ୍ରଭାବରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଅସ୍ଥାୟୀ ଛପର ଘରତଳେ ଥିବା କିସ୍କୁଙ୍କ ପରିବାର ଲୋକଙ୍କ ସମେତ ରବି କିସ୍କୁଙ୍କ ଉପରେ ଘରଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ରବିଙ୍କର ଗୋଡ଼, ହାତ, ଛାତି, ମେରୁଦଣ୍ଡରେ ଗଭୀର ଆଘାତ ଲାଗିବା ଯୋଗୁଁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ନୀଳଗିରି, ବାଲେଶ୍ୱର ଏବଂ ପରେ ଗୁରୁତର ହୋଇପଡିବାରୁ କଟକ ଏସସିବି ବଡ଼ମେଡ଼ିକାଲ ନେଇ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା କରାଯାଉଥିବା ବେଳେ ଗତ ୧୪ତାରିଖ ରାତି ପ୍ରାୟ ୧ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।ସ୍ୱର୍ଗତ ରବିଙ୍କର ବିଧବା ପତ୍ନୀଙ୍କ ସମେତ ତିନୋଟି ସନ୍ତାନ ଥିବା ଜଣାଯାଇଛି ।ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥାଭାବ ଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ପକ୍କାଘର ନିର୍ମାଣ କରିପାରି ନଥିବାରୁ ଅସହାୟ ପରିବାରବର୍ଗଙ୍କୁ ଥଇଥାନ କରିବା ସହ ଅନ୍ତେଷ୍ଟିକ୍ରିୟା ପାଇଁ ରାଜ୍ୟ ସରକାରଙ୍କ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବାଲେଶ୍ୱର ଜିଲ୍ଲାପାଳ ସମେତ ନୀଳଗିରି ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଚିଠିଲେଖି ଦଶାହକ୍ରିୟା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

# ସମାଜସେବୀ ଅସୀମ ସାରଙ୍କୁ ମିଳିଲା ଡକ୍ଟରେଟ ଉପାଧି



ବାରିପଦା, ୧୪/୫ (ନି.ପ୍ର): ନାଗପୁର ସ୍ଥିତ ଭାରତ ସରକାଙ୍କ ମାନ୍ୟତା ପ୍ରାପ୍ତ ସଂସ୍ଥା ଗ୍ଲୋବାଲ ଅନ୍ତର୍ଜାତୀୟ ଫାଉଣ୍ଡେସନ ଟିମ ଆନୁକୂଲ୍ୟରେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାରିପଦାର ଅସୀମ କୁମାର ଚକ୍ରବର୍ତ୍ତୀଙ୍କୁ ସଂସ୍ଥାର ଅଧକ୍ଷ ଡଃ ମନୀଷା ଠାକରେ ଓ ରାଷ୍ଟ୍ରୀୟ ଉପଦେଷ୍ଟା କମିଟିର ସଦସ୍ୟ ଡଃ ପ୍ରବୀଣ ଡୁଙ୍ଗରେ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି ଓ ପ୍ରକାଶ ଥାଉକି ଶ୍ରୀ ଚକ୍ରବର୍ତ୍ତୀ ଦୀର୍ଘ ବର୍ଷଧରି ହିନ୍ଦୀ ଭାଷାର ପ୍ରସାର ପ୍ରଚାର କ୍ଷେତ୍ରରେ ନିରବଛିନ୍ନ ଭାବେ କାର୍ଯ୍ୟ କରିଆସୁଛନ୍ତି ଓ ତାଙ୍କର ପ୍ରଚେଷ୍ଟାରେ ବହୁ ଯୁବକ /ଯୁବତୀ ଆଜି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି ଓ ରେଡକ୍ରସ ଓ ସ୍କାଉଟ ଗାଇଡ଼ର ସାଧନକର୍ମୀ ଭାବେ କାର୍ଯ୍ୟ କରି ବହୁ ଛାତ୍ରଛାତ୍ରୀଙ୍କୁ ସମାଜ ସେବାରେ ବ୍ରତୀ ହେବାପାଇଁ କାର୍ଯ୍ୟ କରିଛନ୍ତି ଓ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ନିଜେ ବହୁବାର ରକ୍ତଦାନ ଓ ବୃକ୍ଷରୋପଣ କରିବା ସହ ବିଭିନ୍ନ ଅନୁଷ୍ଠାନ ସହିତ ଯୋଡ଼ି ହୋଇ ଅନ୍ୟ ମାନଙ୍କୁ ରକ୍ତଦାନ ଓ ବୃକ୍ଷରୋପଣ କରିବା ପାଇଁ ଉତ୍ସାହିତ କରିଚାଲିଛନ୍ତି ଓ ଖବର ପାଇବା ପରେ ବହୁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ତରଫରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ଶ୍ରୀ ଚକ୍ରବର୍ତ୍ତୀ ବର୍ତ୍ତମାନ ଓଡିଶା ରାଷ୍ଟ୍ରଭାଷା ପରିଷଦ, ଜଗନ୍ନାଥଧାମ, ପୁରୀ ର ଉପସଭାପତି ଭାବେ ଅବସ୍ଥାପିତ।

## ଶିଶୁ ପୁତ୍ର ଅପହରଣ ଘଟଣା : ୨ ଘଂଟାରେ ଉଦ୍ଧାର କଲା ପୋଲିସ

ଭୁବନେଶ୍ୱର, ୧୪/୫ (ନି.ପ୍ର): ଭୁବନେଶ୍ୱରର ଭୋଇ ନଗରରୁ ଚାରି ବର୍ଷ ଶିଶୁ ପୁତ୍ର ଅପହରଣ ଘଟଣାରେ ସହିଦନଗର ଥାନା ପୋଲିସ ଓ ସ୍ପେଶିଆଲ ସ୍କ୍ୱାର୍ଡ ୨ ଘଂଟା ମଧ୍ୟରେ ଶିଶୁକୁ ଉଦ୍ଧାର କରିଛି। ଏହାସହ ସହିଦ ନଗର ଥାନା ପୋଲିସ ଅଭିଯୁକ୍ତ ଅଭିଷେକ ଦିଗଲକୁ ଗିରଫ କରିଛି। ଏସମ୍ପର୍କରେ ସୂଚନା ଦେଇ ପୋଲିସ କମିସନର ସୁରେଶ ଦେବ ଦତ ସିଂ କହିଛନ୍ତି ଅପହରଣକାରୀଙ୍କ ଅପହୃତ ଶିଶୁର ଧରମ ମାମୁଁ । ବାହାରକୁ ବୁଲେଇ ନେବାକୁ କହି ଧରମ ମାମୁଁ ସୋନୁ କୁମାର ଅପହରଣ କରିଥିଲେ। ସାଲିଆ ସାହିରୁ ଅପହୃତ ଶିଶୁକୁ ଉଦ୍ଧାର ସହ ଅଭିଯୁକ୍ତ ଗିରଫ କରାଯାଇଥିଲା। ୪ବର୍ଷର ଶିଶୁକୁ ଅପହରଣ ପରେ ଅଭିଯୁକ୍ତ ମୋବାଇଲ ସୁଇଚ ଅଫ କରିଦେଇଥିଲା। ମୋବାଇଲ ନମ୍ବର ଟ୍ରାକ କରି ଅଭିଯୁକ୍ତଙ୍କ ପାଖରେ ପହଂଚିଥିଲା ପୋଲିସ ।

# ବ୍ଲକ ଓ ତହସିଲ ମିଳିତ ଆନୁକୂଲ୍ୟରେ ୪୪ ଅଙ୍ଗନାୱାଡି ଗୃହ ନିର୍ମାଣ ଓ ମାର୍ଚ୍ଚ ମାସ କାଳ ବୈଶାଖି କ୍ଷୟକ୍ଷତିର ଆକଳନର ସମୀକ୍ଷା

ଜଳେଶ୍ୱର, ୧୪/୫ (ନି.ପ୍ର): ଜଳେଶ୍ୱର ବ୍ଲକ ସମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଏକ ଜରୁରୀ କାଳୀନ ସମୀକ୍ଷା ବୈଠକ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ୪୪ ଟି ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅର୍ଥ ଆସିଥିବା ବେଳେ ଆବାଦ ଯୋଗ୍ୟ ଅନାବାଦୀ ଜାଗା ନ ଥିବା ଓ ବିଭିନ୍ନ ପ୍ରତିବନ୍ଧକ ଯୋଗୁଁ ଜମି ଅଧିଗ୍ରହଣ ହୋଇ ପାରୁନାହିଁ ଓ ଗୃହ ନିର୍ମାଣ କାର୍ଯ୍ୟମଧ ହୋଇ ପାରୁନାହିଁ। ସେଥିନେଇ ୧୦ ଦିନ ମଧ୍ୟରେ ଜମି ଅଧିଗ୍ରହଣ କରାଯାଇ ସେ ବାବଦରେ ବ୍ଲକ ତହସିଲ ମିଳିତ ଭାବେ ଉନ୍ନୟନ ବିଭାଗ ଦ୍ୱାରା ସମୀକ୍ଷା କରା ଯାଇଥିଲା। ତତ ସହିତ ମାର୍ଚ୍ଚ ମାସରେ ହୋଇଥିବା କାଳ ବୈଶାଖୀ ଯୋଗୁଁ ରାଇବଣିଆ ଅଞ୍ଚଳର କେତେକ ଗ୍ରାମ ପଞ୍ଚାୟତ ଯଥା- ଖୁଦିଆମାଝୀସାହି, ଶ୍ରୀରାମପୁର, ମାକିଡ଼ିଆ, କାଳିକ, ସର୍ଦ୍ଦାରବନ୍ଧ, ରାଇବଣିଆ, ଓଲମରା, ଶ୍ୟାମନଗର ଓ ଦକ୍ଷିଣପ୍ରହାରାଜପୁର ଗ୍ରାମ ପଞ୍ଚାୟତର କ୍ଷୟକ୍ଷତିର ଆକଳନ ପାଇଁ ରାଜସ୍ୱ ନିରୀକ୍ଷକ ମାନଙ୍କୁ ବିଡିଓ ତଥା ତହସିଲଦାର ଗୌରାଙ୍ଗ ଚରଣ ଘୋଷ ପରାମର୍ଶ ଦେଇଥିଲେ।ଉକ୍ତ ବୈଠକରେ ଅତିରିକ୍ତ ତହସିଲଦାର ନିଧି ବେହେରା, ସିନିଅର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ପ୍ରଭାକର ଷଡଙ୍ଗୀ, ଏଡିଓ ପାୟଲ ସାହୁ, ବରିଷ୍ଠ ରାଜସ୍ୱ କିରାଣୀ ଶଶୀକାନ୍ତ ସିଂ ଓ ମାୟାବତୀ ମାଝୀ, ରାଜସ୍ୱ ପରିଦର୍ଶକ ଶରତ ବେହେରା ଓ ଗୋପାଳ ମାଝୀ, ରାଜସ୍ୱ ନିରୀକ୍ଷକ ଶ୍ରୀମନ୍ତ ସିଂ, ଶରତ ଭଞ୍ଜ, ରଞ୍ଜନ ପାଣି, ରଘୁନାଥ ପାତ୍ର, ଶିବ ଶଙ୍କର ସେନାପତି, ଦେବାଞ୍ଜନ ମହାନ୍ତି, ରାଜେଶ କୁମାର ଦେ ଓ ରାଧାକାନ୍ତ ଦେ, ବ୍ଲକ କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ପ୍ରଧାନ, ଗୌତମ ନାୟକ, ଅଶୋକ ପ୍ରସାଦ ମହାନ୍ତି, ଜେ ଆର ଦାସ ଅଧିକାରୀ, ସୁନନ୍ଦା ବେହେରା, ସବିତା ମାଝୀ, ଶୁଭସ୍ମିତା ବେହେରା, ସୁଶାନ୍ତ ପ୍ରଧାନ, ରଞ୍ଜନ ବିଶ୍ୱାଳ, ବିବି ବାରିକଙ୍କ ସହିତ ସମସ୍ତ ଗ୍ରାମ ପଞ୍ଚାୟତର ପିଇଓ, ଏଡିଡିଓ ଓ ସମସ୍ତ କୃଷି ଗ୍ରାମ ପଞ୍ଚାୟତ ଅଧିକାରୀ ମାନେ ଉକ୍ତ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

# ମହିୟସୀ ସମାଜସେବୀ ମହିଳା ସୁବାସିନୀ କମିଲାଙ୍କର ପରଲୋକ



ଜଳେଶ୍ୱର, ୧୪/୫ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚୋରମରା ଗ୍ରାମର ମହିୟସୀ ସମାଜସେବୀ ମହିଳା ସୁବାସିନୀ କମିଲାଙ୍କର ପରଲୋକ ହୋଇଛି । ସେ ଭୁବନେଶ୍ୱର ସ୍ୱର୍ଣ୍ଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ୧୩ତାରିଖ ରାତ୍ରି ୧୨.୫୦ରେ ମୃତ୍ୟୁ ବରଣ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା । ତାଙ୍କୁ ଚୋରମରା ଗ୍ରାମକୁ ଆଣି ଶବ ସତ୍କାର କରାଯାଇଥିଲା । ଶବ ଶୋଭାଯାତ୍ରାରେ ଶହ ଶହ ଗ୍ରାମବାସୀ ଯୋଗ ଦେଇଥିଲେ । ସେ ଏକ ପରୋପକାରୀ ଧାର୍ମିକ ମହିଳା ଥିଲେ । ତାଙ୍କର ସ୍ୱାମୀ ସ୍ୱର୍ଗତ ନରେନ୍ଦ୍ର ନାଥ କମିଲା ଚୋରମରା ଗ୍ରାମ ପଂଚାୟତର ସରପଞ୍ଚ ଥିଲେ । ତାଙ୍କ ବଡ଼ପୁଅ ଡ଼ଃ ସନ୍ତୋଷ କୁମାର କମିଲା ଓଡ଼ିଶାର ମୁଖ୍ୟ ମହାଡାକପାଳ ଓ ଡାକ ବୋର୍ଡ଼ ସଦସ୍ୟ, ନୂଆଦିଲ୍ଲୀ ଥିଲେ । ବଡବହୁ ବିଶିଷ୍ଟ ଗାୟିକା ପ୍ରଫେସର ମିତାଲି ଚିନାରା ଓ ବଡ ନାତି ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଂଶୁମାନ କମିଲା ପ୍ରମୁଖ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କ ମଝିଆଁ ପୁଅ ବ୍ୟବସାୟୀ ଓ ସମାଜସେବୀ ମନ୍ତୋଷ କୁମାର କମିଲା, ପୂର୍ବତନ ସରପଞ୍ଚ ପରିତୋଷ କମିଲା, ପୁତ୍ରବଧୂ ଚୋରମରା ସରପଞ୍ଚ ଇନ୍ଦିରା କମିଲା, ସାନ ପୁଅ ନାଲକୋ ଅଧିକାରୀ ଆଶୁତୋଷ କମିଲା, ଦୁଇ ଝିଅ ଜ୍ୱାଇଁ ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶ୍ରୀହରି କମିଲା, ସେଣ୍ଟ୍ରାଲ ସ୍କୁଲ ଶିକ୍ଷକ ନନୀଗୋପାଳ ରଣା, ଦିଅର ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ ଅବସର ପ୍ରାପ୍ତ ଅଧିକାରୀ ଅରୁଣକୁମାର କମିଳା ଓ ଅନେକ ଗ୍ରାମବାସୀ, ବନ୍ଧୁ ବାନ୍ଧବ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ । ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି କ୍ଷସ୍ୱର୍ଗତ ସୁବାସିନୀ କମିଲାଙ୍କ ମୃତ୍ୟୁରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେପି ନେତା ବ୍ରଜ ମୋହନ ପ୍ରଧାନ, ବିଜେପି ନେତ୍ରୀ ଆରତୀ ଦାସ, ଭଣଜା ତଥା ବିଜେପି ମିଡ଼ିଆ ସଂଯୋଜକ ସୁକୁମାର ରଣା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଦୁଇ ବାପା ମାଆ ଛେଉଣ୍ଡ ନାବାଳକ ଭାଇଙ୍କୁ ଭେଟିଲେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ



ଜଳେଶ୍ୱର, ୧୪/୫ (ନି.ପ୍ର): ବିଭିନ୍ନ ଗଣ ମାଧ୍ୟମରେ ଦୁଇ ବାପା ମାଆ ଛେଉଣ୍ଡ ନାବାଳକ ପିଲାଙ୍କ ବିଷୟରେ ଖବର ପ୍ରକାଶିତ ପରେ ଗତକାଲି ଅପରାହ୍ନ ୫ ଘଟିକା ସମୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଆରୁହା ଗ୍ରାମ ପଞ୍ଚାୟତ ସ୍ଥିତ ମଗା ପୋଖରୀ ପାଖରେ ସେମାନଙ୍କ ଘରେ ପହଞ୍ଚିଥିଲେ।ଏହା ଏକ ହୃଦୟ ବିଦାରକ ଘଟଣା ହୋଇ ଥିବାରୁ ବିଡିଓ ଶ୍ରୀଯୁକ୍ତ ଘୋଷ ଭାବବିହ୍ୱଳ ହୋଇ ପଡ଼ିଥିଲେ।ଦୁଇ ଭାଇଙ୍କୁ ବ୍ୟକ୍ତିଗତ ଭାବେ ଆର୍ଥିକ ସାହାଯ୍ୟ କରିବା ସହିତ ରେଡକ୍ରସରୁ ଅର୍ଥ ସାହାଯ୍ୟ ପାଇଁ ସେ ଚେଷ୍ଟିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଠାରେ ଆରୁହା ସରପଞ୍ଚ ତପନୀ ଭୂୟାଁ,ସମିତି ସଭ୍ୟା ମଧୁମିତା ମହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁ, ସମାଜସେବୀ ଶ୍ରିକଣ୍ଠ ମାହାନ୍ତି ତଥା ଅନ୍ୟାନ୍ୟ ଗ୍ରାମବାସି ଉପସ୍ଥିତ ଥିଲେ। ସେହିପରି ଉକ୍ତ ସମ୍ବେଦନଶୀଳ ଘଟଣା ଶୁଣି ଜଳେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ସକାଳ ୮ ଘଟିକା ସମୟରେ ଉକ୍ତ ପରିବାର ପାଖରେ ଉପସ୍ଥିତ ହୋଇ ସମସ୍ତ ବିଷୟ ଅନୁଧ୍ୟାନ କରି ସରକାରଙ୍କ ପରିବାର ମଙ୍ଗଳ ଯୋଜନାରୁ ୨୦ ହଜାର ଟଙ୍କା ସହାୟତା କରିବେ ବୋଲି କହିଥିଲେ।

# ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ବ୍ଲକ ସ୍ତରୀୟ କର୍ମଶାଳା



ବଡ଼ସାହି , ୧୪/୫ (ନି.ପ୍ର): ବଡ଼ସାହି ବ୍ଲକ କାର୍ଯ୍ୟାଳୟ ସ୍ଥିତ ସମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ମୟୁରଭଞ୍ଜଙ୍କ ତଥା ବ୍ଲକ ପ୍ରଶାସନଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ବ୍ଲକ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନଜା ଦାସ, ଯୋଗ ଦେଇଥିଲେ । ପ୍ରାରମ୍ଭ ରେ ଜିପିଡିଓ ଅବିନାଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ଥିଲା ବେଳେ ବିଡ଼ିଓ ବିପର୍ଯ୍ୟୟ ପରିଚାଳନାରେ ବିପଦ ହ୍ରାସ ନିମନ୍ତେ ପ୍ରଥମ କରି ନୂତନ ଚିନ୍ତାଧାରା ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ କୁ ପରିସରଭୁକ୍ତ କରାଯାଇଛି ବୋଲି ପ୍ରକାଶ କରିଥିଲେ । ଜରୁରୀକାଳୀନ କାର୍ଯ୍ୟାଳୟ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଯୋଗବନ୍ଧୁ ମହାନ୍ତି କର୍ମଶାଳା ର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ପାୱାର ପ୍ରୋଜେକ୍ଟର ମାଧ୍ୟମରେ ସମସ୍ତ ଉପାଦେୟ ବିଷୟଗୁଡିକ ବୁଝାଇବା ସହିତ ଦଳଗତ ଆଲୋଚନା କରିଥିଲେ କ୍ଷ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସିଡିପିଓ, ଗୋଷ୍ଠୀ ଶିକ୍ଷା/ ଅଗ୍ନିଶମ / ଗୋଷ୍ଠୀ ଭେଟିନାରୀ ବିଭାଗ ର ପ୍ରତିନିଧି,ମାର୍କେଟିଙ୍ଗ ଇନିସ୍ପେକ୍ଟର , ଜେଇ, ଆର ଡ଼ୁ ଏସ ଏସ, ବି ପି ସି, ବି ପି ଏମ, ଏ ପି ସି, ଡବ୍ଲୁ ଇ ଓ ,ଶାଳଗାଁ, ମାନଗୋବିନ୍ଦପୁର ପଂଚାୟତ ନିବାହିଁ ଅଧିକାରୀ , ସରପଞ୍ଚ, ସମିତି ସଭ୍ୟ ,ସହକାରୀ କୃଷି ଅଧିକାରୀ,ଉଦ୍ୟାନ ବିଭାଗ ର ଏଚ ଓ, ରାଜସ୍ୟ ନିରୀକ୍ଷକ, ବିଏସଏସଓ କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ନୋଡାଲ ଏନଜିଓ 'ସଂକଳ୍ପ'' ର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ଶାଳଗାଁ,ମାନଗୋବିନ୍ଦପୁର ପଂଚାୟତ ରେ କର୍ମଶାଳା ଓ ଦୁଇ ଦିନିଆ ଗୋଷ୍ଠୀ ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ତାଲିମ ଆସନ୍ତା ଜୁନ ମାସରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇ ଥିଲେ କ୍ଷ ଶେଷରେ ଫୋର୍ଡ଼ ର ସନ୍ତୋଷ କୁମାର ଖଣ୍ଡା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟବହାର କରିନଥିବା ଜମି ଫେରାଇବେ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୧୪/୫ (ନି.ପ୍ର): ବ୍ୟବହାର କରିନଥିବା ଜମି ଫେରାଇବେ ଶିକ୍ଷାନୁଷ୍ଠାନ। ଏହି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ ଜିଲ୍ଲାରେ କେତେ ଜମି ଶିକ୍ଷ ମାନେ ନେଇଥିଲେ, କେତେ ବ୍ୟବହାର କରିଛନ୍ତି ଏବଂ କେତେ ଦୁର୍ବ୍ୟବହାର କରୁଛନ୍ତି ତାର ରିପୋର୍ଟ ଜିଲ୍ଲାପାଳ ୨ ମାସ ଭିତରେ ଦେବେ। ଖୁବଶୀଘ୍ର ରାଜସ୍ୱ ବିଭାଗ ଏବଂ ଶିକ୍ଷ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏନେଇ ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖିବେ। ଶିକ୍ଷାନୁଷ୍ଠାନ ମାନେ ଶିକ୍ଷ ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକତା ଠାରୁ ଅଧିକ ଜମି ନେଇଛନ୍ତି । ଆଉ ସେହି ଜମିକୁ ୧୦ - ୧୫ ବର୍ଷ ଯାଏଁ ରଖିଲା ପରେ ମଧ ବ୍ୟବହାର କରିନାହାନ୍ତି।

# ବାଲିଆପାଳ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସ୍ୱର୍ଗତ ଜଗନ୍ନାଥ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବାଲିଆପାଳ ୧୪.୫(ଆପ୍ର) ବାଲିଆପାଳ ବ୍ଲକ କଟୁଆପଡାସ୍ଥିତ ଗୁରୁକୁଳ ଭବନ ପରିସରରେ ଶିକ୍ଷକ ସମନ୍ୱୟ ସମିତି ବାଲିଆପାଳ ପକ୍ଷରୁ ବାଲିଆପାଳର ଗୌରବ, ବିଶିଷ୍ଟ ଶିକ୍ଷକ ନେତା ସ୍ୱର୍ଗତ ଜଗନ୍ନାଥ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସମନ୍ୱୟ ସମିତିର ସଭାପତି ବିଶ୍ୱମ୍ବର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଭାତ ରଞ୍ଜନ ସାହୁ,ସମିତିର ଆବାହକ ସୁଶାନ୍ତ କୁମାର ଗିରି ,ସଂପାଦକ ପୂର୍ଣ୍ଣେନ୍ଦୁ ଦାସ,ପ୍ରାଥମିକ ଶିକ୍ଷକ ସଂଘର ଏନପିଏସର ସଭାପତି ସୁବାଷ ଚନ୍ଦ୍ର ଭଞ୍ଜ, ସଂପାଦକ ନିତାଇ ଚରଣ ରାଉଳ, ଶିକ୍ଷକ ନେତା ମାୟାଧର ପରିଡା ,ଆଦିତ୍ୟ କୁମାର ରାଉତ, ମନ୍ମଥ କୁମାର ବିଶ୍ୱାଳ, ସନ୍ତୋଷ କୁମାର ଜେନା, ଦୀପକ କୁମାର ନାୟକ, ଧନଞ୍ଜୟ ଚରଣ ଦେ ,ବ୍ୟୋମକେଶ ସାହୁ,ବଂଶୀଧର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଭାବେ ଶିକ୍ଷକ ମାନଙ୍କର ବହୁ ସମସ୍ୟାର ସମାଧାନ କରିଥିଲେ ବୋଲି ପ୍ରକାଶ କରିଥିଲେ । ବାଲିଆପାଳର ସୁଯୋଗ୍ୟ ସନ୍ତାନ ଭାବେ ତାଙ୍କ ସ୍ଥାନ କେହି ନେଇ ପାରିବେ ନାହିଁ ବୋଲି ବକ୍ତା ମାନେ କହିବା ସହିତ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ ଅମରାତ୍ମାର ସଦଗତି କାମନା କରିଥିଲେ। ଶେଷରେ ଶିକ୍ଷକ ମହେନ୍ଦ୍ର ପଡିଆରୀ ଧନ୍ୟବାଦ ଦେଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida